


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ◻ ବୁଧବାର ୦୩ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 03 December 2025

Vol.No. 36 ■ No.318 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଏସ୍ଆଇଆରକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ

## ଆଲୋଚନା ପାଇଁ ରାଜି ହେଲେ ସରକାର



ନୂଆଦିଲ୍ଲୀ,୦୨/୧୨ : ଦେଶର ୧୨ ରାଜ୍ୟରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆର ଉପରେ ଆଲୋଚନା କରିବାକୁ ରାଜି ହୋଇଛନ୍ତି କେନ୍ଦ୍ର ସରକାର । ଏସ୍ଆଇଆର ବା ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀ ଦୁଇ ଦିନ ହେଲା ସଂସଦର ଉଭୟ ସଦନକୁ ଚଳାଇ ଦେଉ ନାହାନ୍ତି । ଶୀତ ଅଧିବେଶ ଆରମ୍ଭରୁ ଏସ୍ଆଇଆର ତାତି ଦେଖିବାକୁ ମିଳିଛି । ବିରୋଧୀ ସାଂସଦମାନେ ଏସ୍ଆଇଆର ଉପରେ ଆଲୋଚନା ଦାବି କରି ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରୁଛନ୍ତି । ଦୁଇ ଦିନ ହେଲା ଗୃହ କାର୍ଯ୍ୟ ଚାଲି ପାରୁ ନଥିବାରୁ ଶେଷରେ ସରକାର ଏସଆଇଆର ପ୍ରସଙ୍ଗରେ ଗୃହରେ ଆଲୋଚନା ପାଇଁ ରାଜି ହୋଇଛନ୍ତି । ଭୋଟର ତାଲିକା ଶୁଦ୍ଧି କରଣ ଉପରେ ସମସ୍ତ ପ୍ରକାରର ଆଲୋଚନା ପାଇଁ ସରକାର ରାଜି ଥିବା ଘୋଷଣା କରିଛନ୍ତି । ତେବେ ଚଳିତ ସପ୍ତାହରେ ନୁହେଁ, ବରଂ ଡିସେମ୍ବର ୧୦ରେ ସରକାର ଏହି ପ୍ରସଙ୍ଗରେ ବିତର୍କ କରିବାକୁ ଚାହୁଁଥିବା ଜଣାପଡ଼ିଛି । ଏଥିରେ ବିରୋଧୀ ରାଜି ହେଉଛନ୍ତି କି ନାହିଁ, ତା'ହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ସୂତ୍ରରେ କୁହାଯାଇଛି ଯେ "ଏସ୍ଆଇଆର ଉପରେ କୌଣସି ଆଲୋଚନା ସମ୍ଭବ ନୁହେଁ । ଯଦି ବିରୋଧୀ ଏଭଳି ଆନ୍ଦୋଳନ ଜାରି ରଖିବେ, ତା'ହେଲେ ସରକାର ନିଜର ବିଲ ସହ ଆଗକୁ ବଢ଼ିବେ ।" ସରକାରୀ ସୂତ୍ରରେ ଆହୁରି କୁହାଯାଇଛି ଯେ ସରକାର ପ୍ରଥମେ ୧୫୦ ବର୍ଷ ପୁରୁଣା ବନ୍ଦେ ମା'ତରମ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛନ୍ତି । ନଭେମ୍ବର ୭ରେ ବନ୍ଦେ ମା'ତରମର ୧୫୦ ବର୍ଷ ପୂର୍ତ୍ତି ରହିଥିବାରୁ ଏହାକୁ ପ୍ରଥମେ ଗୁରୁତ୍ୱ ଦେବାକୁ ଚାହୁଁଛନ୍ତି ସରକାର । କିନ୍ତୁ ବିରୋଧୀ ଏସ୍ଆଇଆର ବା ସରକାରୀ ଭାଷାରେ ନିର୍ବାଚନୀ ସଂସ୍କାର ଉପରେ ପ୍ରଥମେ ଆଲୋଚନା ହେବା ଜିଦରେ ଅଟଳ ରହିଛନ୍ତି । ପ୍ରଥମେ ଏସ୍ଆଇଆର ଓ ଏହାପରେ ୧୫୦ ବର୍ଷ ପୁରୁଣା ବନ୍ଦେ ମା'ତରମ ଆଲୋଚନା ବୋଲି ବିରୋଧୀ ମତ ରଖିଛନ୍ତି । ଶୀତ ଅଧିବେଶନ ସୋମବାର ଠାରୁ ଆରମ୍ଭ ହୋଇଥିବା ବେଳେ ଦୁଇ ଦିନ ହେଲା ଏସ୍ଆଇଆର ପ୍ରସଙ୍ଗ ଉଠାଇ ବିରୋଧୀ ଗୃହକୁ ଅଚଳ କରିଛନ୍ତି । ଏସ୍ଆଇଆର ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ଓ ଜଣଙ୍କ ପରେ ଜଣେ ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓ କାମ ଚାପ ଯୋଗୁ ପ୍ରାଣ ହରାଉଥିବାରୁ ବିରୋଧୀ ଏହାକୁ ପ୍ରମୁଖ ପ୍ରସଙ୍ଗ ଭାବେ ଉପସ୍ଥାପନ କରିଛନ୍ତି । ସୋମବାର ଭଳି ମଙ୍ଗଳବାର ବିରୋଧୀ ଏସ୍ଆଇଆର ପ୍ରସଙ୍ଗ ଉଠାଇବାରୁ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ଏହି ପ୍ରସଙ୍ଗରେ ବିଭିନ୍ନ ରାଜନୀତିକ ଦଳ ସହ ଆଲୋଚନା କରିବେ ବୋଲି କହିଛନ୍ତି । ▶▶ପୃଷ୍ଠା ୭

## ଦୋଷ ମାନିଲେନି: କ୍ଷମା ମାଗିଲେ ଶୁଭଙ୍କର



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ପ୍ରେମୀ ଯୁଗଳ ଜଗନ୍ନାଥ ମନ୍ଦିର ଯିବା ନେଇ ଦେଇଥିବା ବିବାଦୀୟ ବୟାନକୁ ନେଇ କ୍ଷମା ମାଗିଲେ ୟୁଟ୍ୟୁବର ଶୁଭଙ୍କର ମିଶ୍ର । କହିଲେ, ମୁଁ କହିଥିବା କଥା କଳ୍ପନା ନୁହେଁ କି ମନରୁ କହିନି । ବିଭିନ୍ନ ୱେବସାଇଟ୍‌ରେ ବହୁପୂର୍ବରୁ ଏହା କୁହାଯାଇଛି । ଅଭିଯୋଗ ଆସିବା ପରେ ଭିଡିଓ ହଟାଇ ଦେଇଛି । ମୁଁ କୌଣସି ଗୁଜବ ପ୍ରଚାର କରିନି । ଶୁଭଙ୍କର ମିଶ୍ରଙ୍କ ପାଇଁ ବିବାଦୀୟ ବୟାନକୁ ନେଇ ଅଡୁଆ ବଢ଼ିଥିଲା । ସିଂହଦ୍ୱାର ଥାନାରେ ଏତାଲା ଦେଇଥିଲେ ବରିଷ୍ଠ ସେବକ ଗୌରହରି ପ୍ରଧାନ । ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ବିଷୟରେ ସୋସିଆଲ ମିଡିଆରେ ଅପପ୍ରଚାର କରିଥିଲେ ଶୁଭଙ୍କର । ସମଗ୍ର ଓଡ଼ିଶାରେ ଶୁଭଙ୍କରଙ୍କ ପ୍ରତିକ୍ରିୟାକୁ ନେଇ ହୋଇଥିଲା ସମାଲୋଚନା । ପ୍ରେମୀଯୁଗଳ ବିବାହ ପୂର୍ବରୁ ଶ୍ରୀମନ୍ଦିର ଆସିଲେ ସେମାନେ ବିବାହ କରିପାରିବେ ନାହିଁ ବୋଲି କହିଥିଲେ ଶୁଭଙ୍କର । ଶ୍ରୀମନ୍ଦିର ଉପରେ ରାଧାରାଣୀଙ୍କ ଅଭିଶାପ ପଡିଛି ବୋଲି କହିଥିଲେ ଶୁଭଙ୍କର । ଗତକାଲି ଜିଲ୍ଲାପାଳ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

## ଭତ୍ତାବୃଦ୍ଧି ଦାବିରେ ୧୧ରେ ବିଧାନସଭା ଘେରିବେ ଆଶା କର୍ମୀ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): ଆଶା କର୍ମୀଙ୍କ ଭତା ବୃଦ୍ଧି ଓ ନିୟମିତ ଭତା ପ୍ରଦାନ ଦାବିରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ତରଫରୁ ଡିସେମ୍ବର ୧୧ ବିଧାନସଭା ସମ୍ମୁଖରେ ବିଶାଳ ବିକ୍ଷୋଭ ସମାବେଶ ପାଇଁ ଆଜି ସଂଘର ଉପ ସଭାପତି ତୀର୍ଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆହ୍ୱାନ ଦିଆଯାଇଛି । ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ କହିଛନ୍ତି ଗତ ସଂଘ ତରଫରୁ ଆହୁତ ବିକ୍ଷୋଭ ସମୟରେ ଭତା ବୃଦ୍ଧି ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ଭତା ବୃଦ୍ଧି ଓ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି । ଆଶା କର୍ମୀଙ୍କ ବିଭିନ୍ନ ଦାବି ଯଥା ଭତା ବୃଦ୍ଧି ଓ ନିୟମିତ ଭାବେ ▶▶ପୃଷ୍ଠା ୭

## ଦିଲ୍ଲୀ ବିସ୍ଫୋରଣ: ଡାନିଶ ଫୋନରୁ ମିଳିଲା ସାଂଘାତିକ ତଥ୍ୟ



ନୂଆଦିଲ୍ଲୀ,୦୨/୧୨ : ଦେଶକୁ ଦୋହଲାଇ ଦେଇଥିବା ଦିଲ୍ଲୀ ଆତ୍ମଘାତୀ ଆତଙ୍କବାଦୀ ହମଲାର ସହ ଷଡ଼ଯନ୍ତ୍ରକାରୀ ଯଶିର ବିଲାଲ ୱାନି ଓରଫ ଡାନିଶ ଫୋନରୁ ମିଳିଛି ସାଂଘାତିକ ତଥ୍ୟ । ସେ ହମାସ ଷ୍ଟାଇଲ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିବାର ପ୍ରମାଣ ଜାତୀୟ ତଦନ୍ତକାରୀ ସଂସ୍ଥା ବା ▶▶ପୃଷ୍ଠା ୭

## ରାଜରାସ୍ତାରେ ଆୟୁଷ ଛାତ୍ରଛାତ୍ରୀ: ସରକାରଙ୍କୁ ମାଗିଲେ ଲିଖିତ ପ୍ରତିଶ୍ରୁତି



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ଦିବାରାତ୍ର ଧାରଣା ଆଜି ତୃତୀୟ ଦିନରେ ପହଞ୍ଚିଛି । ରାଜ୍ୟର ସମସ୍ତ ହୋମିଓପ୍ୟାଥି ଓ ଆୟୁର୍ବେଦିକ୍ କଲେଜ ସାମ୍ନାରେ ଚାଲିଛି ବିକ୍ଷୋଭ । ହେଲେ ପୂରଣ ହେଉନି ଦାବି । ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି ଦାବିପତ୍ର । ଡାକ୍ତରଖାନା ଛାଡ଼ି ଧାରଣାରେ ବସିଛନ୍ତି ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ହଜାର ହଜାର ଛାତ୍ରଛାତ୍ରୀ । ୮ ଦଫା ଦାବିରେ ରାଜ୍ୟର ସମସ୍ତ ହୋମିଓପ୍ୟାଥି ଓ ଆୟୁର୍ବେଦିକ କଲେଜ ଆଗରେ ଚାଲିଛି ଅହୋରାତ୍ର ଧାରଣା । ସେମାନଙ୍କ ଦାବି, ୨୦୦୨ ମସିହାରୁ ଆଜି ପର୍ଯ୍ୟନ୍ତ ନୂଆ ନିଯୁକ୍ତି ବାହାରିନାହିଁ । ଯେଉଁମାନେ ଦିନ ରାତି ଖଟୁଛନ୍ତି ସେମାନଙ୍କ ଚାକିରି ନିୟମିତ କରୁନାହାନ୍ତି ସରକାର । ବାରମ୍ବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେଉଛି, ହେଲେ ବାହାରୁନି ସମାଧାନର ବାଟ । ଲିଖିତ ପ୍ରତିଶ୍ରୁତି ନମିଳିଲେ, ଧାରଣାରୁ ଉଠିବେ ନାହିଁ । ଡିସେମ୍ବର ୩ ତାରିଖରୁ ଗାଣତାନ୍ତ୍ରିକ ଉପାୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଭୁବନେଶ୍ୱରରୁ ପୁରୀ, ସମ୍ବଲପୁରରୁ ବ୍ରହ୍ମପୁର ସବୁଠି ସମାନ ଚିତ୍ର । କଲେଜ ଗେଟ୍‌ରେ ତାଲା ପକାଇ ସରକାର ବିରୋଧୀ ନାରା ଦେଉଛନ୍ତି । ରାଜ୍ୟରେ ଯେତିକି ହୋମିଓପାଥି ଓ ଆୟୁର୍ବେଦିକ୍ କଲେଜ ରହିଛି, ସବୁଗୁଡିକ ଅବହେଳିତ । ନା ପୂର୍ବ ସରକାର ନା ବର୍ତ୍ତମାନର ସରକାର କେହି ଆୟୁଷ ଛାତ୍ରଛାତ୍ରୀଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେଉଛି, କିନ୍ତୁ ଫଳ ଶୂନ୍ । ସେପଟେ ଆୟୁଷ ଛାତ୍ରଛାତ୍ରୀଙ୍କ ଧାରଣା ଯୋଗୁଁ ଡାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି ।

## ବଜାରରେ ମିଳୁଛି ପୁଳାପୁଳା ନକଲି ମେଡିସିନ୍: ୪ ବର୍ଷରେ ୧୬୮ ନକଲି ଔଷଧ ଚିହ୍ନଟ



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ବଜାରରେ ବୁଲୁଛି ପୁଳା ପୁଳା ନକଲି ମେଡ଼ିସିନ । ୪ ବର୍ଷରେ ଚିହ୍ନଟ ହେଲାଣି ୧୬୮ ନକଲି ମେଡ଼ିସିନ । ଆଉ ୩୮୮ଟି ନିମ୍ନ ମାନର ମେଡ଼ିସିନ ଚିହ୍ନଟ କରାଯାଇଛି । ଗତ ୪ ବର୍ଷରେ ଅଢେଇ କୋଟିରୁ ଅଧିକ ଟଙ୍କାର ନକଲି ମେଡ଼ିସିନ ଜବତ କରିଛନ୍ତି ସରକାର । ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଲିଖିତ ଉତ୍ତରରେ ଏହି ତଥ୍ୟ ସାମ୍ନାକୁ ଆସିଛି । ୨୦୨୧ରୁ ୨୦୨୪-୨୫ ଭିତରେ ୧୬୮ ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି । ସେହିଭଳି ୩୮୮ଟି ନିମ୍ନ ମାନର ମେଡ଼ିସିନ ଯାହାକି ଆବଶ୍ୟକୀୟ ଗୁଣବତ୍ତା ଏବଂ ପ୍ରଭାବଶାଳୀ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛି । ୨୦୨୧ରେ ୭୯ଟି, ୨୦୨୨ରେ ୬୪ ଓ ୨୦୨୩ରେ ୧୪ଟି ନକଲି ଔଷଧ ଚିହ୍ନଟ ହୋଇଥିଲା । ୨୦୨୪ ରେ ୧୧ ଟି ନକଲି ମେଡ଼ିସିନ ଚିହ୍ନଟ ହୋଇଛି ।

## କଟକରେ ଭଙ୍ଗା ହେବ ବିପଦସଂକୁଳ କୋଠା: ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): କିଛିଦିନ ତଳେ କଟକରେ ଏକ ପୁରୁଣା କୋଠା ଭାଙ୍ଗି କିଛି ଲୋକଙ୍କ ମୃତ୍ୟୁ ହେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଥିଲା । ଏନେଇ ଏବେ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ଏକ ବଡ଼ ସୂଚନା ଦେଇଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି କି, କଟକରେ ଥିବା ସମସ୍ତ ବିପଦସଂକୁଳ ଠିଠା ଚିହ୍ନଟ କରାଯାଇ ଖୁବଶୀଘ୍ର ଭଙ୍ଗାଯିବ । ଏନେଇ କୋଠାଗୁଡିକୁ ଚିହ୍ନଟ କରିବାକୁ ଏକ ବିଶେଷ କମିଟିର ଗଠନ କରାଯାଇଥିବା କଥା ମଧ ମନ୍ତ୍ରୀ କହିଛନ୍ତି । ଏହି କମିଟି କଟକ ମହାନଗର ଅଧିନରେ ଥିବା ସମସ୍ତ ବିପଦ ସଂକୁଳ କୋଠାଗୁଡିକୁ ଚିହ୍ନଟ କରିବ । ଏବେ କମିଟିର ସଦସ୍ୟମାନେ ୱାର୍ଡରୁ ୱାର୍ଡ ବୁଲି ସର୍ଭେ କରୁଛନ୍ତି । ସର୍ଭେ କାମ ଶେଷ ହେଲେ ଚିହ୍ନଟ କରାଯାଇଥିବା ▶▶ପୃଷ୍ଠା ୭

## ରାଜନୈତିକ ବିବାଦରେ 'ସଂଚାର ସାଥୀ': ଅସାମ୍ବିଧାନିକ କହି ଘେରିଲେ ବିରୋଧୀ



ନୂଆଦିଲ୍ଲୀ,୦୨/୧୨ : ରାଜନୈତିକ ବିବାଦରେ 'ସଂଚାର ସାଥୀ' । ଅସାମ୍ବିଧାନିକ କହି ଘେରିଲେ ବିରୋଧୀ । ଗୁପ୍ତଚରୀ ଆପ୍ କହି କଂଗ୍ରେସର ସମାଲୋଚନା । ଅପୋଜିସନଙ୍କୁ ସାଇବର ସୁରକ୍ଷା ପାଠ ପଢାଇଲେ ସିନ୍ଧିଆ । ସାଇବର୍ ସୁରକ୍ଷା ଆପ୍ ସଂଚାର ସାଥୀକୁ ନେଇ ବିରୋଧୀଙ୍କ ହଙ୍ଗାମା । ସବୁ ମୋବାଇଲ୍ କମ୍ପାନୀଙ୍କୁ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ୍ ପାଇଁ ଟେଲିକମ୍ ବିଭାଗର ନିର୍ଦ୍ଦେଶ ପରେ ବଢିଲା ବିବାଦ । ଗୋପନୀୟତା ଅଧିକାର ଉଲ୍ଲଂଘନ ଅଭିଯୋଗ ଆଣି କେନ୍ଦ୍ର ଉପରେ ବର୍ଷିଛନ୍ତି ବିରୋଧୀ ଦଳ । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହାକୁ ଗୁପ୍ତଚରୀ ଆପ୍ କହି ସଂଗୀନ ଅଭିଯୋଗ ଉଠାଇଥିବାବେଳେ ରାଜ୍ୟସଭା ସାଂସଦ କେ.ସି. ବେଣୁଗୋପାଳ କହିଛନ୍ତି, ବିଗ୍ ବ୍ରଦର ଆମ ଉପରେ ନଜର ରଖିପାରିବେ ନାହିଁ । ଏହାକୁ ପ୍ରତ୍ୟେକ ଭାରତୀୟଙ୍କ ଉପରେ ନଜର ରଖିବା ପାଇଁ ଡିଜାଇନ୍ କରାଯାଇଛି । ଯାହାର କଡ଼ା ଜବାବ ରଖିଛନ୍ତି କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ । ବିରୋଧୀଙ୍କୁ ସାଇବର ସୁରକ୍ଷା ପାଠ ପଢାଇ ସିନ୍ଧିଆ କହିଛନ୍ତି, ସଞ୍ଚାର ସାଥୀ ଆପ୍ ସମ୍ପୂର୍ଣ୍ଣ ରୂପେ ଇଚ୍ଛାଧୀନ । ଏହା କୌଣସି ବାଧ୍ୟତାମୂଳକ କିମ୍ବା ଗୁପ୍ତଚରୀ ନୁହେଁ । ଲୋକେ ଚାହିଁଲେ ମୋବାଇଲରୁ ଆପକୁ ହଟାଇ ପାରିବେ । ବିରୋଧୀ ଦଳ କେବଳ ଲୋକଙ୍କୁ ଭ୍ରମିତ କରୁଛନ୍ତି । ଏହି ଆପ୍ ମୋବାଇଲ୍ ବ୍ୟବହାରକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲଞ୍ଚ କରାଯାଇଥିବା ସ୍ପଷ୍ଟ କରିଛନ୍ତି ସିନ୍ଧିଆ । ତେବେ କଣ ଏହି ସଂଚାର ସାଥୀ ? କାହିଁକି ସଂଚାର ସାଥୀକୁ ନେଇ ବିବାଦ ? ସଂଚାର ସାଥୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏକ ସାଇବର୍ ସୁରକ୍ଷା ଟୁଲ୍ । ଯାହା ଗତ ଜାନୁଆରୀ ୧୭ ତାରିଖରେ ଲଞ୍ଚ୍ ହୋଇଥିଲା । ଫୋନର ଓଗରଓ ନମ୍ବର ବ୍ୟବହାର କରି ତାହାର ସତ୍ୟତା ଯାଞ୍ଚ କରିବାକୁ ଅନୁମତି ଦେଇଥାଏ ଏହି ଆପ୍ । ବିଶେଷକରି ନକଲି ଓଗରଓ ନମ୍ବର ସ୍କାମ୍, ସାଇବର ଠକେଇ ଓ ଫୋନ୍ ଚୋରି ରୋକିବାରେ ସହାୟକ ହୋଇଥାଏ । ଓଗରଓ ନମ୍ବର ଚେକ୍ କରି ଚୋରି କିମ୍ବା ହଜିଯାଇଥିବା ଫୋନକୁ ବ୍ଲକ୍ କରିବାର କ୍ଷମତା ରଖିଛି । ଏହି ସାଇବର୍ ଟୁଲ୍ ପୋଲିସକୁ ଡିଭାଇସ୍ ଟ୍ରେସ୍ କରିବାରେ ମଧ ସହାୟ ହୋଇଥାଏ । ରିପୋର୍ଟ ଅନୁସାରେ ୭ ଲକ୍ଷରୁ ଅଧିକ ଚୋରି ଫୋନ୍ ଫେରାଇ ଆଣିବାରେ ସହାୟକ ହୋଇଛି ସଂଚାର ସାଥୀ । ଏହି ଆପକୁ ସବୁ ନୂଆ ଫୋନରେ ପ୍ରି ଇନଷ୍ଟଲ୍ ସହିତ ପୁରୁଣା ଫୋନରେ ସଫ୍ଟୱେର୍ ଅପଡେଟ୍ ଜରିଆରେ ଇନଷ୍ଟଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୯୦ ଦିନ ଭିତରେ ସମସ୍ତ ନୂତନ ଡିଭାଇସରେ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ୍ କରିବାକୁ ମୋବାଇଲ୍ କମ୍ପାନୀଙ୍କୁ କୁହାଯାଇଛି । ତେବେ ରାଜନୈତିକ ବିବାଦ ଭିତରେ ସଞ୍ଚାର ସାଥୀକୁ ଆପଲ୍ ତରଫରୁ ବିରୋଧ କରାଯିବ ବୋଲି ସୂଚନା ମିଳିଛି । ନିଜର ସ୍ମାର୍ଟଫୋନରେ ଆପଲ୍ ଏହି ଆପକୁ ପ୍ରିଲୋଡ୍ ନକରିବାକୁ ଯୋଜନା କରୁଛି । ତେବେ ଏନେଇ କମ୍ପାନୀ ତରଫରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନି ।

## ବଦଳିଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ନାମ: ନୂଆ ନାଁ ହେଲା 'ସେବାତୀର୍ଥ'



ନୂଆଦିଲ୍ଲୀ,୦୨/୧୨ : ବଦଳିଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ନାମ । ଏଣିକି ପିଏମଓ ସେବାତୀର୍ଥ ନାଁରେ ଜଣାଯିବ । କାରଣ ପିଏମଓର ନାଁ ବଦଳି ହୋଇଛି ସେବାତୀର୍ଥ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେବାତୀର୍ଥ ନାମରେ ନାମିତ ହେବା ସହ ବିଚାର ମଧ୍ୟ ବଦଳିଲା । ପରିବର୍ତ୍ତିତ ନାମରେ ରହିଛି ଜନକଲ୍ୟାଣ ବାର୍ତ୍ତା । ଏହିକ୍ରମରେ କେନ୍ଦ୍ର ସଚିବାଳୟ ନାମ ହେଲା କର୍ତ୍ତବ୍ୟ ଭବନ । ପିଏମଓର କାର୍ଯ୍ୟଶୈଳୀ ଏବଂ ସାର୍ବଜନୀନ ସେବା ପ୍ରତି ସମର୍ପଣ ଭାବକୁ ସ୍ୱୀକୃତି ଦେଇ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏହି ପରିବର୍ତ୍ତନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପିଏମଓକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଲଭ କରିବା, ଯାହା ଦ୍ୱାରା ଲୋକମାନେ ସେମାନଙ୍କର ସମସ୍ୟା ଏବଂ ପରାମର୍ଶଗୁଡ଼ିକୁ ସହଜରେ କହିପାରିବେ । ତେବେ ସମାନ କମ୍ପ୍ଲେକ୍ସରେ ଥିବା 'ସେବା ତୀର୍ଥ-୨' ଏବଂ 'ସେବା ତୀର୍ଥ-୩' କୋଠାରେ କ୍ୟାବିନେଟ ସଚିବାଳୟ ଏବଂ ▶▶ପୃଷ୍ଠା ୭

# ବହୁଦିନ ପ୍ରତୀକ୍ଷାର ଘଟିଲା ଅନ୍ତ: ଫତେପୁର ପଂଚାୟତ କାର୍ଯ୍ୟାଳୟର ଶିଳାନ୍ୟାସ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଭଦ୍ରକ,୦୨/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଫତେପୁର ପଂଚାୟତ ୨୦୧୭ରୁ ନୂତନ ପଂଚାୟତ ଭାବେ ମାନ୍ୟତା ପାଇଥିଲା ।ପରେ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସ୍ଥାନ ନିରୂପଣ ନେଇ ବିବାଦ ଉପୁଜିଥିଲା । ଏହି ବିବାଦ ହାଇକୋର୍ଟରେ ପହଂଚିବାରୁ ପଂଚାୟତ ନିର୍ମାଣ କାର୍ଯ୍ୟରେ ପୂର୍ଣଛେଦ ପଡିଥିଲା। ଶେଷରେ ହାଇକୋର୍ଟ ପକ୍ଷରୁ ଜାରି ହୋଇଥିବା ରହିତାଦେଶ ଉଠିଯିବା ପରେ ରବିବାର ପଂଚାୟତ କାର୍ଯ୍ୟାଳୟର ଶିଳାନ୍ୟାସ କରାଯାଇଛି । ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟର ଶିଳାନ୍ୟାସ କରିକହିଥିଲେ ଯେ,ପଂଚାୟତ କାର୍ଯ୍ୟାଳୟ ନିର୍ମାଣହେଲେ ଲୋକ ମାନେ ନିଜନିଜ କାର୍ଯ୍ୟ ପଂଚାୟତ କାର୍ଯ୍ୟାଳୟକୁ ଆସି କରି ପାରିବେ ।ଯାହାଫଳରେ ପଂଚାୟତବାସୀଙ୍କର ବହୁଦିନ ପ୍ରତୀକ୍ଷାର ଅନ୍ତଘଟିଛି ।ଏହି ଶିଳାନ୍ୟାସ ଉତ୍ସବରେ ପଂଚାୟତର ସରପଂଚ ପ୍ରଦୀପ ବଳ ନିଜର ଶକ୍ତି ପ୍ରଦର୍ଶନକରି ଦେଖାଇଥିଲେ। ଗୋଳାପୋଖରୀ ଛକ ବାଜା,ରୋଷଣୀ ଓ ଲୋକଙ୍କ ସମାଗମରେ ଦୁଲୁକି ଉଠିଥିଲା। ଶତାଧିକ ମହିଳା ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛଦେଇ ସ୍ୱାଗତ ଜଣାଇଥିଲେ। ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ୩୫ଲକ୍ଷ ଟଙ୍କା ବ୍ୟୟଅଟକଳ କରାଯାଇଛି। ପରେ ପଂଚାୟତ ଭବନ ନିର୍ମାଣ ବାବଦକୁ ମଧ୍ୟ ୩୫ଲକ୍ଷ ଟଙ୍କା ବିନିଯୋଗ ହେବ ବୋଲି ଜଣାଯାଇଛି । ମନ୍ତ୍ରୀ ସୁରଜଙ୍କୁ ଏକ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ନିଆଯାଇଥିଲା । ବିଡ଼ିଓ ନିରଞ୍ଜନ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ,ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ପିଇଓ ଶୁଭ୍ରାଂଶୁ ତ୍ରିପାଠୀ,ଭାଜପା ବରିଷ୍ଠ ନେତା ରଘୁନାଥ ପାତ୍ର, ମଣ୍ଡଳ ସଭାପତି ସରୋଜ ନାୟକ, କେଶବ ବେହେରା, ସରପଂଚ ଶୁଭ୍ର ନାରାୟଣ ସେଠୀ, ସଂଜୀବ ବେହେରା,କୁନ୍ତଳା ମଲିକ,ଅଜୟ ମହାନ୍ତି, ପୂର୍ବତନ ସରପଂଚ ଉଷାକାନ୍ତ ନାୟକ, ଝରଣା ଜେନା, ଭରତ ସାହୁ, ପ୍ରମୋଦ ଦାସ, ସମିତିସଭ୍ୟ ଦେବେନ୍ଦ୍ର ଦାସ, ଉମାକାନ୍ତ ଦାସ, ଦେବେନ୍ଦ୍ର ପୁହାଣ, ରତିକାନ୍ତ ମହାକୁଡ଼, ଅମୀୟଚାନ୍ଦ ନାୟକ, ନିଶିକାନ୍ତ ଭଟରାୟ, ବିଦ୍ୟାଧର ପ୍ରଧାନ,ଅଜୟ ରାଉତ,ପ୍ରଦୋଷ ସ୍ୱାଇଁ,ସୂର୍ଯ୍ୟ ନାରାୟଣ ଭୋଇ, ଅଜୟ ମହାପାତ୍ର,ଦେବବ୍ରତ ପାଢ଼ୀ,ବିଚିତ୍ର ବାରିକ,ସନାତନ ମିଶ୍ର, ଶଶୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ୨୦୧୭ରେ ଫତେପୁର ନୂତନ ପଂଚାୟତର ମାନ୍ୟତା ପାଇଥିଲା । ତେବେ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରପଂଚ ପ୍ରଦୀପ ବଳ ଉଦ୍ୟମ କରିଥିଲେ । ଫତେପୁର ମୌଜାରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରପଂଚ ବଳ ଓ ତାଙ୍କ ସମର୍ଥକମାନେ ଚାହୁଁଥିବା ବେଳେ ପ୍ରତିପକ୍ଷ ଏହାକୁ ବିରୋଧ କରି ଗୋଳାପୋଖରୀ ମୌଜାରେ ନିର୍ମାଣ ପାଇଁ ଦାବି କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହାକୁ ଚ୍ୟାଲେଞ୍ଜ କରି ସରପଂଚ ବଳ ମଧ୍ୟ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ତେବେ ଏହି ବାଦାନୁବାଦ ପାଇଁ ପଂଚାୟତ କାର୍ଯ୍ୟାଳୟ ପାଇଁ ମିଳିଥିବା ୩୫ଲକ୍ଷ ଟଙ୍କା ଅନୁଦାନ ବିନିଯୋଗ ହୋଇନପାରି ପଡିରହିଥିଲା । ଏହି ବିବାଦ ଯୋଗୁଁ ଉଭୟ ସରପଂଚ ଓ ପଂଚାୟତବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ । ପରେ ବିଡ଼ିଓ ଶ୍ରୀ ବାରିକ ଫତେପୁର ମୌଜାରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ତଥ୍ୟ ଭିତିକ ରିପୋର୍ଟ ହାଇକୋର୍ଟକୁ ପ୍ରଦାନ କରି ରହିତାଦେଶ ଖାରଜ ପାଇଁ ନିବେଦନ କରିଥିଲେ । ତେବେ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ହେବାପରେ ପଂଚାୟତବାସୀଙ୍କୁ ଏକ ସ୍ଥାୟୀ ଠିକଣା ମିଳିବ ବୋଲି ଆଲୋଚନା ହେଉଛି । ନାଏବ ସରପଂଚ ଦ୍ରୌପଦୀ ବେହେରା, ପଂଚାୟତ ସଭାପତି ପ୍ରଶାନ୍ତ ବାରିକ, ରବିନ୍ଦ୍ର ଜେନା, ସୁବାସ ଜେନା, ମନୋରମା ବାରିକ, ହିମାଂଶୁ ଶେଖର ନାୟକ, ଅନନ୍ତ ନାୟକ,ବିଶ୍ୱଜିତ ମିଶ୍ର, ପ୍ରଦୀପ ନାୟକ, ଦେବେନ୍ଦ୍ର ନାୟକ,ଅମର ଜେନା,ଦେବେନ୍ଦ୍ର ନାୟକ, ନିରାକାର ବେହେରା, ଦୋଳ ଗୋବିନ୍ଦ ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖାରବେଳ ଭବନରେ ଶିଶୁବାଟିକା କଳିକା ଉଦ୍ଘାଟିତ

ଭୁବନେଶ୍ୱର,୦୨/୧୨ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୋମବାର ଖାରବେଳ ଭବନରେ ଏକ ଶିଶୁବାଟିକା "କଳିକା" ଉଦ୍ଘାଟନ କରିଛନ୍ତି । ଫଳରେ ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ଏହି ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ-ଜୀବନ ସନ୍ତୁଳନକୁ ମଜବୁତ କରିବ ଏବଂ ଅନ୍ତର୍ଭୁକ୍ତ, ସହାନୁଭୂତିଶୀଳ କାର୍ଯ୍ୟକ୍ଷେତ୍ର ସହାୟତା ପ୍ରଣାଳୀରେ ଆଉଏକ ପଦକ୍ଷେପ ଆଗକୁ ବଢାଇବ। ରଙ୍ଗୀନ କାର୍ଯ୍ୟକଳାପ ସ୍ଥାନ, ତାଲିମପ୍ରାପ୍ତ ଯତ୍ନକାରୀ ଏବଂ ଶିକ୍ଷା, ଖେଳ ଏବଂ କଲ୍ୟାଣ ପାଇଁ ଡିଜାଇନ୍ ହୋଇଥିବା ପରିବେଶ ସହିତ, ପିତାମାତା-ବିଶେଷକରି ମା '-ବିନା ଚାପରେ କାମ ଉପରେ ଧ୍ୟାନ ଦେଇପାରିବେ ବୋଲି ନିଶ୍ଚିତ କରିବା ସହିତ ପିଲାମାନଙ୍କ ବିକାଶ ଦିଗରେ ସାହାଯ୍ୟ କରିବାକୁ କଳିକା ଲକ୍ଷ୍ୟ ରଖିଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ୍ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି କହିଲେ, ମାତୃତ୍ୱ ଏବଂ ବୃତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା "କଳିକା" ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯେତେବେଳେ କର୍ମଚାରୀମାନେ ସମର୍ଥିତ ଅନୁଭବ କରନ୍ତି, ଉତ୍ପାଦକତା ଏବଂ ମର୍ଯ୍ୟାଦା ଏକାଠି ବଢିଥାଏ। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ କଳିକା ପରି ଏକ ଶିଶୁ ଅନୁକୂଳ ସ୍ଥାନ ବାର୍ତ୍ତା ପଠାଇଥାଏ- ଯତ୍ନ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ। ଏହି ପଦକ୍ଷେପ କର୍ମଜୀବୀ ମା 'ଙ୍କ ଜୀବନ କୁ ସହଜ କରିବ ଏବଂ ଏକ ପରିବେଶ ସୃଷ୍ଟି କରିବ ଯେଉଁଠାରେ ପିଲାମାନେ ପ୍ରେମ, ଶିକ୍ଷା ଏବଂ ନିରାପତା ସହିତ ବିକଶିତ ହୋଇପାରିବେ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଅଂଶଗ୍ରହଣ କରି କର୍ମଚାରୀ କଲ୍ୟାଣ ଓ ଶିଶୁ କେନ୍ଦ୍ରିକ ସୁବିଧା ବୃଦ୍ଧି ପାଇଁ ସହଭାଗୀ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। କଳିକା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ ସଂସ୍ଥାର କମର୍ତ୍ତା ମାନେ ମଧ୍ୟ ଉପସ୍ଥିତ ଥିଲେ ।

# ଜିଆରପି କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଉରକେଲା,୦୨/୧୨ (ନି.ପ୍ର): ରାଉରକେଲା ରେଳବାଇ ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଜିଆରପି କନଷ୍ଟେବଲଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ପୋଲିସ । ଉଦିତନଗର ବାସନ୍ତୀ କଲୋନୀ ସ୍ଥିତ ତାଙ୍କ ବାସଭବନରୁ ଏହି ଝୁଲନ୍ତା ଶବ ଆଜି ସକାଳେ ଉଦ୍ଧାର ହୋଇଛି । ମୃତକଙ୍କ ନାମ ଶେଖ ଅହମ୍ମଦ ହୁସେନ (୪୮)। ସେ ତାଙ୍କ ସ୍ତ୍ରୀ ନମିତା ମହତାବଙ୍କ ସହିତ ଏହି କଲୋନୀରେ ରହୁଥିଲେ। ରବିବାର ରାତିରେ ଏହି ଘଟଣା ଘଟିଥିବା କୁହାଯାଉଛି । ଘଟଣା ସମୟରେ ତାଙ୍କ ସ୍ତ୍ରୀ ଅନ୍ୟ ଏକ କୋଠରୀରେ ଶୋଇଥିଲେ। ଆଜି ସକାଳେ ନମିତା ତାଙ୍କ ସ୍ୱାମୀଙ୍କୁ ଉଠାଇବା ପାଇଁ କବାଟ ବାଡ଼େଇଥିଲେ, ହେଲେ ଭିତରୁ କୌଣସି ଉତର ମିଳିନଥିଲା । ଫଳରେ ତାଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ନମିତା ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ । ଉଦିତନଗର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ରାଉରକେଲା ସରକାରୀ ହସ୍ପିଟାଲକୁ ପଠାଇଛି । ମାମଲାର ତଦନ୍ତ ଆରମ୍ଭ କରିଛି ପୋଲିସ । ତେବେ ମୃତ୍ୟୁର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ମୃତକଙ୍କ ଜଣେ ଝିଅ ଅଛନ୍ତି। ଯିଏକି ବାଙ୍ଗାଲୋରରେ କାମ କରନ୍ତି।

# ସତର୍କତା ଓ ସଚେତନତା ହିଁ ଏଡସ୍ ସଂକ୍ରମଣ ରୋକିପାରେ

ପୁରୀ,୦୨/୧୨ (ନି.ପ୍ର): ଏଡସ୍ ଏକ ଅଦେଖା ମାରାତ୍ମକ ବ୍ୟାଧି । ଥରେ ଦେହରେ ଲାଗିଲେ ମୃତ୍ୟୁ ନିଶ୍ଚୟ। ଏଣୁ ଏହା ଠାରୁ ଦୂରେଇ ରହି, ସତର୍କତା ଅବଲମ୍ବନ କଲେ ନିଜେ ସୁରକ୍ଷିତ ରହିବା ସହ ସମାଜକୁ ସଚେତନ କଲେ ସମାଜ ଏଡସ୍ ସଂକ୍ରମଣରୁ ବର୍ତିଯିବ ବୋଲି କହିଛନ୍ତି ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ଶରଧାବାଲି ଠାରେ ସମବେତ ରାଲିକୁ ପତାକା ହଲାଇ ଉଦଘାଟନ କରିବା ସହ ଉଦବୋଧନ ଦେଇ ଶ୍ରୀ ବେହେରା, ପର୍ଯ୍ୟଟନ ତଥା ଆଧାତ୍ମିକ କ୍ଷେତ୍ର ପୁରୀକୁ ଏଡ଼ସ କବଳରୁ ବଂଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଏଡସ୍ ନିୟନ୍ତ୍ରଣ କମିଟି ସଦସ୍ୟ ସମାଜସେବୀ ଡକ୍ଟର ବଦ୍ରି ମିଶ୍ର, ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡାକ୍ତର ସୁଦର୍ଶନ ପୋଥାଳଙ୍କ ସମେତ ସରକାରୀ ଏଏନମ୍ ତାଲିମ କେନ୍ଦ୍ର, ପ୍ରିୟଙ୍କାଦେବୀ ସ୍କୁଲ ଅଫ ନର୍ସିଂ, ଆଇଏମଟି ଫାର୍ମାସୀ କଲେଜ୍, ଶୈଳବାଳା ସ୍କୁଲ ଅଫ୍ ନର୍ସିଂ, ପେନକୋଡ, ହୋପ୍ ଫାଉଣ୍ଡେସନର ଛାତ୍ରଛାତ୍ରୀଙ୍କ ସମେତ ଅନେକ ଟ୍ରାନସଜେଣ୍ଡର ଯୋଗଦାନ କରିଥିଲେ। ପରେପରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସପିଟାଲ ର ମିଳିତ ଆନୁକୂଲ୍ୟ ତଥା ଗୋଷ୍ଠୀ ଭେଷଜ ବିଜ୍ଞାନ ବିଭାଗ ସହଯୋଗରେ ଡିନ୍ ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଜାତୀୟ ବିଶ୍ୱ ଦିବସ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡାକ୍ତର ଲଲାଟେନ୍ଦୁ ମିଶ୍ର,ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡକ୍ଟର ବଦ୍ରି ମିଶ୍ର , ଡକ୍ଟର ସଂଗୀତା ଦାସ୍ ଓ ଡାକ୍ତର ସନତ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନଚର୍ଯ୍ୟା, ରୁଚିକର ଯୌନ ଜୀବନ ଆଧାରିତ ସୂଚନା ଦେବା ସହ ଜଙ୍କ୍ ଓ ଫାଷ୍ଟ ଫୁଡ୍ ଠାରୁ ଦୂରରେ ରହି ପୁଷ୍ଟିକର ଖାଦ୍ୟ ଗ୍ରହଣ ଉପରେ ମତ ଉପସ୍ଥାପନ କରିଥିଲେ। ଜିଲ୍ଲା ଏଡସ୍ ପର୍ଯ୍ୟବେକ୍ଷକ ଦୁଃଖିଶ୍ୟାମ ପଟ୍ଟନାୟକ ଉଭୟ ରାଲି ଓ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଶେଷରେ ସତର୍କତା, ସଚେତନତା ଓ ତୁରନ୍ତ ଚିକିତ୍ସା ହିଁ ପୁରୀ ଜିଲ୍ଲାକୁ ଏଡସ୍ ମୁକ୍ତ କରିବା ବୋଲି ସମୂହ ସଂକଳ୍ପ ପାଠ କରାଯାଇଥିଲା।

# ଭାଷା ବିକାଶର ଅଭିନବ କାର୍ଯ୍ୟକ୍ରମ 'ଅତୁଟ ବନ୍ଧନ'




ବାଲେଶ୍ୱର,୦୨/୧୨ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଅନୁଷ୍ଠାନର ଉପସଭାପତି ନାଟ୍ୟକାର ନିରଞ୍ଜନ ରାଉତ ଓ ପ୍ରଭାତୀ ରାଉତଙ୍କ ୫୫ତମ ବିବାହବାର୍ଷିକୀ ଉପଲକ୍ଷେ ଏକ ବିଶେଷ କାର୍ଯ୍ୟକ୍ରମ 'ଅତୁଟ ବନ୍ଧନ' ଅନ୍ୟତମ ଉପସଭାପତି ଗାଳ୍ପିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାଧକ ସାଧିକାମାନଙ୍କୁ ପ୍ରେରଣା ମୁଖ୍ୟତଃ ପରିବାରରୁ ହିଁ ମିଳିଥାଏ। ପତି ପତ୍ନୀଙ୍କ ମଧ୍ୟରେ ଜଣେ କିଏ ସାରସ୍ୱତ ସାଧନାରେ ବ୍ରତୀ ଥିବାବେଳେ ଅନ୍ୟଜଣଙ୍କର ଉତ୍ସାହ ଓ ପ୍ରେରଣା ତାଙ୍କୁ ବାଣୀସାଧନାରେ ଅଗ୍ରସର ହେବାକୁ ପ୍ରେରିତ କରିଥାଏ। ଏତତ୍‌ବ୍ୟତୀତ ଗୋଟିଏ ଅନୁଷ୍ଠାନର ସଦସ୍ୟମାନଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଦୃଢ଼ କରିବା ସହିତ ଜଣେ ଅନ୍ୟଜଣଙ୍କୁ ଅତି ନିକଟରୁ ଚିହ୍ନିବା ଉଦ୍ଦେଶ୍ୟରେ ଏହିଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ନିରଞ୍ଜନ ରାଉତ ଓ ପ୍ରଭାତୀ ରାଉତଙ୍କୁ ୫୫ତମ ବିବାହବାର୍ଷିକୀ ଅବସରରେ ସମ୍ବର୍ଦ୍ଧିତ କରାଯିବା ସହ ଲମ୍ବୋଦର ନାୟକ ଓ ଉର୍ମିଳା ନାୟକ ଏବଂ ଦେବାଶିଷ ସିଂହ ଓ ତୃପ୍ତିରାଣୀ ପାତ୍ର ପ୍ରଭୃତି ସାହିତ୍ୟିକ ଦମ୍ପତ୍ତିଙ୍କୁ ବରିଷ୍ଠ ସଦସ୍ୟ ଶରତ କୁମାର ମହାପାତ୍ର, ରମାକାନ୍ତ ନାୟକ ଓ ଅରୁଣା ରାୟଙ୍କଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ସମ୍ପାଦକ ତପନ ରାୟ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିବାବେଳେ କବି ଦୀପକ ବୋଷ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମଟିକୁ ସରସସୁନ୍ଦର କରିବା ଉଦ୍ଦେଶ୍ୟରେ ଲକ୍ଷ୍ମୀକାନ୍ତ ତ୍ରିପାଠୀ, କଲ୍ୟାଣୀ ନନ୍ଦ ଓ ଦୀପକ ବୋଷଙ୍କ ରଚିତ ବିଭିନ୍ନ ଗୀତକୁ ବାସନ୍ତୀ ଦେ, ଅର୍ଚ୍ଚନା କର, କବିତା ଜେନା ଓ ପୁଷ୍ପଲତା ଚକ୍ରବର୍ତ୍ତୀ ଗାନ କରିଥିଲେ। ଗୁରୁ ଲକ୍ଷ୍ମୀଧର ଜେନା ତବଲାରେ ସହଯୋଗ କରିଥିଲେ। ଶେଷରେ ଯୁଗ୍ମସଂପାଦକ କୁମର ନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ତଡ଼ିପାର ହେଲେଣି ୪୯ ବାଂଲାଦେଶୀ

ଭୁବନେଶ୍ୱର,୦୨/୧୨ (ନି.ପ୍ର): ତଡିପାର ହେଲେଣି ୪୯ ବାଂଲାଦେଶୀ । ନୂଆ ସରକାର ଆସିବା ପରେ ୫୧ ଜଣ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ବାଂଲାଦେଶ ପଠାଗଲାଣି । ଖୋର୍ଦ୍ଧା ୨୪, କଟକ ରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟ ୧ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି । ୨ ଜଣ ଜାଲି ବାଂଲାଦେଶୀ ଅନୁପ୍ରବେଶ କାରୀ ଜାଲ ପାସ ପୋର୍ଟ କରିଥିବା ଧରାପଡ଼ିଛନ୍ତି । ସେମାନଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇଛି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

# ପ୍ରାକ୍ ପ୍ରାଥମିକ ଆଶାୟୀ ଶିକ୍ଷକ ସଂଘର ଧାରଣା

ଭୁବନେଶ୍ୱର,୦୨/୧୨ (ନି.ପ୍ର): ଭୁବନେଶ୍ୱର ଲୋୟର ପିଏମଜିରେ ଆନ୍ଦୋଳନ କରୁଛନ୍ତି ପ୍ରାକ୍ ପ୍ରାଥମିକ ଆଶାୟୀ ଶିକ୍ଷକ ସଂଘ । ରାଜ୍ୟରେ ପାଖାପାଖି ୪୦,୦୦୦ ଆଶାୟୀ ପ୍ରାକ୍ ପ୍ରାଥମିକ ଶିକ୍ଷକ ଯୋଗ୍ୟତା ଥାଇ ମଧ୍ୟ ନିଯୁକ୍ତି ପାଇନଥିବା ସଂଘ ଅଭିଯୋଗ କରିଛି । ଜାତୀୟ ଶିକ୍ଷା ନୀତି ୨୦୨୦ ନିୟମ ଅନୁଯାୟୀ ପ୍ରତି ଶିଶୁ ବାଟିକାରେ ଜଣେ ଲେଖାଏଁ ତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯେଉଁମାନେ ଡିଇସିଇ କୋର୍ସ କରିଛନ୍ତି ସେମାନଙ୍କୁ ନିଯୁକ୍ତି ଦିଆଯିବ । ମାତ୍ର ରାଜ୍ୟ ସରକାର ସେ ନିୟମକୁ ପରିବର୍ତ୍ତନ କରିଛନ୍ତି । ଶିଶୁ ଶିକ୍ଷକ ବଦଳରେ ଶିଶୁ ସେବିକା ନିଯୁକ୍ତି ପାଇଁ ବିଜ୍ଞାପନ ଜାରି କରିଛନ୍ତି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ ସଚେତନତା ରାଲି

ଭୁବନେଶ୍ୱର,୦୨/୧୨ (ନି.ପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସୋମବାର ବିଶ୍ୱ ଏଡସ୍ ଦିବସ ପାଳନ କରିଥିବାବେଳେ ଯାତ୍ରୀ, କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ ଏଚଆଇଭି/ ଏଡସ୍ ପ୍ରତିରୋଧ ଏବଂ ପ୍ରତିକ୍ରିୟା ବିଷୟରେ ସଚେତନ କରିବା ପାଇଁ ସଚେତନତାମୂଳକ କାର୍ଯ୍ୟକଳାପ ଆୟୋଜନ କରିଥିଲା ।

ଏହି ଅବସରରେ ଆଜି ସକାଳେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା ଯେଉଁଥିରେ ଏଚଆଇଭି/ ଏଡସ୍ ସମ୍ବନ୍ଧରେ ପ୍ରମୁଖ ବାର୍ତ୍ତା ବହନ କରୁଥିବା ବ୍ୟାନର, ପୋଷ୍ଟର ଏବଂ ପ୍ଲାକାର୍ଡ ବ୍ୟବହାର କରାଯାଇଥିଲା । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ସତପଥୀ ସକାଳେ ମଣ୍ଡଳ ରେଳ ହସ୍ପିଟାଲରୁ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସ୍ୱେଚ୍ଛାସେବୀ ମାନଙ୍କ ସମେତ ରେଳବାଇ ଚିକିତ୍ସା କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟ ରେଳ କର୍ମଚାରୀମାନେ ଏହି ସଚେତନତା ରାଲିରେ ଅଂଶଗ୍ରହଣ କରିଥିଲେ ଯାହା ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନର ପ୍ଲାଟଫର୍ମ ଏବଂ ନିକଟବର୍ତ୍ତୀ ରେଳବାଇ ଆବାସିକ କଲୋନୀ ସମେତ ଖୋର୍ଦ୍ଧା ରୋଡ୍ ର ପ୍ରମୁଖ ସାର୍ବଜନୀନ ଅଂଚଳଗୁଡ଼ିକୁ ପରିକ୍ରମା କରିଥିଲା। ଏହି ସଚେତନତା ରାଲି ବିଭିନ୍ନ ସାର୍ବଜନୀନ ଯୋଗଦାନ ସ୍ଥାନ ମାନଙ୍କରେ ସଚେତନତା କରାଇବା ପରେ ମଣ୍ଡଳ ରେଳବାଇ ହସ୍ପିଟାଲରେ ସଚେତନ କାର୍ଯ୍ୟକ୍ରମ ଶେଷ କରିଥିଲା ।

ବିଶ୍ୱ ଏଡସ୍ ଦିବସ ପାଳନର ଏକ ଅଂଶ ଭାବରେ ମଣ୍ଡଳ ରେଳ ହସ୍ପିଟାଲର ଓପିଡି କମ୍ପ୍ଲେକ୍ସରେ ଏଚଆଇଭି/ ଏଡସ୍ ସଚେତନତା ଉପରେ ଏକ ସେମିନାର ଏବଂ ଇଂଟରାକ୍ଟିଭ୍ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଡାକ୍ତର ଏବଂ ସ୍ୱାସ୍ଥ୍ୟ ବୃତିଗତମାନେ ଏଚଆଇଭି/ ଏଡସ୍ ସହିତ ଜଡିତ ନିବାରଣ, ପ୍ରାରମ୍ଭିକ ଚିହ୍ନଟ, ଚିକିତ୍ସା ଏବଂ ସାମାଜିକ ବ୍ୟାଧି ସହିତ ଜଡିତ ପ୍ରମୁଖ ପ୍ରସଙ୍ଗଗୁଡ଼ିକର ଆଲୋଚନା କରାଯାଇଥିଲା ।

# ଆସନ୍ତା ୧୩ ତାରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର,୦୨/୧୨ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଲିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ ) ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ଓ ନିଯୁକ୍ତି ବିବାଦ, ଚେକ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ହେଉଅଛି । କେବଳ ବିଚାରାଧିନ ମୋକଦ୍ଦମା ନୁହେଁ, ପ୍ରାକ-ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବିବାଦର ମଧ୍ୟ ଲୋକ ଅଦାଲତରେ ସମାଧାନ ହୋଇପାରିବ । ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ହେଉଥିବା ଉପରୋକ୍ତ ଜଡିତ ସମସ୍ତ ମୋକଦ୍ଦମାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ବା ଜିଲ୍ଲାର ୭ ଗୋଟି ତାଲୁକ ଲିଗାଲ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

# ରାଜ୍ୟରେ ୨୪୬୨ ଜଣ ଏଚଆଇଭି ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୦୨/୧୨ (ନି.ପ୍ର): ରାଜ୍ୟରେ ୨୪୬୨ ଜଣ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ପୁରୁଷଙ୍କ ସଂଖ୍ୟା ସର୍ବାଧିକ ରହିଥିବା ବେଳେ ଟିଜି ୧୩ ଜଣ ଓ ଅନ୍ୟ ମାନେ ମହିଳା ରୋଗୀ ଅଛନ୍ତି। କଟକ କାଟାଗରିରେ ୧ ରେ ସାମିଲ ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ଏଚଆଇଭି ପଜିଟିଭ ସଂଖ୍ୟା ବଢିବା ଚିନ୍ତାର ବିଷୟ ପାଲଟିଛି। ତେବେ ରାଜ୍ୟ ସରକାର ଏଚଆଇଭି ମୂଳୋତ୍ପାଟନ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ସୋମବାର ଦିନ ବିଶ୍ୱ ଏଡ଼ସ ଦିବସ ପାଳନ ଅବସରରେ ଏନେଇ ଓଡିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ପକ୍ଷରୁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲ ପରିସରରେ ଆୟୋଜିତ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ ନୀଳକଣ୍ଠ ମିଶ୍ର ଏଚଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନେଇ କହିଛନ୍ତି ଯେ ଆଖପାଖ ଜିଲ୍ଲାରୁ ରୋଗୀ ଆସି କଟକରେ ଚିହ୍ନଟ ହେଉଥିବା ବେଳେ ନବରଙ୍ଗପୁର ଓ ଗଞ୍ଜାମରେ ମାଇଗ୍ରେସନ ଓ ବୃତି ଚୟନ ପାଇଁ ରୋଗୀ ସଂଖ୍ୟାବଢୁଛନ୍ତି। ସୀମାନ୍ତ ଜିଲ୍ଲା ହୋଇଥିବାରୁ ବାହାର ରାଜ୍ୟରୁ ଏଚଆଇଭି ପଜିଟିଭ ରୋଗୀ ଆସୁଛନ୍ତି। ରାଜ୍ୟରେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୨୪୬୨ ଜଣ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଚଆଇଭି ସଂକ୍ରମଣରେ ଜାତୀୟ ହାର ତୁଳନାରେ ଓଡିଶା ୩ ନମ୍ବରରେ ରହିଛି। ୨୦୨୨-୨୩ ତୁଳନାରେ ଚଳିତବର୍ଷ ପଜିଟିଭ ହାର ହ୍ରାସ ପାଇଛି। ୨୦୨୨-୨୩ ରେ ସଂଖ୍ୟା ୩୨୩୨ ଥିବା ବେଳେ ୨୦୨୩-୨୪ ରେ ୩୪୩୬, ୨୦୨୪-୨୫ ରେ ୩୭୬୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗଞ୍ଜାମରେ ବର୍ତ୍ତମାନ ସୁଦ୍ଧା ୩୩୮ ପଜିଟିଭ ଚିହ୍ନଟ ହୋଇଥିବା ବେଳେ, କଟକରେ ୨୬୧, ନବରଙ୍ଗପୁରରେ ୭୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି ଖୋର୍ଦ୍ଧାରେ ୩୩୮, ସମ୍ବଲପୁରରେ ୧୯୫, ସୁନ୍ଦରଗଡ଼ରେ ୧୨୧, ଅନୁଗୁଳରେ ୧୧୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ ୩ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏଡ଼ସ କୁ ମୂଳୋତ୍ପାଟନ କରିବା ପାଇଁ ଜୋରଦାର ପ୍ରୟାସ କରାଯାଉଥିବା କହିଛନ୍ତି ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ପାଳିତ

କନ୍ଧମାଳ,୦୨/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଆଜି ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି। ଫୁଲବାଣୀ ସଦର ମହକୁମା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଏହି ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ସାହୁ, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲାର ଏଡ଼ସ କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଜିଲ୍ଲା ଟିବି ଓ ମ୍ୟାଲେରିଆ କାର୍ଯ୍ୟକ୍ରମର ଅତିରିକ୍ତ ଜିଲ୍ଲା ଚିକିତ୍ସାଅଧିକାରୀ ଡାକ୍ତର ସୁରେନ୍ଦ୍ର ନାଥ ସିଂ, ଜିଲ୍ଲା ଅତିରିକ୍ତ ପରିବାର କଲ୍ୟାଣ ଅଧିକାରୀ ଡାକ୍ତର ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୟ କୁମାର ଖମାରି ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ର, ନର୍ସିଙ୍ଗ କଲେଜର ଛାତ୍ରୀମାନେ, ରେଡ ରିବନ କ୍ଲବ ର ସଦସ୍ୟ ସଦସ୍ୟା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତିର ସ୍ୱେଚ୍ଛାସେବୀମାନେ, ଟ୍ରାନ୍ସଜେଣ୍ଡର କମ୍ୟୁନିଟିର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ଅତିଥିମାନେ ଏଡ଼ସ ସଂକ୍ରମିତ ବ୍ୟକ୍ତିମାନଙ୍କ ପ୍ରତି ପାତରଅନ୍ତର ନକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ କ୍ଷ ୨୦୦୨ ମସିହାରୁ ଏପର୍ଯ୍ୟନ୍ତ ୩୩୩ ଜଣ ବ୍ୟକ୍ତି ଏଚଆଇଭିରେ ସଂକ୍ରମିତ ହୋଇଅଛନ୍ତି । ସେମାନଙ୍କୁ ଏ ଆର ଟି ଚିକିତ୍ସାର ପରିସରଭୁକ୍ତ କରାଯାଇଛି ଏବଂ ଇଚ୍ଛୁକ ବ୍ୟକ୍ତି ମାନଙ୍କୁ ମଧୁବାବୁ ପେନସନ ଯୋଗାଇ ଦିଆଯାଇଛି । ଜିଲ୍ଲାରେ ଏଡ଼ସ ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି ଏବଂ ଭବିଷ୍ୟତରେ କେମିତି ଏହି ସଂକ୍ରମଣକୁ ଶୂନ୍ୟ ସ୍ତରକୁ ଅଣାଯାଇପାରିବ ସେଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତିର ସହଯୋଗରେ ପ୍ରଚେଷ୍ଟା ଜାରି ରଖିଛି ।

ସଭା କାର୍ଯ୍ୟକ୍ରମ ପରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା ବିଭିନ୍ନ ଏଡ଼ସ ସଚେତନତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏଡ଼ସ ସୁପରଭାଇଜର ଦେବାଶିଷ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇ ସି ଟି ସି -୨ ର ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ବାଲିଗୁଡା ଆଇ ସି ଟି ସି ର ପରାମର୍ଶଦାତ୍ରୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡାଙ୍କୁ ଜିଲ୍ଲାରେ ଏଡ଼ସ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

# ଭିନ୍ନକ୍ଷମ ଦିବସ ଓ ଦିବ୍ୟାଙ୍ଗ ବିଦ୍ୟାର୍ଥୀ

ବିଶ୍ୱବିଜୟୀ ଦାଶ

ପ୍ରତିବର୍ଷ ଡିସେମ୍ବର ୩ ତାରିଖ ଆଜିର ଦିନରେ ବିଶ୍ୱବ୍ୟାପୀ ଉତ୍ସାହ ଓ ଉଦ୍ଦୀପନାର ସହ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ପାଳନ କରାଯାଉଛି । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହା ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି ।

ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନର ଲକ୍ଷ୍ୟ ହେଉଛି ଅକ୍ଷମତା ସମସ୍ୟା ବିଷୟରେ ଏକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମଙ୍କ ସମ୍ମାନ, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ କରିବା, କିନ୍ତୁ ତାଙ୍କ ସମ୍ମୁଖରେ ଥିବା ଆହ୍ୱାନ ଗୁଡ଼ିକୁ ଦୂର କରିବା ଏବଂ ସମାଜରେ ଆତ୍ମବିଶ୍ୱାସ ସହ ବଞ୍ଚିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ସମାଜରେ ଭିନ୍ନକ୍ଷମ ମାନଙ୍କୁ ଯୋଗ୍ୟ ଜୀବନଯାପନ କରିବାକୁ ସୁଯୋଗ ଦେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ । ମଣିଷର ପାଞ୍ଚ ଆଙ୍ଗୁଠି ସମାନ ନୁହେଁ, ମାତ୍ର କାର୍ଯ୍ୟ କ୍ଷେତ୍ରରେ ସମସ୍ତେ ସମାନ । ସେହିପରି ଆମେ ସମସ୍ତେ ଅଲଗା କିନ୍ତୁ ଏକ ସମୟରେ କହିବାକୁ ଗଲେ ସମସ୍ତେ ସମାନ ବୋଲି କହିବା ସହ ଭିନ୍ନକ୍ଷମ ମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ।

ପ୍ରତ୍ୟେକ ଦିବ୍ୟାଙ୍ଗ ଆମ ସମାଜର ଅଂଶ ବିଶେଷ ।ସେମାନଙ୍କୁ ଉପଯୁକ୍ତ ଶିକ୍ଷା,ତାଲିମ ଦେବା ଫଳରେ ସେମାନଙ୍କର ସାମାଜିକ, ବୌଦ୍ଧିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ପ୍ଲାଟଫର୍ମ ମାଧ୍ୟମରେ ଅକ୍ଷମତା ସଚେତନତାକୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସହାନୁଭୂତିର ମୂଳଦୁଆ ଉତ୍ପନ୍ନ ହୁଏ ଏବଂ ସାମାଜିକ ପ୍ରତିବନ୍ଧକ ଭାଙ୍ଗି ଆବଶ୍ୟକୀୟ ପରିବର୍ତ୍ତନ ହୋଇପାରେ ।

ସମାଜର ବିକାଶ ସାଧନ ପାଇଁ ସର୍ବୋତ୍ତମ ମାଧ୍ୟମ ହେଉଛି ଶିକ୍ଷା ।ଶିକ୍ଷା ମାନବିକ ଜୀବନ ପ୍ରକ୍ରିୟାର ଦିଗ୍‌ବଳୟକୁ ପ୍ରସାରିତ କରେ । ଜ୍ଞାନାର୍ଜନ ଶିକ୍ଷାର କେବଳ ଗୋଟିଏ ଦିଗ ।ଶିକ୍ଷା ବିକାଶରେ ଏହାର ଭୂମିକା ଅତୁଳନୀୟ । ମାନବବାଦ, ଶୃଙ୍ଖଳା, ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଜିଜ୍ଞାସା ପାଇଁ ଆଗ୍ରହ ଓ ସଂସ୍କାର ଆଦି ଭଲ ଗୁଣଗୁଡ଼ିକ ଉତ୍ପନ୍ନ କରିବା ଶିକ୍ଷାର ବୈଶିଷ୍ଟ୍ୟ । ମାନବ ଜୀବନକୁ ଆଲୋକିତ କରିବାରେ ଏସବୁର ଆବଶ୍ୟକତା ରହିଛି ।ଶିକ୍ଷା ଓ ତାଲିମ ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ସ୍ୱାବଲମ୍ବୀ ହୋଇପାରିବେ ।

ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରୁଛନ୍ତି ।ସାଧାରଣ ବିଦ୍ୟାର୍ଥୀ ମାନଙ୍କ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କର ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ । ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ଅଧିକ ପ୍ରୋତ୍ସାହନ କରିବା ଦ୍ୱାରା ସେମାନେ ଉତ୍ସାହିତ ହୋଇପାରିବେ, ଯାହା ଫଳରେ ସେମାନଙ୍କର କିଛି ଉନ୍ନତି ହୋଇପାରିବ ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ କିଭଳି ଭାବରେ ଶିକ୍ଷା ଦାନ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯାଇପାରିବ, ତାହା କେବଳ ସ୍ୱତନ୍ତ୍ର ଶିକ୍ଷକ ହିଁ କରିପାରିବେ ।ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ସ୍ୱାବଲମ୍ବୀ ସହ ଆତ୍ମନିର୍ଭରଶୀଳ ମାର୍ଗ କେବଳ ସ୍ୱତନ୍ତ୍ର ଶିକ୍ଷକ ଦ୍ୱାରା ହିଁ ସମ୍ଭବ ।

ଦିବ୍ୟାଙ୍ଗ ମାନେ ହିଁ ନିଜର ଅକ୍ଷମତାକୁ ପଛରେ ପକାଇ ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ମାଧ୍ୟମରେ ଆଜି ସମାଜରେ ସଫଳ ହୋଇଛନ୍ତି । ଏମିତି ଅନେକ ଉଦାହରଣ ଅଛି ଦିବ୍ୟାଙ୍ଗ ମାନେ ନିଜେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ମଧ୍ୟ ହୋଇଛନ୍ତି । କୌଣସି ପରିସ୍ଥିତିରେ ଦିବ୍ୟାଙ୍ଗ ମାନଙ୍କୁ ଯେକୌଣସି କ୍ଷେତ୍ରରେ ଅବହେଳା କରିବା ଉଚିତ୍ ନୁହେଁ, ସେମାନଙ୍କୁ ଉତ୍ତମ ବ୍ୟବହାର ମିଳାମିଶା ଦ୍ୱାରା ସେମାନଙ୍କର ମନୋବଳ ଦୃଢ଼ ହୋଇପାରିବ ।

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ଯେତେ ପ୍ରୋତ୍ସାହିତ କରିବା, ସେମାନେ ସେତିକି ଆଗକୁ ବଢ଼ିପାରିବେ । ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ର ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣ ଦେବାରେ ସ୍ୱତନ୍ତ୍ର ଶିକ୍ଷକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଅଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ,
ବାଲୁଗାଁ ମହାବିଦ୍ୟାଳୟ
ରାଜ୍ୟ ଉପାଧକ୍ଷ,ଓଏସ୍‌ଇଏଫ୍‌ଟି, ଓଡ଼ିଶା
ମୋବାଇଲ ନଂ - ୬୩୭୦୨୦୮୪୨୮

# ଭାରତର ମୃତ୍ୟୁଦଣ୍ଡ ବ୍ୟବସ୍ଥା ନେଇ ବିତର୍କ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଆମ ଦେଶରେ ମୃତ୍ୟୁ ଦଣ୍ଡ ଉଚ୍ଛେଦ ପାଇଁ ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଦାବି ହୋଇ ଆସୁଛି । ରାଜନେତାଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ମାନବାଧିକାର କର୍ମୀ, ସଂଗଠନଗୁଡିକ ଏନେଇ ଦୃଢ ଦାବି କରି ଆସୁଥିବାବେଳେ ଏବେ ବି ଏହା ଏକ ଅସମାହିତ ପ୍ରସଙ୍ଗ ହୋଇରହିଛି । ଉଲ୍ଲେଖଯୋଗ୍ୟ ଯେ, ଅମ ଦେଶରେ ଦେଶ ସ୍ୱାଧୀନ ହେବା ପରଠାରୁ ୨୦୧୫ ମଧ୍ୟରେ ୭୫୨ ଜଣ ଅପରାଧ ଫାଶୀଦଣ୍ଡରେ ଦଣ୍ଡିତ ହୋଇ ସାରିଥିବାବେଳେ ୨୦୨୪ ସୁଦ୍ଧା ଫାଶୀଦଣ୍ଡାଦେଶ ପାଇଥିବା ୫୬୪ ଜଣ ଏବେ କେବଳ ମୃତ୍ୟୁ ଅପେକ୍ଷାରେ ଅଛନ୍ତି ସେହିପରି ୨୦୨୪ରେ ବିଭିନ୍ନ ଜଘନ୍ୟ ଅପରାଧର ଦୋଷୀ ସାବ୍ୟସ୍ତ ହେବା ପରେ ୧୩୯ ଜଣ ଫାଶୀ ଦଣ୍ଡାଦେଶ ପାଇଛନ୍ତି । କହିବା ବାହୁଲ୍ୟ ଯେ, ଫାଶୀଦଣ୍ଡ ଉଚ୍ଛେଦ ପାଇଁ ଦାବି ଯୋର ଧରିଥିବା ବେଳେ ଗତ ୨୦୧୯ ପରଠାରୁ ଦେଶରେ ଦେଶରେ ଫାଶୀଦଣ୍ଡାଦେଶ ଘଟଣା ବୃଦ୍ଧି ପାଉଥିବା ଏକ ରିପୋର୍ଟରୁ ଜଣାଯାଇଛି । ସେହିପରି ବିଶ୍ୱବ୍ୟାପୀ ୨୦୧୫ରୁ ୨୦୨୪ ମଧ୍ୟରେ ପ୍ରାୟ ୧୫୦୦ ଲୋକ ଫାଶୀ ଦଣ୍ଡରେ ହୋଇଥିବା କୁହାଯାଏ । ଅନ୍ୟପକ୍ଷରେ ବିଶ୍ୱର ୧୫୦ଟି ଦେଶ ଏହି ଚରମ ଦଣ୍ଡ ବ୍ୟବସ୍ଥାକୁ ଉଚ୍ଛେଦ କରିଥିବା ବେଳେ ଏବେ ବି ୫୫ଟି ଦେଶରେ ଏହି ଦଣ୍ଡ ବ୍ୟବସ୍ଥା ବଳବତର ରହିଛି । ତେବେ ଏହି ଦେଶଗୁଡିକରେ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ଭିନ୍ନ ଭିନ୍ନ ରହିଛି । ଭାରତରେ ଫାଶୀରେ ଓହଲାଇ ମୃତ୍ୟୁ ଦଣ୍ଡ ଦିଆଯାଇଛି । ଆମ ଦେଶରେ ଫାଶୀ ଦେଇ ଦିଆଯାଉଥିବା ମୃତ୍ୟୁଦଣ୍ଡ ଅତ୍ୟନ୍ତ ନିଷ୍ଠୁର, ନୃଶଂସତର ନିଦର୍ଶନ । ଏହି ଧାରା ପରିବର୍ତ୍ତନ ଦାବିରେ ଦାୟର ଏକ ପିଟିସନ ଏବେ ସୁପ୍ରିମକୋର୍ଟରେ ବିଚାରଧୀନ ରହିଛି, ଫାଶୀ ଦ୍ୱାରା ମୃତ୍ୟୁ ଦଣ୍ଡର ସାମ୍ବିଧାନିକ ବୈଧତାକୁ ପ୍ରଶ୍ନ କରି ଦାୟର ପିଟିସନର ଶୁଣାଣୀ ଆରମ୍ଭ କରି ସୁପ୍ରିମକୋର୍ଟ ଫାଶୀ କିମ୍ବା ରସାୟନିକ ଇଂଜେକସନ ଉପରେ କେନ୍ଦ୍ର ସରକାରଙ୍କ ମତାମତ ଲୋଡିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, କ୍ରିମିନାଲ ପ୍ରୋସିଜ୍ୟୁଅର କୋର୍ଡର ଧାରା ୩୫୪(୫) ତଥା ବର୍ତ୍ତମାନର ନାଗରିକ ସୁରକ୍ଷା ଆଇନର ଧାରା ୩୯୫(୫)ରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅପରାଧକୁ ମୃତ୍ୟୁ ହେବା ପର୍ଯ୍ୟନ୍ତ ଫାଶୀରେ ଝୁଲାଇ ରଖିବା ବ୍ୟବସ୍ଥା ରହିଛି । ଜଣେ ଅପରାଧିକୁ ଫାଶୀ ଦେବା ପରେ ଅଧଘଂଟା ପର୍ଯ୍ୟନ୍ତ ଝୁଲାଇ ମର୍ଯ୍ୟାଦାଜନକ ମୃତ୍ୟୁର ସାମ୍ବିଧାନିକ ଅଧିକାରକୁ ଉଂଲଘନ କରୁଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି । ଏହି ପ୍ରକାର ମୃତ୍ୟୁ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ବୋଲି ଆବେଦନକାରୀ ଯୁକ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ବିଶ୍ୱର ବହୁ ରାଷ୍ଟ୍ର ଏବେ ଅଧିକମାତ୍ରାରେ ଅତ୍ୟାଧୁନିକ ମୃତ୍ୟୁଦଣ୍ଡ ବ୍ୟବସ୍ଥାକୁ ଗ୍ରହଣ କରିଥିବାବେଳେ ଭାରତରେ ବ୍ରିଟିଶ ଅମଳରୁ ଫାଶୀରେ ଝୁଲାଇ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ରହିଛି । ବ୍ରିଟିଶ ଅମଳର ଏହି ଆଇନର ଉଚ୍ଛେଦ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିବାବେଳେ ଏବେ ବି ଦେଶରେ ବଳବତର ରହିଛି । ଉଲ୍ଲେଖଯୋଗ୍ୟ ଯେ, ଫାଶୀରେ ଝୁଲାଇବା ବଦଳରେ କମ ଯନ୍ତ୍ରଣା ଦାୟକ ଏବଂ ଅଧିକ ମାନବିକତା ପୂର୍ଣ୍ଣ ବ୍ୟବସ୍ଥା ଗ୍ରହଣ ନେଇ ଅନୁଧ୍ୟାନ କରିବାକୁ ୨୦୨୩ରେ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଥିଲେ । ତେବେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି କହିଛନ୍ତି ଯେ, ରସାୟନିକ ଫାଶୀଦଣ୍ଡ ବ୍ୟବସ୍ଥା ଅଧିକ ତୃଟିପୂର୍ଣ୍ଣ ଥିବା ଏକ ଅନୁଧ୍ୟାନ ରିପୋର୍ଟ କହିଛି । ଫାଶୀ ହେଉଛି ସବୁଠୁ ନିରାପଦ ଏବଂ ଦୃତତମ ମୃତ୍ୟୁ ଦଣ୍ଡ ଦଣ୍ଡ ବ୍ୟବସ୍ଥା, ଯାହାକି ଜୀବନ ନେବାକୁ ଅଧିକ ସମୟ ନିଏ ନାହିଁ । ରସାୟନିକ ଇଂଜେକସନ ଦ୍ୱାରା ମୃତ୍ୟୁଦଣ୍ଡ ବ୍ୟବସ୍ଥା ମନ୍ଥର ଗତିରେ ଜୀବନ ନିଏ, ଯାହାକି ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି କେନ୍ଦ୍ର ସରକାର ସତ୍ୟପାଠରେ ଦର୍ଶାଇଛନ୍ତି । ତେଣୁ ଫାଶୀରେ ଝୁଲାଇବା ଯନ୍ତ୍ରଣାହୀନ ଓ ଅବିଚଳିତ ଶାନ୍ତ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା, ଏହାକୁ ପରିବର୍ତ୍ତନ କରାଯାଇନପାରେ । ଏହା ନିସନ୍ଦେହ ଯେ, ଏହି ସମସ୍ତ ଯୁକ୍ତି ଅଭୂତପୂର୍ବ, ଜଣେ ବ୍ୟକ୍ତି କେବେହେଲେ ମରିବାକୁ ଚାହେଁ ନାହିଁ ବା ଇଚ୍ଛା ପ୍ରକାଶ କରେନାହିଁ । ଜୀବନ ପ୍ରତି ଯେତେବେଳେ ମୋହ ତୁଟି ଯାଏ, ସେତେବେଳେ ଜଣେ ବ୍ୟକ୍ତି ଆତ୍ମହତ୍ୟା ବା ମୃତ୍ୟୁକୁ ଆବୋରି ନିଏ । କିନ୍ତୁ ମୃତ୍ୟୁଦଣ୍ଡାଦେଶ ପାଇଥିବା ଜଣେ ବ୍ୟକ୍ତି ଶାନ୍ତ ମନରେ ମୃତ୍ୟୁକୁ କିପରି ଗ୍ରହଣ କରିପାରିବ । ତେବେ ମୌଳିକ ପ୍ରସଙ୍ଗ ହେଉଛି ମୃତ୍ୟୁଦଣ୍ଡାଦେଶ ଏବେ ପୁରୁଣାକାଳିଆ କ ନୁହେଁ । ଏଭଳି ନୃଶଂସ ଦଣ୍ଡବ୍ୟବସ୍ଥାର ପୁନର୍ବିଚାର କରିବାର ସମୟ ଏବେ ଆସିଛି ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ପ୍ରାୟୋଜିତ ପତ୍ରର ୨୭୨ ଲେଖକ କ'ଣ ସାରା ଦେଶର ପ୍ରତିନିଧି ?

ଗୋପାଳ ମହାପାତ୍ର

ଦେଶର ୨୭୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏବେ ହଠାତ୍ ଜଣାପଡିଲା ଯେ ରାହୁଳ ଗାନ୍ଧୀ ସାମ୍ବିଧାନୀକ ସଂସ୍ଥା ବିରୋଧରେ ବିଷୋଦ୍‌ଗାର କରୁଛନ୍ତି ଯାହା ଦେଶ ପାଇଁ ଶୁଭଙ୍କର ନୁହେଁ । ଏ କଥା ମନେପଡିବା ମାତ୍ରେ ଏହି ୨୭୨ ବିଶିଷ୍ଟ ବ୍ୟକ୍ତିମାନେ ରାହୁଳ ଗାନ୍ଧୀଙ୍କ ଉଦେଶ୍ୟରେ ମିଳିତ ଭାବେ ଏକ ପତ୍ର ଲେଖିଛନ୍ତି । ପ୍ରତ୍ରରେ ଲେଖାଯାଇଛି ଯେ ରାହୁଳ ରାଷ୍ଟ୍ରୀୟ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ତଥ୍ୟହୀନ ଅଭିଯୋଗ କରୁଛନ୍ତି ଓ ଦେଶରେ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି । ଏହି ପତ୍ରରେ ମହାମାନବ ମାନେ ଲେଖିଛନ୍ତି ଯେ ବିରୋଧିଦଳର କିଛି ନେତା ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି, ନ୍ୟାୟପାଳିକାର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଉଛନ୍ତି, ସଂସଦର ସମ୍ବିଧାନ ସମ୍ମତ କାର୍ଯ୍ୟକୁ ବିରୋଧ କରୁଛନ୍ତି ଏପରିକି ସେନାର ବାହାଦୁରୀ ଏବଂ ଉପଲବ୍ଧିକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି । ପତ୍ର ଲେଖିଥିବା ଏହି ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅଛନ୍ତି ୧୬ଜଣ ଅବସରପ୍ରାପ୍ତ ବିଚାରପତି, ୧୨୩ ଜଣ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଏବଂ ୧୨୩ ଜଣ ଅବସପ୍ରାପ୍ତ ସେନା କର୍ମଚାରୀ । ଏମାନେ ଦସ୍ତଖତ କରିଥିବା ଖୋଲାପତ୍ରରେ ଲେଖିଛନ୍ତି ଯେ ବିରୋଧି ଦଳ ନେତା ନିର୍ବାଚନରେ ତାଙ୍କଦଳ ବାରମ୍ବାର ହାରିବା ପରେ ଏଭଳି ନକାରାତ୍ମକ କାର୍ଯ୍ୟ କରୁଛନ୍ତି । ପ୍ରତ୍ରରେ ଏହି ମହାମାନବ ମାନେ ନିର୍ବାଚନ କମିଶନଙ୍କୁ ସମର୍ଥନ କରିବା ପାଇଁ ମଧ୍ୟ ସମାଜ ଓ ସାଧାରଣ ନାଗରିକ ମାନଙ୍କୁ ନିବେଦନ କରିଛନ୍ତି । ପତ୍ରରେ ସେନା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଉପରେ ପ୍ରଗାଢ଼ ବିଶ୍ୱାସ କରାଯିବା ଉଚିତ ବୋଲି କୁହାଯିବା ସହ ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ପ୍ରକାରାନ୍ତରେ ପ୍ରଶଂସା କରାଯାଇଛି । ଏ ହ ି ୨୭୨ ବ୍ୟକ୍ତି ବିଶେଷଙ୍କର ହଠାତ୍ ଏପରି ପତ୍ର ଲେଖିବା ଘଟଣାକୁ ନେଇ କେତେକ ଜାତୀୟସ୍ତରର ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ବିଭିନ୍ନ କଥା ପ୍ରକାଶ ପାଉଛି । ବିଗତ ଦିନରେ କୃଷକ ଆନ୍ଦୋଳନ ବେଳେ ଏମାନେ କେବେ ମୁହଁ ଖୋଲିନଥିଲେ କି ଘଟଣା ପାଇଁ ଏମାନଙ୍କ ହୃଦୟ ଆନ୍ଦୋଳିତ ହୋଇ ନଥିଲା । କରୋନା ମହାମାରୀ ବେଳର ଅବ୍ୟବସ୍ଥାରେ ହେଉ ବା ପହଲଗାଓଁ ମାମଲା ଏପରିକି ବିମୁଦ୍ରୀକରଣ ପରେ ବ୍ୟାଙ୍କ ଆଗରେ ଲମ୍ବା ଧାଡିରେ ଭୋକ ଉପସରେ ଠିଆହୋଇ ଯେଉଁ କେତେକ ଲୋକଙ୍କର ମୃତ୍ୟୁ ହୋଇଥିଲା ସେତେବେଳେ ଏମାନଙ୍କ ମୁହଁରେ ତୁଣ୍ଡି ବନ୍ଧାହୋଇଥିଲା ବୋଧହୁଏ ? ଏମାନେ ଏସବୁ କଥା ଦେଖିପାରିନଥିଲେ । ୨୦୨୩ ମସିହାରେ ୭୮ ସାଂସଦଙ୍କୁ ନିଲମ୍ବିତ କରାଯିବା ପରେ ଅନେକ ବିଧେୟକ ଗୃହୀତ କରାଯାଇଥିବା କଥା ଏମାନେ ଜାଣିଛନ୍ତି ନା ନାହିଁ ? ଏମିତି ଅନେକ କଥା ରହିଛି । ଦେଶରେ ବେରୋଜଗାର, ଦରଦାମ ବୃଦ୍ଧି ଭଳି ମଧ୍ୟ ଅନେକ ସମସ୍ୟା ରହିଛି ଯାହା ସବୁ ଏମାନଙ୍କ ନଜରକୁ ଆସୁନାହିଁ । ନିର୍ବାଚନୀ ବଣ୍ଡ ବାବଦରେ ଏହି ଖୋଲା ପତ୍ର ଲେଖିଥିବା ବିଦ୍ୱାନ ମାନେ ମୁହଁ ଖୋଲିନଥିଲେ । ଲେଖକ, ସାହିତ୍ୟିକ, ସାମ୍ବାଦିକ ଏବଂ ସାମାଜିକ କର୍ମକର୍ତ୍ତାଙ୍କୁ ଜେଲରେ ପୁରାଯାଉଛି । ଏହି ୨୭୨ କ'ଣ ଏକଥା ଜାଣିନାହାଁନ୍ତି ନା ଜାଣିବାକୁ ଚେଷ୍ଟା କରିନାହାଁନ୍ତି ? ଅସହମତି ଜାହିର କରି କେତେ ଯେ ଜେଲରେ ସଢୁଛନ୍ତି ସେ କଥା ଜଣାନାହିଁ କିନ୍ତୁ ସବୁ ନିର୍ବାଚନ ବେଳେ ରାମ- ରହୀମ ଭଳି ଅପରାଧିଙ୍କୁ ପାରୋଲରେ ଜେଲରୁ ବାହାର କରାଯାଉଛି । ଆଶାରାମଙ୍କୁ ଜାମିନ ମିଳିଯାଉଛି । ହଜାର ହଜାର କୋଟିର ଠକେଇ (ଘୋଟାଲା) କରିଥିବା ଲୋକେ ମଜାରେ ବୁଲୁଛନ୍ତି । ଶିଳ୍ପପତିଙ୍କ ଲକ୍ଷଲକ୍ଷ କୋଟି ଟଙ୍କା ଛାଡ କରାଯାଉଛି । ଏବାବଦରେ କ'ଣ ଏହି ୨୭୨ ପତ୍ର ଲେଖକ ବିଦ୍ୱାନ ମାନେ ଅନଭିଜ୍ଞ କି ? ଏମାନେତ କେବେ ଏସବୁ ପ୍ରସଙ୍ଗରେ ପତ୍ର ଲେଖିନାହାଁନ୍ତି ? ବିନା ସ୍ୱାର୍ଥରେ ଲେଖିବେ ବା କାହିଁକି ?

ଖୋଲାପତ୍ର ଲେଖିଥିବା ଏହି ୨୭୨ ଜଣଙ୍କର ଅତୀତ କ'ଣ, ସେମାନେ କେତେ ନିରପେକ୍ଷ ଥିଲେ ଓ କିଏ କ'ଣ କରିଛନ୍ତି ସେ ବାବଦରେ ଅଧିକ ଆଲୋଚନା ଅନାବଶ୍ୟକ ଅଟେ । ଏମାନଙ୍କ ଅତୀତ ବାବଦରେ ତର୍ଜମା କଲେ ଅନେକ କଥା ନଜରକୁ ଆସିଯିବ । ଏହି ୨୭୨ଙ୍କ ଜନ୍ମକୁଣ୍ଡଳୀ ଖୋଲିଲେ ଏମାନଙ୍କ ପ୍ରକୃତ ସ୍ୱରପ ଦେଖି ଭାରତମାତା ମଧ୍ୟ ଚମକି ଉଠିବେ । ରାହୁଳ ଗାନ୍ଧୀ ଏବଂ ବାକି କିଛି ନେତାଙ୍କ ଭର୍ତ୍ସନାର ଏହି ଖୋଲା ଚିଠି ବା ଖୋଲା ପତ୍ର ଲେଖି ଏମାନେ ଆନନ୍ଦିତ ବୋଧହୁଏ ? ଏଭଳି ପ୍ରାୟୋଜିତ କାର୍ଯ୍ୟ ଯିଏ ବି କରାଇଛି ସେ ଦେଶର କଲ୍ୟାଣ କରିଛି । ୨୭୨ଙ୍କ ପ୍ରକୃତ ପରିଚୟ ସ୍ପଷ୍ଟ ହୋଇଯାଇଛି । ଏମାନଙ୍କୁ କେହି ପଚାରିବା ଦରକାର ଯେ ୨୦୨୪ ଲୋକସଭା ନିର୍ବାଚନରେ ରାହୁଳଙ୍କ କଂଗ୍ରେସ ଦଳକୁ ମିଳିଥିବା ୧୩ କୋଟି ୬୭ଲକ୍ଷ ଭୋଟରଙ୍କ ସମର୍ଥନ ବାବଦରେ ଏମାନଙ୍କର ମତ କ'ଣ ?

ଏବେ ଏହି ପ୍ରସଙ୍ଗରେ ଲେଖିବା ବେଳକୁ ଦେଶର ଜନସଂଖ୍ୟା ୧୪୬ କୋଟିରୁ ଅଧିକ ହୋଇଗଲାଣି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଇସଲାମିକ ବାଦଶାହ ହୁମାୟୁନଙ୍କ ଜ୍ୟୋତିଷିଜ୍ଞାନ

ଅଜୟ କୁମାର ବେହେରା

ଲୋକେ ବୁଝନ୍ତି, ଜ୍ୟୋତିଷ ଶାସ୍ତ୍ର କିଛି ଲୋକ ମାନଙ୍କର ଜୀବନ ଜୀବିକା । ଏହା ପ୍ରକୃତରେ ଏହା ନୁହଁ । ଯେଉଁ ଯୋଜନା ସରକାର କରୁଛନ୍ତି, ତାର ବ୍ଲୁ ପ୍ରିଣ୍ଟି ବା ଭବିଷ୍ୟ ବହୁତ ଆଗ ସମୟ ପାଇଁ ରୂପରେଖ କଳ୍ପନା କରି କରୁଛନ୍ତି । ନିର୍ବାଚନ ପୂର୍ବରୁ କିପରି ପ୍ରାର୍ଥୀଟିଏ ବାଛି ନିର୍ବାଚନ ମଣ୍ଡଳୀମାନଙ୍କରେ ସ୍ୱଦଳକୁ ଅଧିକ ଭୋଟ, ଭେଟି ଅଧିକ ମିଳିପାରିବ ଏହା ଚିନ୍ତା ସବୁ ରାଜନୈତିକ ଦଳକୁ ଘାରେ, ଏଥିରେ କେହି ଅଭିଜ୍ଞ ଯୁକ୍ତିଯୁକ୍ତ ସିଦ୍ଧାନ୍ତ ନେଇକି ଆଗେଇ ଥିଲେ ଭୋଟ ଲଢ଼େଇରେ ଜିତାପଟ ହୁଏ, ଏହା ଏକ ଏକ ଜ୍ୟୋତିଷ ବିଦ୍ୟାର ଜ୍ଞାନ । ଏହା ସିଲେକ୍ସନ ଆଷ୍ଟ୍ରୋଲୋଜି, ପୁଣି ପାରିପାର୍ଶ୍ୱିକ, ଅବସ୍ଥା, ବ୍ୟବସ୍ଥା ଦୃଷ୍ଟେ ଯୋଜନା ଆରମ୍ଭ ବା ପ୍ରାର୍ଥୀ ବାଛି ଭୋଟ ଲଢ଼ିବା, ଶକୁଳ ଜ୍ୟୋତିଷର ଅନ୍ତର୍ଗତ ବିଦ୍ୟା । ହୀରାକୁଦବନ୍ଧ ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯିବା ପଦ୍ଧତି ସମ୍ପୂର୍ଣ୍ଣ ଆକାଶୀୟ ଶକୁନରୁ ଧାର୍ଯ୍ୟ କରାଯାଉଛି । ଅମରନାଥ, କେଦାରନାଥ ଯାତ୍ରା ଏପରି ପ୍ରବଳ ତୁଷାରପାତ, ଶୀତ ଅନୁଭବ ଶକୁନରୁ କରାଯାଉଛି । ଏହା ଶକୁନ ଜ୍ୟୋତିଷର ଅନ୍ତର୍ଗତ ।

ଡାକ୍ତର କହୁଛନ୍ତି, ଗର୍ଭବତୀର ପିଲା ଜନ୍ମ ତାରିଖ ସମ୍ଭାବିତ ଆଗକୁ ଏତିକି ଦିନ, ଏହା କହିବାର ମାର୍ଗରେ ଅଛି । ଗର୍ଭବତୀ ହେବା ଦିନରୁ ନାକ୍ଷତ୍ରୀକ ଦଶମାସ ୨୭ ଢ଼୧୦ = ୨୭୦ ଦିନ ଓ ତାପରେ ଅଧିକ ୧୦ ଦିନ ଓ ତାପରେ ଅଧିକ ୧୦ ଦିନ, ଏହାମଧ୍ୟରେ ଭୃଣ ପରିପକ୍ତ ହୋଇ ଶିଶୁର ଗର୍ଭରେ ବିଚରଣ ସ୍ଥିତି, ତାପରେ ହେଡ଼ ସେଟିଙ୍ଗ ଗର୍ଭବତୀଙ୍କ ଗର୍ଭ ଦ୍ୱାରର ମାଂସପେଶୀ ଗୁଡ଼ିକର ପ୍ରସାରଣ ଉପକ୍ରମ ଗର୍ଭାଶୟରେ ଶିଶୁକୁ ବେଷ୍ଟିତ କରିଥିବା ଜଳ ଏସବୁ ବିଷୟରେ ଅର୍ଜନ କରିଥିବା ଅଭିଜ୍ଞତାରୁ ଶିଶୁ ଜନ୍ମର ତାରିଖ ପୂର୍ବାଭାସ କରୁଛନ୍ତି । ଏହା ଚିକିତ୍ସା ଜ୍ୟୋତିଷ, ମେଡ଼ିକାଲ ଅଷ୍ଟ୍ରୋଲୋଜି, ଏଥିରେ ଡାକ୍ତରମାନେ ରୋଗୀର ଦେହର ଆଭ୍ୟନ୍ତର ବିଭିନ୍ନ ପରୀକ୍ଷା ଦ୍ୱାରା, ଷ୍ଟେଥୋ ଲଗାଇ ରବର ହାମର ଠୋକର ଲଗାଇ, ପେଟି ଚିପି, ନାଡ଼ୀଦେଖି, ରକ୍ତଚାପ ପରୀକ୍ଷା କରି ମଳ, ମୂତ୍ର, ରକ୍ତ, କଫ, ଆଦି ଧାତୁ ପରୀକ୍ଷା କରି, ରୋଗୀର ଚିକିତ୍ସା କରୁଛନ୍ତି । ଏହା ତାଙ୍କର ଚିକିତ୍ସା ଶାସ୍ତ୍ର ଅଧ୍ୟୟନ ବେଳେ ତାଙ୍କ ଗୁରୁଙ୍କ ଠାରୁ ଶିକ୍ଷା କରି କାମରେ ଲଗାଉଛନ୍ତି । ପ୍ରକୃତରେ ଏହା ଭାରତୀୟ ଆୟୁର୍ବେଦର ସବୁ ସୂତ୍ର, ଚରକ, ସୁଶ୍ରୁତ, ବାଗଭଟ, ଅଗ୍ନିବେଶଙ୍କ ଲିଖିତ ସୂତ୍ର ଆଧୁନିକ ଶଲ୍ୟ ଚିକିତ୍ସା ସୁଶ୍ରୁତଙ୍କ ଲିଖିତ ସୂତାବଳୀରୁ ହିଁ ଗ୍ରହଣ କରାଯାଇଛି । ଏମାନେ ତାଙ୍କ ଜ୍ଞାନତପ, ଧ୍ୟାନ, ପର୍ଯ୍ୟବେକ୍ଷଣ ଇଷ୍ଟ ସିଦ୍ଧିରୁ କରିଥିଲେ । ଏମାନେ ଜଗତ ହିତ ପାଇଁ ଏ ଶାସ୍ତ୍ର ସବୁ ରଚନା କରିଥିଲେ । ପୂର୍ବେ ଜଡ଼ିବୁଟି ବୃକ୍ଷ ଲତା ଆଦିରୁ କରାଯାଉଥିଲା, ଏହା ତିଥି ବାର ଯୋଗ କରଣ ଲଗ୍ନ ଦେଖି କରାଯାଉଥିଲା ସେ ଭେଷଜ ମହା ବୀର୍ଯ୍ୟବନ୍ତ ହୋଇ ରୋଗ ଆରୋଗ୍ୟ କରୁଥିଲା । ଏ ପାଇଁ ପ୍ରତି ବୈଦ୍ୟମାନେ ଗ୍ରହ ନକ୍ଷତ୍ର ବିଦ୍ୟାରେ ଧୁରୀଣଥିଲେ । ବିଦେଶୀ ବାଣିଜ୍ୟ କୌଶଳ ପ୍ରାକ କାଳର ହର୍ବାଲ ମେଡ଼ିସିନ ରୁଦ୍ଧ କରାଇ କେମିକାଲ ମେଡ଼ିସିନ ଏକ ପ୍ରକାର ବାଧ କରି ଲାଗୁ କରି ଚାଲିବା ପନ୍ଥା କରିଛନ୍ତି । ହିନ୍ଦୀ ଭାଷାରେ ଏ ପ୍ରକାର ଔଷଧକୁ ଲୌକିକ ଗ୍ରାମ୍ୟଭାଷାରେ ଦବାଇ କୁହନ୍ତି । ଏ ଦବେଇ ଦିଏ, ପ୍ରକୃତରେ ରୋଗର ଉପସର୍ଗକୁ ଏହା କିଛି ସମୟ ବା ଦିନ ଦବାଇ ରଖୁଛି ବା ଅନ୍ୟ ଏକ ରୋଗରେ ପକାଉଛି । ଡାଇବେଟିସ ରୋଗରେ ଘରେ ଘରେ ରୋଗୀ । ସାମୟିକ ଦବୁଛି ସିନା କାହାର ରୋଗ ନିବୃତ୍ତି ଅଛିକି ?

ହଇଜା ବସନ୍ତ, ମ୍ୟାଲେରିଆ ପରି ମହାମାରୀ କେବଳ ଯେ ଔଷଧ ପ୍ରତିଷେଧକରେ ବନ୍ଦ ହୋଇଛି କେବେ ବି ଏପରି ନୁହେଁ, ଏହା ପାଇଁ ଯେ ଦେଶୀୟ ଔଷଧ ନାହିଁ ଏମିତି ବି ନୁହେଁ । ଲୋକଙ୍କ ସଚେତନ ଉପଯୁକ୍ତ ସ୍ୱାସ୍ଥ୍ୟ ଶିକ୍ଷା ଦ୍ୱାରା କରାଯାଇ ଏହି ସବୁ ରୋଗକୁ ନିୟନ୍ତ୍ରଣ କରାଯାଇଛି । ହେଲେ ଏ ରୋଗରେ କ'ଣ ଆଧୁନିକ ବ୍ୟବସ୍ଥାରେ ଚିକିତ୍ସା ହୋଇ ବଡ଼ ବଡ଼ ଡାକ୍ତରଖାନାରେ ରୋଗୀ ମରୁ ନାହାଁନ୍ତି ? ପାଣିପାଗ ମୌସମ, ସ୍ଥାନ ପରିବର୍ତ୍ତନ ଖାଦ୍ୟ ଢ଼ାଞ୍ଚା ପରିବର୍ତ୍ତନ, ରୋଗରେ ଲୋକଙ୍କୁ ଭୋଗଏ । ଏଥିପାଇଁ ଜୀବନଚର୍ଯ୍ୟା ପ୍ରାଚୀନ ଋଷି କୃତ ଶାସ୍ତ୍ର ମତ ଲୋକେ ମାନୁଥିଲେ, ଯାହା ଆଧୁନିକ ସ୍ତରରେ, ଚିକିତ୍ସକମାନେ ଜ୍ୱରାଦି ରୋଗରେ କହୁଛନ୍ତି । ଯାହା ଇଚ୍ଛା ଖାଇପାର, ଆୟୁର୍ବେଦିକ ଶାସ୍ତ୍ର ମତରେ ବାତ, ପିତ୍ତ. କଫ ତ୍ରିବିଧ ଧାତୁ କୁପିତରୁ ରୋଗ ଏହା ଦିନର ବା ରାତ୍ରୀର ସମୟ ଅନୁସାରେ, ପୁଣି କେଉଁ ପକ୍ଷ, କେଉଁ ମାସ, କେଉଁ ଋତୁରେ ରୋଗର ଉପସର୍ଗ ପ୍ରକାଶ ପାଉଛି ତାହାରି ଶକୁନରେ ବୈଦ୍ୟ ଔଷଧ ପ୍ରୟୋଗ କରି ରୋଗ ଆରୋଗ୍ୟ କରୁଥିଲେ । ସେହିପରି ଖାଦ୍ୟ ପଦାର୍ଥ ପେୟ ପଦାର୍ଥ, ସଙ୍ଗଦୋଷରୁ ରୋଗ ହୋଇପାରେ । ଏହା ବି ଶକୁନ ଏଥିରୁ ରୋଗ ଚିହ୍ନଟ କରାଯାଉଥିଲା । ଭାଙ୍ଗୁଣୀ ପ୍ରୟୋଗରେ ଭୋଜ୍ୟ ଖାଦ୍ୟ ପେୟ ବିରୋଧ କରାଯାଇ ଆରୋଗ୍ୟ କରଯାଉଥିଲା । ଏହାବି ଶକୁନ ଜ୍ୟୋତିଷ, ଅନ୍ତର୍ଗତ କଣ ଖାଇଲେ, କଣ ପିଇଲେ ଶରୀରରେ କି ବିକାର ଦେଖାଯାଏ ବୈଦ୍ୟମାନେ ଶକୁନରୁ ତୁରନ୍ତ ଠାଉରାଇ ଔଷଧ ବ୍ୟବସ୍ଥା କରନ୍ତି । କୌଣସି ବିଷଧର ଜୀବର ଦନ୍ତଆଘାତରେ ଆକ୍ରାନ୍ତ ରୋଗୀର ମୂର୍ଚ୍ଛା ଅବସ୍ଥା ଥିଲେ କେତେ ପ୍ରକାର ଶକୁନ ଦେଖି ଏସବୁର ଉପଚାର ଏବେ ବି ସବୁ ଚିକିତ୍ସକମାନେ କରୁଛନ୍ତି । କେଉଁଠି ବାସ କରାଯିବ, ଏ ପାଇଁ ସ୍ଥାନ, ଜାଗା ଭୂମି ଖୋଜାଯାଏ । ଏ ପାଇଁ ରାଜମହଲ ହେଉ, ପର୍ଣ୍ଣ କୁଟୀର ହେଉ ସବୁ ଶକୁନ ଭିତ୍ତିକ ବ୍ୟବସ୍ଥାରେ ନିର୍ଣ୍ଣୟ କରାଯାଏ । ପୂର୍ବରୁ ଯେଉଁ ଦୁର୍ଗ, କିଲ୍ଲା କରାଯାଉଥିଲା ଏହା ସମ୍ପୂର୍ଣ୍ଣ ଶତ୍ରୁ ବାରେଣୀ କରିବା ପ୍ରୟାସ । ଏହି ଶକୁନ ବିଦ୍ୟାରେ କରାଯାଉଥିଲା । କାହିଁକି ଜଳାଧର ସନ୍ନିକଟରେ ଘର ବାସ ଭୂମି କରାଯାଏ, କେଉଁ ପ୍ରକାରେ ଜଳ ପ୍ରବାହିତ ନଦୀ ବନ୍ଧ ଧାରରୁ କେତେ ଦୂରରେ ଚାଷ ବାସ ବସତି କରାଯିବ ଏସବୁ ଶକୁନ ଶାସ୍ତ୍ରୀ ବା ବାସ୍ତୁଶାସ୍ତ୍ରବିତ ଅନୁଭବଶାସ୍ତ୍ର ଜ୍ଞାନରେ ଉପଦେଶ ଦେଇଥାନ୍ତି । ଯେଉଁ ସାହି ବସ୍ତି ବନ୍ଧାଯାଏ, କେଉଁ ଧର୍ମ, କେଉଁ ବର୍ଣ୍ଣ, କି ପ୍ରକାର ଧନ୍ଦା ଲିପ୍ତ ଏସବୁ ଶକୁନ ଏହାଦେଖି ନବାଗତଙ୍କୁ ଶକୁନବିତ ଥଇଥାନ କରାଇଥାନ୍ତି । ଘୋଡ଼ା ଠାରୁ ଏକ ଶହ ହାତ, ହାତୀ ଠାରୁ ହଜାର ହାତ ଦୂରରେ ଥିଲେ ଓ ହିଂସ୍ର ଜାନୁଆର, ଓ ଖେଳ ଦୁଷ୍ଟଙ୍କ ଠାରୁ ବହୁତ ଦୂରରେ ବାସ ଦରକାର ଏହା ଶକୁନରୁ ବିଚାର୍ଯ୍ୟ । ପୁଷ୍କରିଣୀ ଠାରୁ ଅତିକମରେ ପଚାଶ ହାତ ଦୂରରେ ମାଟିର ବାସ୍ତୁ ନିର୍ମାଣ ଆବଶ୍ୟକ ।

ସହରରେ ଖାଲି ବାଲିରେ ଭିତ୍ତି ଭୂମି ବଡ଼ ବଡ଼ ନିର୍ମାଣ ବାରମ୍ବାର ଉର୍ଦ୍ଧରୁ ନିର୍ମାଣର ଚାପ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ନିମ୍ନକୁ ଟାଣକୁ ମାଟି କମ୍ପାଇ ଯାଉଥିବା ଓଜନଦାର ଭାରୀଯାନ ପୁଣି ଖରାଦିନେ ମାଟି ଶୁଷ୍କ ବର୍ଷାଦିନେ ବାସ୍ତୁ ନିମ୍ନ ଜଳସ୍ଥିତି ଭିତ୍ତି ଭୂମିକୁ ସଂକୁଚିତ ପ୍ରସାରିତ କରୁଛି ଏହା ସମ୍ପୂର୍ଣ୍ଣ ଶକୁନ ଶାସ୍ତ୍ରୀଙ୍କ ଅଭିଜ୍ଞତାରେ ନିର୍ମାଣକର୍ତ୍ତା ନ କରିଥିଲେ ହଠାତ୍ କ୍ଷତି ସହିବାକୁ ପଡ଼ିପାରେ । ଶକୁନ ଶାସ୍ତ୍ର ବହୁଧା, ରାଜା ଓ ଚୋର ଶକୁନ ଦେଖି ଯାତ୍ରା କରନ୍ତି । ଏଥିରେ ତିଥିବାର ଚନ୍ଦ୍ର ତାରା ଶୁଦ୍ଧି ବା ଲଗ୍ନ ଦେଖାଯାଏ ନାହିଁ । କେଉଁ ଶକୁନମାଳା ଦେଖି ଯାତ୍ରା କାମଦ ହେବ ଏହା ଶକୁନଶାସ୍ତ୍ରୀ ସୂଚନା ଦିଅନ୍ତି । ରାଜା ଶତ୍ରୁ ସହ ମୁକାବିଲା କରିବାକୁ ଗଲାବେଳେ ଯୋଗ କାରଣ ଲଗ୍ନ ଦେଖିବାକୁ ଅବକାଶ ନଥାଏ, ଶକୁନ ଥାଇପାରେ ନଥାଇପାରେ ପୁରୋହିତମାନେ ଶକୁନ ସମ୍ବନ୍ଧ ମଙ୍ଗଳାଷ୍ଟକ, 'ଧେନୁର୍ବସ୍ସା ପ୍ରଯୁକ୍ତା ବୃକ୍ଷ ଗଜ ତୁରଗା ଦକ୍ଷିଣାବର୍ତ୍ତ ବହ୍ନି' ପରି ଅନେକ ଶକୁନ ମନନ କରାନ୍ତି । ଯାହା ରାଜା ସ୍ମରଣ କରିଯାତ୍ରା କଲେ ମଙ୍ଗଳ ହୁଏ । ଚୋରମାନେ ସେପରି ଶକୁନ ଦେଖି ଯାତ୍ରା କରନ୍ତି, ଯାହା କୌଣସି ପେଷାଦାର ଜ୍ୟୋତିଷୀ କେବେ ବି କହିନଥାନ୍ତି, ମଦ ପରି ନିଶାଦ୍ରବ୍ୟ ବାଣିଜ୍ୟ କରିବା, ବେଶ୍ୟାଳୟ ଗମନ, କାହାକୁ ହତ୍ୟା କରିବାକୁ ଯିବା, କାହାଘରେ ଅଗ୍ନୀ ସଂଯୋଗ କରିବାକୁ ଯିବା, ଏହାର ମୁହୂର୍ତ୍ତ ଶାସ୍ତ୍ରରେ ନାହିଁ ଏମିତି ନୁହେଁ ମାତ୍ର ସମାଜର ଲୋକଙ୍କୁ ଶାନ୍ତିରେ ରକ୍ଷା ଦାୟିତ୍ୱରେ ସବୁବେଳେ ଜ୍ୟୋତିଷ ମାନଙ୍କର ବଡ଼ କର୍ତ୍ତବ୍ୟ ଏହା ତାଙ୍କୁ ଗୁରୁଆଜ୍ଞା । ଇସଲାମ ଧର୍ମରେ ଯେଉଁ ଇଦ ଚାନ୍ଦ ଦର୍ଶନରେ ବ୍ରତ ଉଦଯାପନ କରିଥାନ୍ତି ତାହା ପ୍ରକୃତରେ ଶକୁନ ଜ୍ଞାନ, ବର୍ଷା ପାଗ ବାଦଲ ଢ଼ାଙ୍କିବା ଆକାଶ ଥିଲେ ଚାନ୍ଦ ଦର୍ଶନ ନ ହୋଇପାରିଲେ ଯଦି କେହିବି କେଉଁଠି ଚାନ୍ଦ ଦର୍ଶନ କରିବା ଖବର ଦୃଢ଼ ଭାବରେ କହିଲେ ଶୁଣି ବ୍ରତକାରୀ ଉଦଯାପନ କରନ୍ତି । ଏଥିରେ ଆଖି ଦେଖା, କାନଶୁଣା ଦୁଇ ଶକୁନ ଲାଗୁଛି ।

ବାଦଶାହମାନେ ଅନେକ କ୍ଷେତ୍ରରେ ଉତ୍ତରାଖଣ୍ଡର ଜ୍ୟୋତିଷ ମାନଙ୍କୁ ତାଙ୍କ ଦରବାରରେ ଡାକି ବା ରଖି ବିଭିନ୍ନ ବିଷୟରେ ପରାମର୍ଶ କରୁଥିଲେ, ଆକବରଙ୍କ ଦରବାରରେ ଏପରି ଅନେକ ହିନ୍ଦୁ ଆଉ ଆରବୀ ଫାର୍ଶୀ ଜ୍ୟୋତିଷ ଥିଲେ । ନିଜେ ନବାବ ଖାନଖନା ଯେ ବୈରାମଖାନଙ୍କ ପୁଅ ସେ ଲଖନୌର ନବାବ ଦାୟିତ୍ୱରେ ରହି ଆକବରଙ୍କୁ ଅନେକ ଜ୍ୟୋତିଷକ ପରାମର୍ଶ ଦେଉଥିଲେ । ତାଙ୍କର ଲିଖିତ ଖେଟ କୌତୁକମ ଶାସ୍ତ୍ର ଏବେ ବି ଉପଲବ୍ଧ । ଆକବରଙ୍କ ପିତା ହୁମାୟୁନ ଏକ ବୃହତ ଲାଇବ୍ରେରୀକାରୀ ସଦା ଅଧ୍ୟୟନ ରତ ଥିଲେ ଥରେ ସେହି ଲାଇବ୍ରେରୀରୁ ବହି ଥାକରୁ ସିଡ଼ିଲଗାଇ କାଢ଼ିବା ବେଳେ ପଡ଼ିଯାଇ ମୃତ୍ୟୁଲଭି ଥିଲେ । ତାଙ୍କର ସେହି ପୁସ୍ତକ ଭଣ୍ଡାରରେ ଅନେକ ଆରବୀ ପାର୍ଶୀ ଧର୍ମ ପୁସ୍ତକ ସହ ଜ୍ୟୋତିଷ ପୁସ୍ତକ ଥିଲା ଏବେ ଯେଉଁ ଲାଲକିତାବ ଜ୍ୟୋତିଷରେ ଉପଲବ୍ଧ ସେ ଆରବୀ ପରେ ଉର୍ଦ୍ଦୁରେ ଲେଖା ଯାଇଥିଲା । ଯବନ ଜାତକ, ରମଲ ଜ୍ୟୋତିଷ, ଅନେକ ପ୍ରକାର ତାଜିକ ଜ୍ୟୋତିଷ ପରି ଅନେକ ଜ୍ୟୋତିଷ ଶାସ୍ତ୍ର ସେତେବେଳେ ଚାଲୁଥିଲା । ନିଜେ ହୁମାୟୁନ ଜଣେ ସଫଳ ଶକୁନ ଜ୍ୟୋତିଷ ଥିଲେ ତାଙ୍କ ରାଜବାଟି ଏମିତି ତିନିଟି କ୍ରମ ଶକୁନ ଦେଖି ନିର୍ମାଣ କରିଥିଲେ । ଶେରସାହାଙ୍କ ଦ୍ୱାରା ପରାଜିତ ହୋଇ କାବୁଲର ଉମରକୋଟରେ କାମରାନ ତାଙ୍କ ଭାଇଙ୍କ ଆଶ୍ରୟରେ ଥିବାବେଳେ ଆକବର ଜନ୍ମ ହୋଇଥିଲେ, ସେତେବେଳେ ସେ କପର୍ଦ୍ଦକ ଶୂନ୍ୟ ତେବେ ପୁତ୍ର ଜନ୍ମ ଖୁସିରେ ରାଜମାମଞ୍ଜି ଗୁଡ଼ିଏ ଭାଜି ତହିଁରେ ଜାଫ୍ରାନ କେଶର କସ୍ତୁରୀ, ମିଶାଇ ସୁଗନ୍ଧିତ ଦାନା ଗୁଡ଼ିକୁ ବନ୍ଧୁ ମାନଙ୍କୁ ବଣ୍ଟନ କରି ଆକବରଙ୍କୁ କଲ୍ୟାଣ କରିବାକୁ କହିଥିଲେ, ପରେ ହୁମାୟୁନ ଭାଗ୍ୟ ଖୋଲିଲା ଯେ ପୁଣି ଭାରତରେ ଗାଜକରିଥିଲେ, ସବୁବେଳେ ଶକୁନ ଉପରେ ସେ ବିଶ୍ୱାସ କରୁଥିଲେ । ପର ସମୟରେ ହିନ୍ଦୁ ଜ୍ୟୋତିଷ ମାନଙ୍କ ଉପରେ ବିଭିନ୍ନ ଅତ୍ୟାଚାର କରାଯାଉଥିଲା, ବିନା ଅସ୍ତ୍ରରେ ଜ୍ୟୋତିଷୀମାନେ ଦୁର୍ଦ୍ଧାନ୍ତ ରାଜଶକ୍ତିକୁ ଟାଳିପାରନ୍ତି, ଏହା ସାହାଜାହାବଙ୍କ ରାଜରେ ହୋଇଥିଲା । ଶାହା ମାନେ ରାଜା ଯାହାଁ । ଯାହାବ ମାନେ ସଂସାର ସାରା ପୃଥିବୀ ଦେଖଇ ନେତ୍ର ଯାହା ଚୌଦୀଗର, ସେହିସବୁ ଅଟେ ମୁଁ ଅଧିଶ୍ୱର । ସେହି ଶାହାଜାହାନଙ୍କୁ ଉତ୍ତରଖଣ୍ଡର ଜ୍ୟୋତିଷମାନେ ସ୍ୱର୍ଗର ଶାହା ଦେବରାଜ ଇନ୍ଦ୍ରଙ୍କ ହସ୍ତରେ ଧାରଣ ରତ୍ନ ଇନ୍ଦ୍ରନୀଳ ମଣି । ଯାହାଂପନା ସ୍ୱର୍ଗର ବାଦଶାଙ୍କ ସଦୃଶ କଣ ସେ ରତ୍ନ ଧାରଣ କରିପାରିବେ ନାହିଁ ? ବିସ୍ତାରିତରେ ଇନ୍ଦ୍ରଙ୍କ ଆସନ, ଭୂଷଣ ସବୁ ବୁଝି ଫର୍ମାସୀ କରି ମୟୁରକଣ୍ଠି ନୀଳାର ସିଂହାସନ, କୋହେନୁର ହୀରା ଭୂଷିତ ହୋଇ ଭାବିନେଲେ ସେ ସ୍ୱର୍ଗ ଶହାନଶାହାଙ୍କୁ ବଳେଇ ଯାଉଛନ୍ତି । ବିଶ୍ୱରେ ମୂଲ୍ୟବାନ ଦୁର୍ଲଭନୀଳା ମୟୁରକଣ୍ଠିନୀଳାକୁ ଦୁଷ୍ପ୍ରାପ୍ୟ କୋହେନୂର ହୀରା ଏସବୁର ସାମାନ୍ୟ ରତ୍ନ ହୀରା ନୀଳା ବହୁତ ପରୀକ୍ଷା କରି ଜନ୍ମ କୁଣ୍ଡଳୀ ଦେଖିବି ପ୍ରୟୋଗ କରିବାକୁ ଜ୍ୟୋତିଷମାନେ ଆଗ ପଛ ହୁଅନ୍ତି ।

ବର୍ତ୍ତମାନ ଉପଲବ୍ଧ ସାହାଜାହାନଙ୍କ ଜନ୍ମ କୁଣ୍ଡଳୀରେ ଶନି ସ୍ୱ ମୂଳତ୍ରିକୋଣ ରାଶିରେ, ଶୁକ୍ରକୋଣ ପତି ହୋଇ ଚତୁର୍ଥରେ ଦିଗବଳୀ ତାଙ୍କର ୪୯ ବର୍ଷ ବେଳକୁ ଶନିଦଶା ଆରମ୍ଭ ହୋଇଥିଲା । ଶନି ୫ମ ଓ ୬ଷ୍ଠ ପତି ହୋଇ ୬ଷ୍ଠରେ କେତୁ ଯୁକ୍ତ ଥିବାରୁ ଶନିଦଶାରେ ଏ ଜିନିଷ ଚୋର ଖଣ୍ଟ ଦ୍ୱାରା ଅପହୃତ ବୃଥା ବଳହାନି ଏହି ଦଶା କାଳ ୧୯ ବର୍ଷ ଚାଲିଥାଏ ଏଥିରେ ସେ ସର୍ବସ୍ୱାନ୍ତ ନିସ୍ୱ ହୋଇଥିଲେ । ନିଜ ପୁତ୍ର ଦ୍ୱାରା ବନ୍ଦୀ ହୋଇ ରହିଥିଲେ, ଜ୍ୟୋତିଷମାନେ କେତେବେଳେ ଦାନ କରିବା ଦରକାର କେତେବେଳେ ଭୋଗ କରିବା ଦରକାର ଏହା ୧୨ଶ ଭାବରୁ ବିଚାର ଦିଅନ୍ତି, ଏମିତି ବ୍ୟକ୍ତି ନିଜ କନ୍ୟାକୁ କାମାତୁରରେ ସେ ପତ୍ନୀ କରିଥିଲେ । ଶନିରୁ ୧୨ଶ ସ୍ଥାନ ଯାହା ତ୍ୟାଗରେ ନିହାତି ଦରକାର ତାହା ଭୋଗରେ ସେ ଲଗାଇବା ଦୁର୍ବୁଦ୍ଧି କେତୁ ଯୋଗୁ ଭୋଗିଥିଲେ । ଏସବୁ ବିନା ହତିଆରେ ଶେଷ ହେବା ହୋଇଥିଲା । ସମାଜ, ଧର୍ମ, ରାଜକାନୁନ ମଧ୍ୟରେ ଆଚରଣ ଉଚ୍ଚାରଣ ସମସ୍ତେ ରଖି ସମୟ କାଟିବା ଆବଶ୍ୟକ । ମୋଗଲ ତାମସା ହେଲା ରାଜଟେଣ୍ଡର କରି ଦ୍ରବ୍ୟ କିଣି ଦ୍ରବ୍ୟ ଯୋଗାଣ କର୍ତ୍ତାଙ୍କୁ ଅର୍ଥ ନ ଯୋଗାଇ ଶେଷ କରିଦେବ କାମ ହାସଲ ପରେ ସିଡି ଭାଙ୍ଗି ଦେବା ନୀତି । ଏପରି ସେ ରାଜତନ୍ତ୍ର ଲୋପ ହୋଇଥିଲା । ଏପରି ଗ୍ରହସ୍ଥିତି, ଶକୁନ ମୁହୂର୍ତ୍ତ, ଲଗ୍ନ ଦେଖା ସଦାରହିଛି ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶିଳ୍ପ ଅଭିବୃଦ୍ଧିର ନୈରାଶ୍ୟଜନକ ଚିତ୍ର

ଭାରତୀୟ ଅର୍ଥନୀତି ବର୍ତ୍ତମାନ ଏକ ଅଦ୍ଭୁତ ଦୋଛକିରେ ଛିଡ଼ା ହୋଇଛି । ଗୋଟିଏ ପଟେ ସରକାରୀ ପରିସଂଖ୍ୟାନରେ ମୋଟ ଘରୋଇ ଉତ୍ପାଦ ବା ଜିଡିପି (GDP) ଅଭିବୃଦ୍ଧିର ଉଚ୍ଚ ଆକଳନ ଦେଶର ବିକାଶ ଗାଥା ବଖାଣୁଥିବା ବେଳେ, ଅନ୍ୟପଟେ ଶିଳ୍ପ ଉତ୍ପାଦନ ଏବଂ ବଜାର ଚାହିଦାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ କାହାଣୀ କହୁଛି । ନିକଟରେ ପ୍ରକାଶିତ ଅକ୍ଟୋବର ମାସର ଶିଳ୍ପ ଉତ୍ପାଦନ ସୂଚକାଙ୍କ (IIP) ତଥ୍ୟ ଅନୁଯାୟୀ ଅକ୍ଟୋବର ମାସରେ ଦେଶର ଶିଳ୍ପ ଅଭିବୃଦ୍ଧି ହାର ମାତ୍ର ୦.୪ ପ୍ରତିଶତରେ ସୀମିତ ରହିଛି, ଯାହାକି ବିଗତ ୧୩ ମାସ ମଧ୍ୟରେ ସର୍ବନିମ୍ନ । ଏହି ନୈରାଶ୍ୟଜନକ ତଥ୍ୟ କେବଳ ଏକ ସାମୟିକ ମନ୍ଥରତା ନୁହେଁ, ବରଂ ଏହା ଅର୍ଥନୀତିର ଫମ୍ପା ମୂଳଦୁଆକୁ ପଦାରେ ପକାଇ ଦେଇଛି ।

ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ (ଜୁଲାଇ-ସେପ୍ଟେମ୍ବର) ଜିଡିପି ଅଭିବୃଦ୍ଧି ହାର ୮.୨ ପ୍ରତିଶତ ରହିଛି ବୋଲି ଦାବି କରାଯାଇଛି । ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଏହା ନିଶ୍ଚିତ ଭାବରେ ଏକ ଈର୍ଷଣୀୟ ସଂଖ୍ୟା । କିନ୍ତୁ ପ୍ରଶ୍ନ ଉଠୁଛି, ଯଦି ଦେଶର ଅର୍ଥନୀତି ୮.୨ ପ୍ରତିଶତ ବେଗରେ ବଢ଼ୁଛି, ତେବେ କଳକାରଖାନାଗୁଡ଼ିକର ଚିମିନିରୁ ଧୂଆଁ ବାହାରୁନି କାହିଁକି ? ଶିଳ୍ପ ଉତ୍ପାଦନ କାହିଁକି ସ୍ଥାଣୁ ପାଲଟିଛି ? ଅକ୍ଟୋବର ମାସର IIP ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡେ ଯେ, ଅର୍ଥନୀତିର ତିନୋଟି ପ୍ରମୁଖ ସ୍ତମ୍ଭ – ଖଣି, ବିନିର୍ମାଣ (Manufacturing) ଏବଂ ବିଦ୍ୟୁତ୍ ଶକ୍ତି – ଗୁରୁତର ସଙ୍କଟ ଦେଇ ଗତି କରୁଛନ୍ତି । ଖଣି କ୍ଷେତ୍ରରେ ଉତ୍ପାଦନ ୧.୮ ପ୍ରତିଶତ ହ୍ରାସ ପାଇଥିବା ବେଳେ, ବିଦ୍ୟୁତ୍ ଉତ୍ପାଦନରେ ୬.୯ ପ୍ରତିଶତର ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି ବିନିର୍ମାଣ କ୍ଷେତ୍ର, ଯାହା ନିଯୁକ୍ତି ସୃଷ୍ଟିର ମୁଖ୍ୟ ଆଧାର । ଏହି କ୍ଷେତ୍ରର ଅଭିବୃଦ୍ଧି ହାର ମାତ୍ର ୧.୮ ପ୍ରତିଶତରେ ସୀମିତ ରହିଛି । ଯେତେବେଳେ ଦେଶର ଉତ୍ପାଦନକାରୀ କ୍ଷେତ୍ର ଏଭଳି ଦୁର୍ବଳ ପ୍ରଦର୍ଶନ କରେ, ସେତେବେଳେ ୮.୨ ପ୍ରତିଶତ ଜିଡିପି ଅଭିବୃଦ୍ଧିର ତଥ୍ୟ ସାଧାରଣ ଜନତାଙ୍କ ପାଇଁ ଏକ ପ୍ରହେଳିକା ପାଲଟିଯାଏ ।

ଏହି ବିରୋଧାଭାସକୁ ଆହୁରି ସ୍ପଷ୍ଟ କରୁଛି ନିକଟରେ ପ୍ରକାଶିତ ଜିଏସଟି (GST) ସଂଗ୍ରହ ତଥ୍ୟ । ନଭେମ୍ବର ମାସରେ (ଯାହା ଅକ୍ଟୋବର ମାସର କାରବାରକୁ ଦର୍ଶାଏ) ଜିଏସଟି ସଂଗ୍ରହ ମାତ୍ର ୦.୭ ପ୍ରତିଶତ ବୃଦ୍ଧି ପାଇ ୧.୭୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଏହା ବିଗତ ଅନେକ ମାସ ମଧ୍ୟରେ ସବୁଠାରୁ ମନ୍ଥର ଅଭିବୃଦ୍ଧି। ଯଦି ଲୋକଙ୍କ ହାତରେ ପଇସା ଥାଆନ୍ତା ଏବଂ ବଜାରରେ କିଣାବିକା ଜୋରଦାର ହେଉଥାନ୍ତା, ତେବେ ଟିକସ ସଂଗ୍ରହରେ ଏଭଳି ସ୍ଥାଣୁତା ଦେଖାଦେଇ ନଥାନ୍ତା । ଜିଡିପି ବଢ଼ୁଛି, କିନ୍ତୁ ଶିଳ୍ପ ଉତ୍ପାଦନ ଏବଂ ଟିକସ ସଂଗ୍ରହ କମୁଛି – ଏହା ସ୍ପଷ୍ଟ ସୂଚାଉଛି ଯେ ଅର୍ଥନୀତିର ଅଭିବୃଦ୍ଧି କେବଳ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ର (ଯେପରିକି ସେବା କ୍ଷେତ୍ର କିମ୍ବା ସରକାରୀ ଭିତ୍ତିଭୂମି ଖର୍ଚ୍ଚ) ମଧ୍ୟରେ ସୀମିତ ରହିଛି, ଯାହାର ଲାଭ ତୃଣମୂଳ ସ୍ତରରେ ପହଞ୍ଚୁନାହିଁ ।

ଶିଳ୍ପ ଉତ୍ପାଦନ ତଥ୍ୟର ଅନ୍ୟ ଏକ ଦିଗ ଅତ୍ୟନ୍ତ ଉଦବେଗଜନକ । 'କଞ୍ଜ୍ୟୁମର ନନ୍-ଡ୍ୟୁରେବଲ୍ସ' ବା ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ (ଯେପରିକି ଖାଦ୍ୟ ପଦାର୍ଥ, ସାବୁନ, ତେଲ ଇତ୍ୟାଦି) କ୍ଷେତ୍ରରେ ଉତ୍ପାଦନ ୪.୪ ପ୍ରତିଶତ ହ୍ରାସ ପାଇଛି । ଏହାର ସିଧାସଳଖ ଅର୍ଥ ହେଉଛି ଗ୍ରାମାଞ୍ଚଳ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ମଧ୍ୟ ସଂଘର୍ଷ କରୁଛନ୍ତି । ଯେତେବେଳେ ଗୋଟିଏ ଦେଶର ନାଗରିକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା କମାଇ ଦିଅନ୍ତି, ସେତେବେଳେ ବୁଝିବାକୁ ହେବ ଯେ ଗ୍ରାହକ ଚାହିଦା (Consumer Demand) ଗୁରୁତର ଭାବେ ପ୍ରଭାବିତ ହୋଇଛି। ପାର୍ବଣ ଋତୁ (ଦଶହରା ଓ ଦୀପାବଳି) ସତ୍ତ୍ୱେ ଏଭଳି ନକାରାତ୍ମକ ଅଭିବୃଦ୍ଧି ଦର୍ଶାଉଛି ଯେ ଉତ୍ସବର ମାହୋଲ ମଧ୍ୟ ବଜାରରେ ଉଷ୍ମତା ଭରିପାରି ନାହିଁ ।

ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧିର ପ୍ରସଙ୍ଗ ଏଠାରେ ଗୁରୁତ୍ୱପୂର୍ଣ୍ଣ । ଯଦିଓ ସରକାରୀ ତଥ୍ୟ ଅନୁଯାୟୀ ଅକ୍ଟୋବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ଐତିହାସିକ ଭାବେ ନିମ୍ନ ରହିଛି, ତଥାପି ଏହାର ସୁଫଳ ଗ୍ରାହକଙ୍କ କ୍ରୟଶକ୍ତି ଉପରେ ପଡୁଥିବା ଭଳି ମନେ ହେଉନାହିଁ ଏବଂ ଦରଦାମ ସାମାନ୍ୟ କମିଲେ ମଧ୍ୟ ଲୋକଙ୍କ ପାଖରେ ଖର୍ଚ୍ଚ କରିବାକୁ ବିଶେଷ ଅର୍ଥ ନାହିଁ । ଏହା ଅର୍ଥନୀତି ପାଇଁ ଏକ ବିପଜ୍ଜନକ ସ୍ଥିତି, ଯାହାକୁ ଅର୍ଥଶାସ୍ତ୍ରରେ 'ଡିଫ୍ଲେସନାରୀ ପ୍ରେସର' ବା ଚାହିଦାଜନିତ ମାନ୍ଦାବସ୍ଥା ବୋଲି କୁହାଯାଇପାରେ ।

ସରକାର ଅନେକ ସମୟରେ ଖରାପ ପାଗ କିମ୍ବା ଅଧିକ ଛୁଟିଦିନକୁ ଶିଳ୍ପ ଅଭିବୃଦ୍ଧି ହ୍ରାସର କାରଣ ଭାବେ ଦର୍ଶାଇଥାନ୍ତି । ଅକ୍ଟୋବର ମାସ ପାଇଁ ମଧ୍ୟ ଅତ୍ୟଧିକ ବର୍ଷା ଏବଂ ପାର୍ବଣ ଛୁଟିକୁ ଦାୟୀ କରାଯାଇଛି । କିନ୍ତୁ ଏହା ଏକ ସନ୍ତୋଷଜନକ ଉତ୍ତର ନୁହେଁ । ଯଦି ଅର୍ଥନୀତିର ମୂଳଦୁଆ ମଜଭୁତ ଥାଆନ୍ତା, ତେବେ କିଛି ଦିନର ବର୍ଷା କିମ୍ବା ଛୁଟି ଯୋଗୁଁ ଉତ୍ପାଦନ ୦.୪ ପ୍ରତିଶତକୁ ଖସି ଆସିନଥାନ୍ତା । ଏହା ବ୍ୟବସ୍ଥାଗତ ଦୁର୍ବଳତାକୁ ଘୋଡାଇବାର ଏକ ବାହାନା ମାତ୍ର। ବାସ୍ତବତା ହେଉଛି, ଘରୋଇ ପୁଞ୍ଜିନିବେଶ (Private Investment) ଆଶାନୁରୂପ ବଢୁନାହିଁ ଏବଂ ରପ୍ତାନି ବଜାର ମଧ୍ୟ ମନ୍ଥର ରହିଛି ।

ବର୍ତ୍ତମାନର ପରିସ୍ଥିତି ସ୍ପଷ୍ଟ କରୁଛି ଯେ ଭାରତୀୟ ଅର୍ଥନୀତି 'K-shaped' ଅଭିବୃଦ୍ଧି (ଯେଉଁଠାରେ ଧନୀ ଆହୁରି ଧନୀ ହୁଅନ୍ତି ଏବଂ ଗରିବ ଆହୁରି ଗରିବ) ଦିଗରେ ଗତି କରୁଛି । ସେୟାର ବଜାରର ସୂଚକାଙ୍କ ଏବଂ ଜିଡିପିର ବଡ଼ ସଂଖ୍ୟା କେବଳ ଉପର ସ୍ତରର ଚକଚକିଆ ଚିତ୍ର ଦେଖାଉଛି, କିନ୍ତୁ ଭିତରେ ଶିଳ୍ପ କ୍ଷେତ୍ରର ଦୁର୍ବଳତା ଏବଂ ଗ୍ରାମୀଣ ଅର୍ଥନୀତିର ସଙ୍କଟ ଜଳଜଳ ହୋଇ ଦିଶୁଛି । ୮.୨ ପ୍ରତିଶତ ଜିଡିପି ଅଭିବୃଦ୍ଧିକୁ ନେଇ ଆତ୍ମସନ୍ତୋଷ ଲାଭ କରିବା ପରିବର୍ତ୍ତେ, ସରକାର ଏହି ବାସ୍ତବତାକୁ ସ୍ୱୀକାର କରିବା ଉଚିତ୍ ଯେ ନିଯୁକ୍ତିବିହୀନ ଅଭିବୃଦ୍ଧି (Jobless Growth) ଦେଶ ପାଇଁ ଦୀର୍ଘମିଆଦୀ ବିପଦ ସୃଷ୍ଟି କରିବ ।

ପରିଶେଷରେ, ଅର୍ଥନୀତିକୁ ପୁନର୍ବାର ଲାଇନକୁ ଆଣିବାକୁ ହେଲେ କେବଳ ସରକାରୀ ଖର୍ଚ୍ଚ ଉପରେ ନିର୍ଭର କଲେ ଚଳିବ ନାହିଁ । ଗ୍ରାମୀଣ ଚାହିଦା ବୃଦ୍ଧି କରିବା, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (MSME)କୁ ସହାୟତା ଯୋଗାଇବା ଏବଂ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖି ଲୋକଙ୍କ କ୍ରୟଶକ୍ତି ବଢାଇବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ସଂଖ୍ୟାର ଖେଳରେ ବାସ୍ତବତାକୁ ଲୁଚାଇ ରଖିଲେ ଭବିଷ୍ୟତରେ ଏହା ଏକ ବଡ଼ ଆର୍ଥିକ ସଙ୍କଟର ରୂପ ନେଇପାରେ । ୦.୪ ପ୍ରତିଶତର ଶିଳ୍ପ ଅଭିବୃଦ୍ଧି ଏକ 'ୱେକ୍-ଅପ୍ କଲ୍' ବା ଚେତାବନୀ ଘଣ୍ଟି ।

# ଅମାନିଆଁ ନିର୍ଝରିଣୀ: ମା'ରମାଦେବୀ

**ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ**



ଝରଣାଟିର ସ୍ୱଚ୍ଛ ଜଳଧାରା କେବେ କ'ଣ ମାନେ ଘନ ଗମ୍ଭୀର ପ୍ରସ୍ତର ଖଣ୍ଡକୁ ତା'ର ଗତି ତ ଅବାରିତ । ତା'ର ଆଦର୍ଶକୁ ସେ କି ବା ଛାଡ଼ି ଭିନ୍ନ ପନ୍ଥା ଅବଲମ୍ବନ କରି ପାରିବ ! ସେଥିପାଇଁ ବୋଧେ ସେ ସଂଘର୍ଷ କରେ। ପାହାଡ଼ର ଛାତିକୁ ଚିରି ଛୋଟ-ବଡ଼ ପଥର ଖଣ୍ଡ ସହ ତା' ଦେହରୁ ବାଲି ସୃଷ୍ଟି କରି ନିଜକୁ ସେଥିରେ ବୁହାଇନିଏ। ସେମିତି ଗୋଟିଏ ଛଳଛଳ ଝରଣା ଥିଲେ ସଭିଙ୍କର ପ୍ରିୟ ମା' ରମାଦେବୀ । ନା' ହାରିବାକୁ ପ୍ରସ୍ତୁତ ଥିଲେ, ନା' କାର୍ଯ୍ୟରୁ ବିରତ ରହିବାକୁ ପାଦ ଅଟକାଉଥିଲେ ସେ ।

ସେଦିନ ଥିଲା ୧୮୯୯ ମସିହା ନଭେମ୍ବର ୩ ତାରିଖ । ମଧୁବାବୁଙ୍କ ଘରୁ ଶୁଭିଥିଲା ଶିଶୁ କନ୍ୟାର କୁଆଁ କୁଆଁ କାନ୍ଦ। ପିତା ଥିଲେ ଡେପୁଟି କଲେକ୍ଟର ଗୋପାଳ ବଲ୍ଲଭ ଦାସ ଓ ମାତା ଥିଲେ ବସନ୍ତ କୁମାରୀ ଦେବୀ । ଅସରନ୍ତି ଶ୍ରେଷ୍ଠ ମାନବୀୟ ଗୁଣାବଳୀକୁ ଠୁଳୀଭୂତ କରି ସେ ଜନ୍ମଗ୍ରହଣ କରିଥିଲେ କହିଲେ ଠିକ୍ ହେବ । ବାପାଙ୍କ ପରି ସତ୍ୟନିଷ୍ଠ, ମା' ଆଉ ଆଈଙ୍କ ପରି ସ୍ନେହୀ ଓ ଶାନ୍ତ, ବଡ଼ ମାମୁଁଙ୍କ ପରି କ୍ଷମାଶୀଳ ଓ ସର୍ବୋପରି ବଡବାପା ମଧୁବାବୁଙ୍କ ପରି ବିଚକ୍ଷଣ ଓ ଦେଶ ତଥା ମାତୃଭୂମି ପ୍ରେମୀ ।

ସେ ଗାନ୍ଧୀବାଣୀକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଜୀବନର ଶେଷ ମୁହୂର୍ତ୍ତ ଯାଏଁ । ଗାନ୍ଧୀଙ୍କ ଆଦର୍ଶରେ ତଥା ତାଙ୍କୁ ପ୍ରଥମ ଦର୍ଶନ କରିବା ପରେ ତ୍ୟାଗ କରିଛନ୍ତି ସମସ୍ତ ସୁଖ ସମ୍ପଦକୁ । ଉଭୟ ବାପଘର ଓ ଶାଶୂଘର ସମ୍ଭ୍ରାନ୍ତ ହୋଇଥିଲେ ମଧ୍ୟ ସାଧାରଣ ମହିଳାଟିଏ ପରି ଜୀବନକୁ ଅତିବାହିତ କରିଛନ୍ତି । ବିଦେଶୀ ଲୁଗାକୁ ବର୍ଜନ କରିଛନ୍ତି । ଅରଟରେ ସୂତା କାଟିଛନ୍ତି । ଖଦି ପିନ୍ଧିଛନ୍ତି । ସମସ୍ତଙ୍କୁ ଖଦି ପିନ୍ଧିବାକୁ ଅନୁରୋଧ କରିଛନ୍ତି । ଆଉ ତାଙ୍କ କଥା ସମସ୍ତେ ମାନିଛନ୍ତି ମଧ୍ୟ। ଯେପରିକି ରମାଦେବୀ ଯେଉଁଦିନ ମାମୁଁ ଘରେ ଭାଇ ଭାଉଜଙ୍କୁ ସବୁ ବିଲାତି ଲୁଗା ପୋଡ଼ିବାକୁ ମାଗିଥିଲେ, ସମସ୍ତେ ଦେଇଥିଲେ ମଧ୍ୟ । ଅଧିକ ପରିମାଣର ଲୁଗା ଗଦା ହୋଇଥିବାର ଦେଖି ତାଙ୍କ ମାମୁଁ କାରଣ ଜିଜ୍ଞାସା କରି ପ୍ରକୃତ କଥା ଜାଣିବା ପରେ ରମାଦେବୀଙ୍କୁ ଏପରି କରିବାର ଉଦ୍ଦେଶ୍ୟ ପଚାରିବାରୁ ଉତ୍ତର ପାଇଥିଲେ, "ଫଳ ଭଗବାନଙ୍କ ହାତରେ" । ଶେଷରେ ରମାଦେବୀଙ୍କୁ ସେ କହିଥିଲେ, "ତୁ ତ ମୋତେ ଆଚ୍ଛା ଶିକ୍ଷା ଦେଲୁ । ହଉ ଲୁଗା ନେଇ ଯା', ତୋ କାମ ତୁ କର ।" ଏଥିରୁ ଜଣାପଡେ ସ୍ୱାଧୀନତା ସଂଗ୍ରାମରେ ରମାଦେବୀଙ୍କ ଯୋଗଦାନକୁ ଘର ଲୋକ ବା ସମ୍ପର୍କୀୟ କେତେ ମାତ୍ରାରେ ସମର୍ଥନ କରୁଥିଲେ। ନିଜ ବାହାଘର ବେଦୀରେ ମହଣ ମହଣ ଓଜନର ଅଳଙ୍କାରରେ ଅକ୍ଷଭୂଷିତା ହୋଇଥିବା ବେଲୁ (ରମାଦେବୀଙ୍କ ଡାକନାମ) ସମୟ ଚକ୍ରରେ ସ୍ୱେଚ୍ଛାରେ ନିରାଭରଣତାକୁ ଆନନ୍ଦରେ ଆଦରି ନେଇଥିଲେ । ସେହି ବେଲୁରୁ ହିଁ ସେ ହୋଇଥିଲେ ଗୋପବନ୍ଧୁ ଚୌଧୁରୀଙ୍କ ପତ୍ନୀ ରମାଦେବୀ ଚୌଧୁରୀ । ୧୯୨୧ ମସିହାର ଅସହଯୋଗ ଆନ୍ଦୋଳନ ସମୟରେ ସ୍ୱାମୀ ଗୋପବନ୍ଧୁଙ୍କ ଡେପୁଟି କଲେକ୍ଟର ଚାକିରୀକୁ ତ୍ୟାଗ କରିବାର ଯୋଜନାକୁ ଆନନ୍ଦରେ ସ୍ୱାଗତ କରିବା ସହ ବାରମ୍ବାର କାରବାରଣ କରିଛନ୍ତି ଉଭୟ ପତିପତ୍ନୀ । ଜାତି-ଅଜାତି, ଛୁଆଁ-ଅଛୁଆଁ ଭେଦଭାବକୁ ପଛରେ ପକାଇ ଦୁହେଁ ଗାଁ ଗାଁ ବୁଲି ବୁଲି ସମାଜର ଦରିଦ୍ରମାନଙ୍କ ସେବାରେ ନିଜକୁ ଢାଳି ଦେଇଛନ୍ତି । ଘର, ପରିବାର, ପିଲାଛୁଆ, ସୁଖଶାନ୍ତି ଆଦିକୁ ଭୁଲି ବିଶ୍ୱକୁ ଏକ ପରିବାର ମନେ କରି ଜୀବନ ତମାମ ନିଜର ସବୁକିଛିକୁ ଉତ୍ସର୍ଗ କରିଥିବା ଦେବୀ ପ୍ରତିମା ସ୍ୱୟଂ ନିଜେ ରମାଦେବୀ । ଅସହଯୋଗ ଆନ୍ଦୋଳନରୁ ଆରମ୍ଭ କରି ହରିଜନ ଆନ୍ଦୋଳନ ସବୁଠି ନିଜର ପ୍ରତିଟି ରକ୍ତ ବୁନ୍ଦାକୁ ନିଗାଡ଼ି ଦେଇଥିବା ମଣିଷଟି ବି ସେ । ଦେଶ ପାଇଁ ଡହ ଡହ ଖରାରେ ଖାଲି ପାଦରେ ଚାଲୁଥିବା ମଣିଷଟି କ'ଣ କେବେ ଖାତିର କରିଥିଲା ସମୟକୁ! ସମୟ ବି ଦିନେ ନିଷ୍ଠୁର ସାଜିଲା । ଗୋଡ଼ ଅଟକିଲା । ଅସୁସ୍ଥତାବଶତଃ ରୋଗ ଶଯ୍ୟାରେ ପଡ଼ି ରହିଲେ ସେ। ଶେଷରେ ଜୀବନ ତାଲିକାର ଶେଷତମ ଦିନଟି ଗୋଡ଼ ଭାଙ୍ଗି ଉପସ୍ଥିତ ହେଲା । ୧୯୮୫ ମସିହା ଜୁଲାଇ ୨୨ ତାରିଖଟି ଆୟୁଷ ପୂରିବାର ସୂଚନା ସୁଦ୍ଧା ନ ଦେଇ ଆର ପାରିକୁ ନେଇଗଲା । ଅଧା ରହିଗଲା ମା'ରମାଦେବୀଙ୍କ କାର୍ଯ୍ୟାବଳୀ। ଲିଭିଗଲା ଦେଶକୁ ଆଲୋକିତ କରୁଥିବା ଆଉ ଗୋଟେ ଉଜ୍ଜ୍ୱଳ ଦୀପ । ତା'ସହ ଆମେ ହରେଇଲେ ସେହି ମହନୀୟା ଦେଶପ୍ରାଣା, ସନ୍ତାନବତ୍ସଳା, ସ୍ନେହୀ ମା'ଙ୍କୁ । ନିଜ ଜୀବନ କାଳରେ ଯେଉଁ ତ୍ୟାଗପୂତ ବ୍ୟକ୍ତିତ୍ୱର ପରିଚୟ ସେ ଦେଇଛନ୍ତି, ସେଥିପାଇଁ ପ୍ରତିଟି ସ୍ୱଦେଶକ୍ଷନୁରାଗୀ ଆତ୍ମାରେ ସେ ରହିଥିବେ ଚିର ଅମର।


ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର
ମୋ: ୮୪୮୦୩୯୬୨୦୬


# ବୟସ ସରି ସରି ଯାଉଛି...

**ପ୍ରଦେଶ ପ୍ରତ୍ୟୁଷ**



ବୟସ ସରି ସରି ଯାଉଛି... ଏହି ବାକ୍ୟଟି କେବଳ ଏକ ଅନୁଭବ ଓ ଅନୁଶୋଚନାର ଭାବନା ନୁହେଁ, ଏହା ହେଉଛି ଆମର ଅସ୍ତିତ୍ୱ ଗୁଡ଼ିକୁ ଜାଗ୍ରତ କରୁଥିବାର ଏକ ଦାର୍ଶନିକ ପ୍ରଶ୍ନ, ଯାହାକି ...ମୁଁ କିଏ ? କାହିଁକି ଆସିଛି ? କେଉଁଠିକୁ ଯାଉଛି ? ଜୀବନ ବୟସରେ ମପା ଯାଏନି ; ଜୀବନ ମପା ଯାଏ ଅଭିଜ୍ଞତାରେ, ଜ୍ଞାନରେ, ଲକ୍ଷ୍ୟରେ, ସହିଷ୍ଣୁତାରେ ଓ ଉତ୍ତରଦାୟୀ ମାନବୀୟତାରେ। ବୟସର ଧାରା ଏକ ସୂଚନା- ସମୟ ଅପରିବର୍ତ୍ତନୀୟ, କିନ୍ତୁ ଜୀବନ ଅପରିମିତ।

ବୟସ କାହାଙ୍କୁ ଅପେକ୍ଷା କରେନାହିଁ। ପ୍ରତିଦିନ ସମୟ ସରିସରି ଯାଉଛି। ଜୀବନର ଏହି ଯାତ୍ରା ଆମକୁ କେବେ ହସାଏ, କେବେ କନ୍ଦାଏ, ତଥାପି ଏହି ଗତିଶୀଳ ସମୟ ଆମକୁ ଶିଖାଏ—ଜୀବନକୁ ଗୋଟିଏ ଦିନରେ ବୁଝା ଯାଏନି। ନିଜ ଲକ୍ଷ୍ୟ, ସଂଘର୍ଷ, ଆଧ୍ୟାତ୍ମିକବୋଧ , ସମାଜ ପ୍ରତି ଦାୟିତ୍ୱ —ଏହି ସବୁର ସମ୍ମିଶ୍ରଣ ହେଲେ ଜୀବନ ତାର ସୁନ୍ଦରତାକୁ ପ୍ରାପ୍ତ କରେ।

ମଣିଷ ନିଜ ଜୀବନର ଗୋଟିଏ ଲକ୍ଷ୍ୟ ନେଇ ଆଗକୁ ବଢ଼େ। କେହି ବୃତ୍ତିରେ ସଫଳତା ପାଇବାକୁ ଚାହେ, କେହି ପରିବାରକୁ ସୁସ୍ଥିର କରିବାକୁ, ଆଉ କେହି ନିଜ ସ୍ୱପ୍ନକୁ ଜୀବନରେ ପରିଣତ କରିବାକୁ। ଲକ୍ଷ୍ୟ ଥିଲେ ଜୀବନ ଗତିମାନ ହୁଏ, ଲକ୍ଷ୍ୟ ଥିଲେ ମନ ଅନୁଶାସିତ ହୁଏ। ଏହି ଲକ୍ଷ୍ୟ ଆମକୁ ଆଗକୁ ଟାଣେ, ଆମର ଅସ୍ତିତ୍ୱକୁ ଅର୍ଥ ଦେଇଥାଏ। ବୟସ ସରି ସରି ଯାଉଛି, କିନ୍ତୁ ଲକ୍ଷ୍ୟ ନୁହେଁ ; ଲକ୍ଷ୍ୟ ପାଇଁ ଆମର ପ୍ରୟାସ ନିରନ୍ତର ହୋଇ ରହିବା ଦରକାର। ଦୈନିକ ଜୀବନରେ ସଂଘର୍ଷ ହିଁ ବଞ୍ଚିବାକୁ ରାସ୍ତା ଦେଖାଏ। ଏଥିପାଇଁ ସଂଘର୍ଷ ହେଉଛି ଜୀବନର ପ୍ରକୃତ ଶିକ୍ଷକ। କଠିନ ସମୟ ଆମକୁ ଶିଖାଏ କିପରି ଆତ୍ମବିଶ୍ୱାସ ରଖିବା, କିନ୍ତୁ ପରାଜୟ ଭାବି ନିଜ କର୍ମ ଓ କର୍ତ୍ତବ୍ୟରୁ ବିଚ୍ୟୁତ ନହେବା। ବାତ୍ୟାର ପରର ପରିବେଶ ଯେପରି ଶାନ୍ତ ଶୀତଳତା, ସଂଘର୍ଷର ପରେ ମଧ୍ୟ ଜୀବନ ନୂତନ ଦିଗ ଉଦଭାସିତ ହୁଏ। ସେହିପାଇଁ ସଂଘର୍ଷକୁ ଭୟ କରିବା ନୁହେଁ—ତାକୁ ଗ୍ରହଣ କରିବା।

ଜୀବନରେ ଆଉ ଏକ ଅଧ୍ୟାୟ ହେଉଛି ଆଧ୍ୟାତ୍ମିକତା । ଏହା ହେଉଛି ମନର ପବିତ୍ରତା ; ନିଜକୁ ବୁଝିବାର ଏକ ପ୍ରକ୍ରିୟା ଓ ମାଧ୍ୟମ।ଆଧ୍ୟାତ୍ମିକତା ଶିଖାଏ ଜୀବନର ଅସାରତା ଓ ସରଳତାକୁ ଗ୍ରହଣ କରିବା, ଅନ୍ୟମାନଙ୍କ ପ୍ରତି ଦୟା ଭାବ ରଖିବା। "ଯାହା ହେଉଛି ଭଲ ହୋଇଛି, ଯାହା ହେବ ବି ଭଲ ହେବ।" ଏହା ଏକ ଆଧ୍ୟାତ୍ମିକ ମନୋଭାବ। ଏହା ଆମକୁ ନିଃଶବ୍ଦରେ ଶିଖାଏ ଯେ—ଚିନ୍ତା, ଅହଂକାର, ଦ୍ୱେଷ, ହିଂସା ଆମକୁ କେବେ ଆଗକୁ ବଢ଼ାଏନି। ସାରା ଜୀବନ ଧରି ଝଗଡ଼ା, ରାଗ, ଅହଂକାର ସହ ସମୟ ବ୍ୟୟ କରିଲେ ଆମକୁ କିଛି ମିଳେନାହିଁ। ଯାହା ମିଳେ ତାହା ହେଉଛି ମନର ଭାବ, ଅନୁତାପ ଓ ଅଶାନ୍ତି।

ଆଧ୍ୟାତ୍ମିକତା ଆମକୁ ଶାନ୍ତି ଦିଏ, ମନକୁ ଦୃଢ଼ କରେ, ଆମକୁ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ କରେ। ଆମେ ସମାଜରେ ରହୁଛେ, ସମାଜର ଉନ୍ନତି, ଶାନ୍ତି ଓ ପ୍ରଗତିରେ ଆମର ଭୂମିକା ରହିଛି। ଏହି ସ୍ଥାନରେ କର୍ତ୍ତବ୍ୟର ଭାବନା ଆସେ—ଭଲ ଲୋକ ହେବା, ନମ୍ର ହେବା, ଅନ୍ୟଙ୍କୁ ସହଯୋଗ କରିବା, ସତ୍ୟର ପକ୍ଷରେ ରହିବା। ଗୋଟିଏ ପିଢି ଦାୟିତ୍ୱଶୀଳ ନ ହେଲେ ସମାଜ କେବେ ସୁସ୍ଥ ହେବ ନାହିଁ। ଯେତେବେଳେ ଆମେ ଦୟା, ମର୍ଯ୍ୟାଦା, ଜବାବଦେହୀ ତାକୁ ଜୀବନର ଭିତ୍ତି କରି ନେଉଛୁ, ସେତେବେଳେ ଆମେ ମାନବତାର ସଠିକ ପଥକୁ ଅନୁସରଣ କରୁଛୁ।

ଯଦି ଆମେ ମନରେ ହିଂସା, ଦ୍ୱେଷ, ଅହଂକାରକୁ ବସାଇ ରଖୁଛୁ, ତେବେ ବୟସ ବଢ଼ିଲେ ମଧ୍ୟ ଆମେ ଅପକ୍ୱ ରହୁଛୁ। ଯଦି ଆମେ କ୍ଷମା, ଦୟା, ସହିଷ୍ଣୁତା ଓ ସରଳତାକୁ ଧରି ରଖୁଛୁ, ତେବେ ଜୀବନ ତାର ଶିଖରକର ପହଞ୍ଚେ। ହଁ, ବୟସ ସରି ସରି ଯାଉଛି। କିନ୍ତୁ ସମୟ ଯେତେ ଯାଉ, ଆମର ମୂଲ୍ୟବୋଧକୁ ନେଇ ଚାଲିବା ଆମର ପ୍ରକୃତ ସଂପତ୍ତି। ଜୀବନର ଲକ୍ଷ୍ୟ ସ୍ଥିର କରି ରଖିବା, ସଂଘର୍ଷକୁ ଶିକ୍ଷା ଭାବେ ଗ୍ରହଣ କରିବା, ଆଧ୍ୟାତ୍ମିକ ସଚେତନତା ଆଣିବା ଓ ସମାଜ ପ୍ରତି କର୍ତ୍ତବ୍ୟ ପାଳନ କରିବା— ଏହି ସବୁ ମିଶିଲେ ଜୀବନ ସତରେ ଅର୍ଥପୂର୍ଣ୍ଣ ହୋଇ ଥାଏ।

ଏହି ଜୀବନକୁ ନେଇ ଆମର ମହାମନିଷୀ ଓ ପୂର୍ବସୂରୀମାନେ ଅନେକ ମହତ୍ତ୍ୱପୂର୍ଣ୍ଣ କଥା କହିଛନ୍ତି। ଯାହାକି ସର୍ବକାଳୀନ ଉପଯୋଗୀ । ଗୌତମ ବୁଦ୍ଧଙ୍କ ଅନୁସାରେ -"ଜୀବନର ସାର ହେଉଛି-ପ୍ରେମ, କରୁଣା ଓ ସଚେତନତା।" ସେ କହିଥିଲେ - ଦୁଃଖ ଜୀବନର ଅଂଶ, କିନ୍ତୁ ସଚେତନ ଜୀବନ ଦୁଃଖକୁ ଶାନ୍ତିରେ ପରିବର୍ତ୍ତନ କରିପାରେ। ଜୀବନକୁ ଯେତେ ସରଳ କରିବା, ସେତେ ଶାନ୍ତି ମିଳିବ। ଶ୍ରୀକୃଷ୍ଣ (ଭଗବଦ୍ ଗୀତା) କହିଥିଲେ-"କର୍ମ କର, ଫଳ ନେଇ ଚିନ୍ତା କର ନାହିଁ - ଏହା ହେଉଛି ମୁକ୍ତିର ପଥ।" ଶ୍ରୀକୃଷ୍ଣ ଜୀବନକୁ କର୍ମ, ଧୈର୍ଯ୍ୟ, ଆସ୍ଥା ଓ ଆତ୍ମନିୟନ୍ତ୍ରଣର ଭିତିରେ ଦେଖିଥିଲେ। ଜୀବନ ସଂଘର୍ଷ ହେଉଛି ନିୟମ ; ସଂଘର୍ଷକୁ ସ୍ୱୀକାର କରି ଧର୍ମରେ ଅଟଳ ରହିବା ହେଉଛି ସତ୍ୟ ଜୀବନ। ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ -"ଜୀବନ ହେଉଛି ମାୟା; ପ୍ରେମ, ଦୟା, ଶାନ୍ତି— ଏଇ ତିନିଟି ଧନ ଠାରୁ ସର୍ବୋତ୍କୃଷ୍ଟ।"ସେ କହିଥିଲେ-ଯାହାକୁ ଆମେ ନିଜର ଭାବୁଛୁ, ସେ ଆସଲରେ ସ୍ଥାୟୀ ନୁହେଁ ; ସ୍ଥାୟୀ ହେଉଛି ମନର ପବିତ୍ରତା, ଜ୍ଞାନ, ଓ ଆତ୍ମ-ସ୍ୱରୂପର ଅନୁଭବ।

ଆଲବର୍ଟ ଆଇନଷ୍ଟାଇନଙ୍କ ଅନୁସାରେ -"ଜୀବନ ଦୁଇ ପ୍ରକାରର- ଗୋଟିଏ, ଯେଉଁଠାରେ କିଛି ଆଶ୍ଚର୍ଯ୍ୟ ନୁହେଁ ; ଆଉ ଗୋଟିଏ, ଯେଉଁଠାରେ ସବୁ କିଛି ଆଶ୍ଚର୍ଯ୍ୟ।" ତାଙ୍କ ମତରେ- ଜୀବନର ଅସଲ ରୂପ ବିଜ୍ଞାନ ନୁହେଁ, ଆଶ୍ଚର୍ଯ୍ୟକୁ ଦେଖିବାର କ୍ଷମତା। ଖାଲିଲ ଜିବ୍ରାନଙ୍କ ମତରେ ସଂଘର୍ଷକୁ ତ୍ୟାଗ କରିବା ନୁହେଁ, ତା'ଠାରୁ ଶିଖିବା ହେଉଛି ବୃଦ୍ଧି। ସକ୍ରେଟିସ୍ ?ଙ୍କ ଅନୁସାରେ -"ନିଜକୁ ଜାଣ-ଏହା ହେଉଛି ପ୍ରଜ୍ଞାର ଆଦ୍ୟବିନ୍ଦୁ।" ସେ କହିଥିଲେ—ମାନବ ଯେତେବେଳେ ନିଜ ଦୁର୍ବଳତା, ଭୁଲ୍, ଲୋଭ, ରାଗ, ଅହଂକାରକୁ ବୁଝେ, ସେହି ମୁହୂର୍ତ୍ତରୁ ତାଙ୍କ ଜୀବନ ଉଜାଗର ହୋଇଯାଏ।

ମାର୍ଟିନ ଲୁଥର କିଙ୍ଗଙ୍କ ମତରେ "ଜୀବନ ଅନ୍ଧକାର ବେଳେ ଆପଣ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ହିଁ ହେଉଛି ଆସ୍ଥା।" ସ୍ୱାମୀ ବିବେକାନନ୍ଦ କୁହନ୍ତି -"ଜୀବନ ହେଉଛି ସଂଘର୍ଷ; ସଂଘର୍ଷ ବିହୀନ ଜୀବନ ନିର୍ଜୀବ।" ସେ କହିଥିଲେ-ନିଜ ଶକ୍ତିକୁ ଜାଗ୍ରତ କରିବା, ମନକୁ ଦୃଢ଼ କରିବା, ଏବଂ ସମାଜ ପାଇଁ କିଛି କରିବା-ଏହି ତିନୋଟି ସଫଳତାର ବଡ଼ ଆଧାର। "ଦୃଢ଼ ହୁଅ, ଭୟକୁ ଜୀବନରୁ ହଟାଇ ଦିଅ।" ରବୀନ୍ଦ୍ରନାଥ ଠାକୁରଙ୍କ ଅନୁସାରେ-"ଜୀବନ ହେଉଛି ଏକ ସୁର ; ହୃଦୟ ହେଉଛି ତାହାର ତାନ।" କାଳିଦାସ 'ଶକୁନ୍ତଳା'ରେ କହିଛନ୍ତି— "ଏହି ମୁହୂର୍ତ୍ତକୁ ବ, କାରଣ ଦ୍ୱିତୀୟ ଥର ଏହି କ୍ଷଣ ଆସିବ ନାହିଁ।" ଏପିଜେ ଅବଦୁଲ କଲାମ୍ କହିଛନ୍ତି— "ଜୀବନର ଅର୍ଥ ତାହେଲେ ତାହା, ଯାହା ଆପଣ ମୃତ୍ୟୁ ପରେ ମଧ୍ୟ ସମାଜ ପାଇଁ ରଖିଯାଇ ପାରିବେ।"

ସେହିପାଇଁ ଆସନ୍ତୁ, ଜୀବନକୁ ଖୁବ୍ ମନଭରି ଭଲପାଇବା, ଅନ୍ୟମାନଙ୍କୁ ସମ୍ମାନ କରିବା, ହସ ବାଣ୍ଟିବା , ନିଜେ ହସିବା, ଆଶୀର୍ବାଦ ନେବା, ଦୟା ବାଣ୍ଟିବା। ଯଦି ଆମେ—ଲକ୍ଷ୍ୟକୁ ସ୍ପଷ୍ଟ କରିବା, ସଂଘର୍ଷକୁ ଶିକ୍ଷା ଭାବେ ନେବା, ଆଧ୍ୟାତ୍ମିକ ଶାନ୍ତିକୁ ମନ ହୃଦୟରେ ଧରି ରଖିବା, ସମାଜ ପ୍ରତି ଦାୟିତ୍ୱ ପୂରଣ କରିବା ଓ ସରଳ ସାଧା ଜୀବନ ଜିଇଁବା -ତେବେ ବୟସ ଯେତେ ସରି ସରି ଯାଉଥିବା, ଜୀବନ ସେତେ ସୁନ୍ଦର ହେଉଥିବ।କାରଣ ଜୀବନ ଏକ ଦୀର୍ଘ ଶ୍ୱାସକ୍ରିୟା ନୁହେଁ, ଦୀର୍ଘ ବୁଦ୍ଧି ଓ ଦୀର୍ଘ ପ୍ରେମର ଯାତ୍ରାଟିଏ।

> ଜୀବନରେ ଆଉ ଏକ ଅଧ୍ୟାୟ ହେଉଛି ଆଧ୍ୟାତ୍ମିକତା । ଏହା ହେଉଛି ମନର ପବିତ୍ରତା ; ନିଜକୁ ବୁଝିବାର ଏକ ପ୍ରକ୍ରିୟା ଓ ମାଧ୍ୟମ।ଆଧ୍ୟାତ୍ମିକତା ଶିଖାଏ ଜୀବନର ଅସାରତା ଓ ସରଳତାକୁ ଗ୍ରହଣ କରିବା, ଅନ୍ୟମାନଙ୍କ ପ୍ରତି ଦୟା ଭାବ ରଖିବା। "ଯାହା ହେଉଛି ଭଲ ହୋଇଛି, ଯାହା ହେବ ବି ଭଲ ହେବ।" ଏହା ଏକ ଆଧ୍ୟାତ୍ମିକ ମନୋଭାବ। ଏହା ଆମକୁ ନିଃଶବ୍ଦରେ ଶିଖାଏ ଯେ—ଚିନ୍ତା, ଅହଂକାର, ଦ୍ୱେଷ, ହିଂସା ଆମକୁ କେବେ ଆଗକୁ ବଢ଼ାଏନି। ସାରା ଜୀବନ ଧରି ଝଗଡ଼ା, ରାଗ, ଅହଂକାର ସହ ସମୟ ବ୍ୟୟ କରିଲେ ଆମକୁ କିଛି ମିଳେନାହିଁ। ଯାହା ମିଳେ ତାହା ହେଉଛି ମନର ଭାବ, ଅନୁତାପ ଓ ଅଶାନ୍ତି।


କୁରୁମଟାଙ୍ଗର , ମହୁଲପଡା,
ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭


## କବିତା କୋଣାର୍କ

### ପ୍ରେମିକା

**ଦିନେଶ ମେହେର**



ଗୋଟେ ଅଜଣା ମୁହୂର୍ତ୍ତ
ଯେଉଁଠି ନିଜର ତମାମ ଯୌବନରେ
ଖେଳି ଯାଏ ଅସୁମାରୀ ସ୍ୱପ୍ନର
ପୁଲକ... !
ଦୁଇଟି ଲୁହଭିଜା ଆଖି
ସବୁବେଳେ ନିରିଖି ଦେଖୁଥାଏ
ଏଇ ଏବେ ଏବେ ଟାଇପିଙ୍ଗ୍ କରିଥିବା
ମେସେଜ ସବୁ,
ସେଇ ଦିନ
ସେଇ ନିଝୁମ ରାତିର ଲଗ୍ନ
ସେଇ ଶୀତ ସକାଳର ସୁନେଲୀ କିରଣ
ଆଉ ବାଟ ସାରା ଲମ୍ବି ରହିଥିବା ରାସ୍ତା,
ଦୁଇ ହାତ -
ପାପୁଲିରେ ଛନ୍ଦା ଛନ୍ଦି ହେଇ
କେଜାଣି କେତେ ସ୍ୱପ୍ନ ଦେଖିଛି ଯୋଡ଼େ
ଆଖି।
ଜାଣିଛି,
ନିଜର ସମସ୍ତ ସାମର୍ଥ୍ୟକୁ
ନିଙ୍ଗିବା ପଛରେ ଅନେକ କଥା ଲୁଚିଛି,
ଲୁଚି ଯାଇଛି ଅନେକ ମୁହୂର୍ତ୍ତସବୁ
ଯାହା ବହି ଯାଇଥିଲା
ଗୋଟେ ରୋମାଣ୍ଟିକ ସ୍କ୍ରିପ୍ଟର ଧାରା ଭଳି;
ସେଇ ମୋବାଇଲ କ୍ୟାମେରା,
ଏଇ ମୁହୂର୍ତ୍ତର ମୂକ ସାକ୍ଷୀ,
ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି
କେତେବେଳେ ବିତି ଯାଇଥିଲା
ଅଢ଼େଇ ଘଣ୍ଟା
ପାହି ଯାଇଥିଲା ଅଧରାତି
ତଥାପି ନିଜକୁ ନିଜେ ବଳିଦାନ ଦେଇ
ସ୍ମୃତି ଆହରିବା ଛଡ଼ା ଆଉ କିଛି ଇଛା
ବି ନଥିଲା.... !
ତୁ ଜାଣୁ,
ଗୋଟେ ଅନ୍ୟମନସ୍କତାରେ
ଅନେକ କିଛି ଘଟଣା ଘଟିଯାଏ,
ଅନେକ କିଛି
ହେଇଯାଏ ଅଜାଣତରେ,
ଖେଳିଯାଏ ଶିହରଣ
ଦେହରୁ ହୃଦୟ ସବୁଠି,
ତଥାପି ନାଚାର୍ ଶୋଷିଲା
ଓଠ ଦୁଇ.... !


+ଜୁନାଗଡ଼, କଳାହାଣ୍ଡି
ମୋ: ୮୦୧୮୮୨୮୪୫୬


## କଥା ଦେଇ କଥା ରଖିଲନି

**ନୀଳମଣି ଚାନ୍ଦ**



କହିବିନି ଆଉ ମୋତେ ଲେଖ ଚିଠି
ମୋ ଫଟୋକୁ ଧରି ଦେଖ
ସାଇତି କରିକି ମୋ ଫଟୋ, ଚିଠିକୁ
ତୁମେ ରଖ ବା ନ ରଖ ।

ଆଜି ଲାଗେ ସବୁ ଅତୀତର ପରି
ଲୁଚିଅଛି ଅନ୍ଧକାରେ
ଏକା ଏକା ବସି ଖୋଜେ ମୁଁ ତୁମକୁ
ସମୟ ନଦୀର ଧାରେ
ସମୟ କେମିତି ରଖିବ ସାଇତି
ଆମ ପ୍ରେମ ଶିଳାଲେଖ ।

କହିଥିଲ ତୁମେ ପ୍ରେମ ହୋଇଥାଏ
ଗଲେ ଦୁଇ ମନ ମିଶି
ଅତି ଆପଣାର ବୋଲି ପ୍ରତିଧ୍ୱନି
କହେନାହିଁ ଆଜି ଆସି
କଥାଦେଇ କଥା ରଖିଲନି ଏହା
ସବୁଠାରୁ ବଡ଼ ଦୁଃଖ ।


ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭




ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଖାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ ଏବଂ ଶାନ୍ତ ମନରେ ଭୋଜନ କରନ୍ତୁ। ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ କିମ୍ବା ଆଇସକ୍ରିମ ଖାଆନ୍ତୁ ନାହିଁ। ଖାଇବାର ଠିକ୍ ପୂର୍ବରୁ ଏବଂ ପରେ ପାଣି ପିଅନ୍ତୁ ନାହିଁ। ଏହାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ), ଅଲ୍‌ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟ୍ରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।

# ୨୦୨୬ରେ ୨ଥର ଗୋଚର ହେବେ ବୃହସ୍ପତି: ନୂଆବର୍ଷରେ ଏହି ରାଶିଙ୍କ ଫିଟିଯିବ ଭାଗ୍ୟ

ଗୁରୁ ଗ୍ରହ ଅର୍ଥାତ୍ ବୃହସ୍ପତିଙ୍କ ଗୋଚର ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଜ୍ୟୋତିଷ ଶାସ୍ତ୍ରରେ ବୃହସ୍ପତିଙ୍କୁ ଜ୍ଞାନ, ଭାଗ୍ୟ, ଧର୍ମ, ସନ୍ତାନ ଏବଂ ବୈବାହିକ ଜୀବନର କାରକ ଭାବରେ ବିବେଚନା କରାଯାଏ। ବୃହସ୍ପତିଙ୍କ ଗୋଚର ବ୍ୟକ୍ତିର ବୁଦ୍ଧି, ନିଷ୍ପତ୍ତି ଗ୍ରହଣ, ଉଚ୍ଚଶିକ୍ଷା, ଭାଗ୍ୟ ଏବଂ ଆଧ୍ୟାତ୍ମିକତାକୁ ପ୍ରଭାବିତ କରେ। ବୃହସ୍ପତି ୨୦୨୬ରେ ଦୁଇଥର ଗୋଚର ହେବେ। ଏହା ବ୍ୟତୀତ ବର୍ଷର ଆରମ୍ଭରେ, ବୃହସ୍ପତିଙ୍କ ଅନ୍ୟ ଗ୍ରହ ସହିତ ସଂଯୋଗ ଗଜକେଶରୀ ରାଜଯୋଗ ସୃଷ୍ଟି କରିବ। ଏହାଦ୍ୱାରା କିଛି ରାଶିଗୁଡ଼ିକର ଭାଗ୍ୟ ପରିବର୍ତ୍ତନ ହେବ।

ଗୁରୁ ଗୋଚର ୨୦୨୬

ପ୍ରଥମ ଗୋଚର – ମଙ୍ଗଳବାର, ୨ ଜୁନ, ୨୦୨୬ରେ ୨:୨୫ରେ ବୃହସ୍ପତି ଚନ୍ଦ୍ରଙ୍କ ରାଶି କର୍କଟ ରାଶିରେ ପ୍ରବେଶ କରିବେ।

ଦ୍ୱିତୀୟ ଗୋଚର- ଶନିବାର, ୩୧ ଅକ୍ଟୋବର, ୨୦୨୬ ଦିନ ୧୨:୫୦ ରେ, ବୃହସ୍ପତି ସୂର୍ଯ୍ୟଙ୍କ ରାଶି ସିଂହ ରାଶିରେ ପ୍ରବେଶ କରିବେ।

ବୃହସ୍ପତି ୨୦୨୬: ରାଶି ପାଇଁ ଲାଭ



ବୃଷ – ୨୦୨୬ ବୃଷ ଜାଗତିକଙ୍କ ପାଇଁ ସୌଭାଗ୍ୟ ଆଣିଥାଏ। ଦୀର୍ଘ ଦିନର ଆର୍ଥିକ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ଲାଭ ମିଳିବ। ସନ୍ତାନମାନଙ୍କ ବିଷୟରେ ଚିନ୍ତା ଦୂର ହେବ। ଅବିବାହିତମାନଙ୍କୁ ଭଲ ବିବାହ ପ୍ରସ୍ତାବ ମିଳିବ। କିଛି ନୂତନ ଦାୟିତ୍ୱ ବଢ଼ିପାରେ, କିନ୍ତୁ ଉପରିସ୍ଥ ଅଧିକାରୀମାନେ ଆପଣଙ୍କ କାମରେ ଖୁସି ହେବେ ଏବଂ ଆପଣଙ୍କ ପ୍ରୟାସକୁ ପ୍ରଶଂସା କରିବେ। ଆୟ ବୃଦ୍ଧି ହେବ।

ମିଥୁନ-ବର୍ଷର ଆରମ୍ଭରେ, ବୃହସ୍ପତି ମିଥୁନରେ ଚନ୍ଦ୍ର ସହିତ ଗଜକେଶରୀ ଯୋଗ ସୃଷ୍ଟି କରିବେ। ଏହା ଆପଣଙ୍କ ପାଇଁ ପୂର୍ଣ୍ଣ ଭାଗ୍ୟ ଆଣିବ। ଆୟ ବୃଦ୍ଧି ହେବ। ଆପଣ ନିବେଶରୁ ଲାଭ ପାଇବେ। ଚାଲିଥିବା ବୈବାହିକ ମତଭେଦ ଶେଷ ହେବ। ଆପଣ ବ୍ୟବସାୟିକ ସମସ୍ୟାର ସମାଧାନ ଖୋଜିବାରେ ସଫଳ ହେବେ। ଆପଣଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ।

ସିଂହ-୨୦୨୬ ସିଂହ ରାଶି ପାଇଁ ଶୁଭ ସାବ୍ୟସ୍ତ ହୋଇପାରେ। ବୃହସ୍ପତି ଏହି ବର୍ଷ ସିଧାସଳଖ ହୋଇଯିବେ, ଆୟ ଦୃଷ୍ଟିରୁ ଆପଣଙ୍କୁ ଲାଭ ଆଣିବ। ନୂତନ ଲୋକଙ୍କ ସହିତ ସମ୍ପର୍କ ବୃଦ୍ଧି ପାଇବ, ଯାହା ଆପଣଙ୍କ ବ୍ୟବସାୟକୁ ଲାଭ ଦେବ।

# ମାନସିକ ଓ ଶାରିରୀକ ସୁସ୍ଥ ରହିବେ କିପରି: ଆପଣାନ୍ତୁ ଜାପାନୀ ସୂତ୍ର...

ଆଜିର ବ୍ୟସ୍ତ ବହୁଳ ବିବ୍ରତ ବିଷାଦ ସାଙ୍ଗକୁ କ୍ଲାନ୍ତ କର୍ମମୟ ଜୀବନରେ ମଣିଷ ଯେତେବେଳେ ଅଶାନ୍ତିରେ ବାଟବଣା ହୋଇ ଘୂରିବୁଲୁଛି ଟିକେ ଶାନ୍ତି ପାଇବାକୁ ଆଜିର ଦୁନିଆରେ ଏକ ପ୍ରକାର ଅସମ୍ଭବ ହୋଇଯାଇଛି। ଏହି ଶାନ୍ତି ଟିକିଏ କିପରି ମଣିଷକୁ ମିଳିପାରିବ ସେଥିପାଇଁ ଜାପାନୀମାନେ ୫ଟି ଶୈଳୀକୁ ଅନୁସରଣ କରିଥାନ୍ତି। ଏହି ଅଭ୍ୟାସ ସବୁକୁ ଯଦି ଜଣେ ଧରି ଚାଲିବ ତେବେ କୌଣସି ଅଶାନ୍ତିର ବଶବର୍ତ୍ତୀ ହେବ ନାହିଁ। ଏହି ଅଭ୍ୟାସ ସବୁ କରିବାକୁ ହେଲେ ମନକୁ ପ୍ରଥମେ ଦୃଢ଼ କରିବା ଦରକାର। ତେବେ ଯାଇ ଜରେ ମାନସିକ ଓ ଶାରିରୀକ ସୁସ୍ଥ ଅନୁଭବ କରିପାରିବ। ଆଜିର ସଭ୍ୟତାରେ ମଣିଷ ବେଳେବେଳ ନିଜ ନିୟନ୍ତ୍ରଣରେ ନଥିବା ସାମଗ୍ରୀ ପାଇବାକୁ ସଂଘର୍ଷ କରୁଛି କିନ୍ତୁ ପାଇପାରୁ ନାହିଁ। ସେଥିପାଇଁ ଏଥିପ୍ରତି ସମୟ ନଷ୍ଟ ନ କରି ମନକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇବା ଉଚିତ। ସରଳ ଭାଷାରେ ବୁଝାଇବାକୁ ଗଲେ ଲୋଭକୁ ଛାଡ଼ିବା ଉଚିତ। ଏକ ସୁନ୍ଦର ଶାନ୍ତ ପରିବେଶରେ କିଛି ସମୟ ନିଜ ଭିତରେ କାଟିବା। ସୋସିଆଲ୍ ମିଡିଆରୁ କିଛି ସମୟ ଦୂରେଇ ରଖିପାରିଲେ ଆମେ ମନାରେ ଶାନ୍ତି ଆଣି ପାରିବା। ଏହା ଏକ ସରଳ ଏବଂ ଶକ୍ତିଶାଳୀ ଉପାୟ ଯାହା ମନକୁ ବାସ୍ତୁବାଦୀ ଚିନ୍ତାରୁ ସ୍ଥାନାନ୍ତରିତ କରିଥାଏ। ଈଶ୍ୱରଙ୍କ ଧ୍ୟାନ-ତପ-ଜପରେ ନିଜର କିଛି ସମୟ କାଟିବା ଦରକାର। ଏପରି ଦ୍ୱାରା ମନକୁ ହାଲୁକା ଲାଗେ ଓ ସକାରାତ୍ମକ ଚିନ୍ତାଧାରା ଆସିଥାଏ। ଯେକୌଣସି କାର୍ଯ୍ୟପ୍ରତି ମନକୁ ଦୃଢ଼ ପାଇବାର ଇଚ୍ଛା ଶକ୍ତି ରହିବା ଦରକାର। ସେଥିପାଇଁ ଗୋଟିଏ କାର୍ଯ୍ୟରେ ମନକୁ କେନ୍ଦ୍ରିତ କରି ନିଷ୍ପତ୍ତି ନେବା ଉଚିତ। ଯାହାଦ୍ୱାରା ଆମକୁ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାକୁ ସହଜ ହୋଇଥାଏ। ଜୀବନରେ ସବୁକିଛି କ୍ଷଣସ୍ଥାୟୀ। ସେଥିପାଇଁ ଗୋଟଏ ଜିନିଷକୁ ମନ ଭିତରେ ରଖି ମନକୁ ଚାପଗ୍ରସ୍ତ କରିବା ଠିକ୍ ନୁହେଁ। ସମୟ ସହିତ ମଣିଙ୍କୁ ଚାଲିବାକୁ ପଡ଼ିଥାଏ। ସେଥିପାଇଁ ମନରେ ବାରମ୍ବାର ଗୋଟିଏ କଥା ପ୍ରତି ଘାରି ନ ହୋଇ ଅନ୍ୟ କାର୍ଯ୍ୟରେ ମନ ନିବେଶ କରିପାରିଲେ ମନକୁ ଶାନ୍ତି ମିଳିଥାଏ।




ମାନସିକ ରୋଗଗୁଡ଼ିକ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଅନେକ ଭୁଲ୍ ଧାରଣା ରହିଛି। ଲୋକମାନେ ଭାବନ୍ତି ମାନସିକ ରୋଗର ଚିକିତ୍ସା ସମ୍ଭବ ନୁହେଁ ଏବଂ ଏହା କେବେ ଭଲ ହୋଇପାରିବ ନାହିଁ। ଔଷଧ ସାରା ଜୀବନ ଖାଇବାକୁ ପଡ଼େ ଏବଂ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ମାତ୍ର ଏ ସବୁ ଭୁଲ୍ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଏଥି ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶକରି ଚିକିତ୍ସା କରିବା ଜରୁରୀ। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ। ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

# ଏଆଇ କହିବ କେମିତି ନେବେ ମେକଅପ୍ !

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଅଗମେଣ୍ଟେଡ୍ ରିଅଲିଟି ମେକଅପ୍ ଇଣ୍ଡଷ୍ଟ୍ରିକୁ ଏକ ନୂତନ ଯୁଗକୁ ନେଇଯିବାକୁ ବସିଛି। ମେକ୍‌ଅପ୍ କମ୍ପାନି ଓ ବ୍ରାଣ୍ଡଗୁଡ଼ିକ ବର୍ତ୍ତମାନ ଏଆଇ ଆଧାରିତ ସ୍ମାର୍ଟ ବିଉଟି ମିରର୍ ଓ ଭର୍ଚୁଆଲ୍ ମେକଅପ୍ ଆପ୍ ମାଧ୍ୟମରେ ଗ୍ରାହକଙ୍କୁ ସେମାନଙ୍କର ଉତ୍ପାଦ ପରୀକ୍ଷା ଓ ଟ୍ରାଏଲ କରିବାକୁ ଅଫର୍ ପ୍ରଦାନ କରୁଛନ୍ତି। ସବୁ ଗ୍ରାହକଙ୍କ ପାଇଁ ଗୋଟିଏ ଉତ୍ପାଦ ବଦଳରେ ଗ୍ରାହକଙ୍କ ତ୍ୱଚାର ରଙ୍ଗ ଅନୁଯାୟୀ ସ୍ୱତନ୍ତ୍ର ଉତ୍ପାଦ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ବଜାରର ଟ୍ରେଣ୍ଡକୁ ଆକଳନ କରିବା ପାଇଁ ଏଆଇର ମଧ୍ୟ ସାହାଯ୍ୟ ନିଆଯାଉଛି।



ଅନ-ସ୍କ୍ରିନ ମେକଅପ୍ ପାଇଁ 'ମୋଡିଫେସ୍' ପରି ଆପ୍‌ର ପ୍ରୟୋଗ:

ବିଶ୍ୱପ୍ରଖ୍ୟାତ ମେକଅପ୍ ବ୍ରାଣ୍ଡ ମେବେଲିନ ମାଇକ୍ରୋସଫ୍ଟ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ପାଇଁ ବୁଝାମଣା ସ୍ୱାକ୍ଷର ହୋଇଛି। ମେବଲିନ୍ ପ୍ୟାରେଣ୍ଟ୍ କମ୍ପାନି 'ଲ'ରିଏଲ' ପାଖରେ ଅନ୍‌ସ୍କ୍ରିନ୍ ମେକ୍‌ଅପ୍ ପାଇଁ 'ମୋଡିଫେସ୍' ଆପ୍ ଏବଂ ଏକ ଭର୍ଚୁଆଲ୍ ମେକ୍‌ଅପ୍ ବ୍ୟାଗ୍ ରହିଛି। ଏହି ବ୍ୟାଗ୍‌ରେ ଆପଣ ୧୨ ପ୍ରକାର ଲୁକ୍‌ସ୍ ଟ୍ରାଏ କରିପାରିବେ। 'ଲାକ୍‌ମେ'ର 'ସ୍କିନ୍ ଆଡ୍‌ଭାଇଜର' ଆପ୍‌ରେ ନିଜର ସେଲ୍‌ଫି ଡାଉନ୍‌ଲୋଡ୍ କରି ସ୍କିନ୍ ଟୋନ୍‌କୁ ଗଭୀର ଭାବେ ଅନୁକ୍ଷଣ କରିପାରିବେ। ଏଥିରେ ଆପଣଙ୍କୁ ସେ ଲିପ୍‌ଷ୍ଟିକ୍, ଆଇସାଡୋ କିମ୍ବା ଫାଉଣ୍ଡେସନ୍ ଲଗାଇବା ପାଇଁ ଅଡିଓ ଫିଡ୍‌ବ୍ୟାକ୍ ପ୍ରଦାନ କରୁଛି।

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହାୟତାରେ ଏହି ସୁବିଧା ସବୁ ଉପଲବ୍ଧ:

ଡିଏନ୍‌ଏ ଟେଷ୍ଟିଂ କିଟ୍: ଉପଭୋକ୍ତାଙ୍କ ଜିନ୍ ଉପରେ ଆଧାର କରି କମ୍ପାନିଗୁଡ଼ିକ ଉତ୍ପାଦ ବିକାଶ ଉପଭୋକ୍ତାଙ୍କ ତ୍ୱଚାର ରଙ୍ଗ, ଉଚ୍ଚତା ଇତ୍ୟାଦିକୁ ଆଧାର କରି ଉପଭୋକ୍ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଉତ୍ପାଦ ତିଆରି କରୁଛି।

ଫେସ୍ ସ୍କାନର: ଚେହେରାର ଗଠନ ଅନୁଯାୟୀ ଆପଣଙ୍କୁ ଭିନ୍ନ ଭିନ୍ନ ଲୁକ୍‌ସ୍ ପାଇଁ ପରାମର୍ଶ ଦେଉଛି।

ଭର୍ଚୁଆଲ୍ ମେକ୍‌ଅପ୍ ଟୁଲ୍: ଗ୍ରାହକମାନେ ଏହି ସ୍ୱତନ୍ତ୍ର ଏଆଇ ଟୁଲରେ ଥିବା ବିଭିନ୍ନ ପ୍ରସାଧନ ସାମଗ୍ରୀ ଚେଷ୍ଟା କରିପାରିବେ।

ଏଆର୍ ଫିଲ୍ଟର: ଏହି ଫିଲ୍ଟର ଆପଣଙ୍କୁ ଭିନ୍ନଭିନ୍ନ ଡିଜିଟାଲ୍ ଲୁକସ୍‌ଗୁଡ଼ିକୁ ଅନୁଭବ କରିବାର ସୁଯୋଗ ପ୍ରଦାନ କରିଥାଏ।




ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଏଥିରେ କୁରକୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ ସାହାଯ୍ୟ କରେ।




ଚଳିତ ବର୍ଷ ବିଳମ୍ବରେ ଶୀତର ଆଗମନ ହୋଇଥିବା ବେଳେ ଏକପ୍ରକାର ଲୁଚକାଳି ଖେଳ ଖେଳୁଛି। କେବେ କମିଯାଉଛି ତ କେବେ ବଢ଼ିଯାଉଛି। ନଭେମ୍ବର ମାସ ପରେ ପରେ ଶୀତ ଆରମ୍ଭ ହୋଇଥିବା ବେଳେ ଅନେକ ପ୍ରଦୂଷିତ ସହରର ଅବସ୍ଥା ଆହୁରି ଖରାପ ହୋଇଛି। ବିଶେଷ କରି ମେଟ୍ରୋ ସହରମାନଙ୍କରେ ଲୋକେ ପ୍ରଦୂଷଣ ପାଇଁ ହଟହଟା ହେଉଛନ୍ତି। ଏହା ଅନେକ ଶାରୀରିକ ସମସ୍ୟା ଉପୁଜାଉଥିବା ବେଳେ ଶୀତଦିନେ ବୋହୁଥିବା ଥଣ୍ଡା ପବନ ଅନେକ ରୋଗ ସୃଷ୍ଟି କରୁଛି। ତେବେ ଆସନ୍ତୁ ଜାଣିବା ଶୀତଦିନେ କେଉଁ ରୋଗ ଅଧିକ ମାତ୍ରାରେ ବ୍ୟାପିଥାଏ। ନଭେମ୍ବର ମାସ ସରିବା ସହ ଶୀତର ଲହର ବଢିବାରେ ଲାଗିଛି। ଫଳରେ ସକାଳ ଏବଂ ରାତିରେ ବେଶୀ ଥଣ୍ଡା ଅନୁଭୂତ ହେଉଛି। ଯଦିଓ ଖରାବେଳେ ସୂର୍ଯ୍ୟଙ୍କ ପ୍ରଭାବରେ ଟିକେ ଗରମ ଲାଗୁଛି, କିନ୍ତୁ ଏହା ଶରୀର ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଏହି ପରିବର୍ତ୍ତିତ ପାଗ ଆମ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ପ୍ରବଳ ଥଣ୍ଡା ଫଳରେ ଅନେକ ରୋଗ ସୃଷ୍ଟି ହୋଇ ଆମ ଶରୀରକୁ ଦୁର୍ବଳ କରିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ କମାଇ ଦେଉଛି। ତେବେ ଶୀତ ଦିନରେ ଥଣ୍ଡା ପବନ ଶରୀରରେ କେଉଁ ପ୍ରଭାବ ପକାଇଥାଏ? ଆମେ କେଉଁ ରୋଗର ଶିକାର ହୋଇଥାଉ? ଏ ସଂପର୍କରେ ଜାତୀୟ ଗଣମାଧ୍ୟମକୁ କନୌଜ ସରକାରୀ ମେଡିକାଲ କଲେଜର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡାକ୍ତର ଦିଲୀପ ସିଂହ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି । ଅନେକ ସମୟ ପରେ ଶୀତ ଆସିବା ଦ୍ୱାରା ପ୍ରଥମେ ପ୍ରଥମେ ଥଣ୍ଡା ପବନ ଶରୀରକୁ ଭଲ ଲାଗିଥାଏ। କିନ୍ତୁ କିଛିଦିନ ପରେ ଏହି ଥଣ୍ଡା ପବନ ଶରୀର ପାଇଁ ହାନୀକାରକ ସାବ୍ୟସ୍ତ ହୋଇଥାଏ। ଶୀତଦିନରେ ଥଣ୍ଡା ପବନ ଶରୀରର ବହୁତ ସମୟ ପର୍ଯ୍ୟନ୍ତ ବାଜିବା ଦ୍ୱାରା କାନ, ନାକ, ଗଳା ଏବଂ ଛାତିରେ ଗଭୀର ଯନ୍ତ୍ରଣା ସୃଷ୍ଟି ହୋଇଥାଏ। ଏଥିରୁ ବଞ୍ଚିବାକୁ ହେଲେ ଶୀତଦିନେ ଘରୁ ବାହାରିବା ଆଗରୁ ଶୀତବସ୍ତ୍ର ପିନ୍ଧିବା ଉଚିତ୍। ଶୀତବସ୍ତ୍ର ସହ ଗରମ ଖାଦ୍ୟ ଏବଂ ବିଭିନ୍ନ ପ୍ରକାର ସୁପ ପିଇବା ଦ୍ୱାରା ଶରୀର ଥଣ୍ଡା କବଳରୁ ରକ୍ଷା ପାଇଥାଏ। ଶୀତଦିନେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ ଖରାର ପ୍ରକୋପ କମ ରହିଥାଏ। ଖରା କେବଳ ମଧ୍ୟାହ୍ନ ସମୟରେ ହେଉଥିବା ବେଳେ ଏହା ଆମ ଶରୀର ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଶରୀରରେ ଭିଟାମିନ ଡିର ମାତ୍ରା କମ ରହିଥାଏ। ଫଳରେ ହାଡ଼ ଏବଂ ମାଂସପେଶୀ ଯନ୍ତ୍ରଣା ଆରମ୍ଭ ହୋଇଥାଏ । ତେଣୁ, ଏହି ଥଣ୍ଡାରୁ ନିଜକୁ ରକ୍ଷା କରିବା ପାଇଁ ଗରମ ପୋଷାକ ପିନ୍ଧିବା ସହ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଇବା ଏବଂ ବ୍ୟାୟାମ କରିବା ଦ୍ୱାରା ଏହା ହାଡକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଶୀତଦିନେ ପ୍ରବଳ ଥଣ୍ଡା ହେବା ଯୋଗୁଁ ବାୟୁମଣ୍ଡଳ ଶୁଷ୍କ ରହିଥାଏ। ଫଳରେ ଏହା ସିଧସଳଖ ଭାବରେ ଆମ ଚର୍ମକୁ ପ୍ରଭାବିତ କରିଥାଏ।

# କିମ୍ସ-ଶୁଭ୍ରା ରୁରାଲ ହସ୍ପିଟାଲକୁ ଲୋକାର୍ପଣ କରିବେ ଭାରତର ପୂର୍ବତନ ସିଏଜି ତଥା ଜମ୍ମୁ-କାଶ୍ମୀରର ପ୍ରଥମ ଉପରାଜ୍ୟପାଳ ଗିରିଶଚନ୍ଦ୍ର ମୁର୍ମୁ



ବେତନଟୀ,୦୨/୧୨ (ନି.ପ୍ର): ଗୁଜୁରାଟର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ ଏବଂ ଓଡିଶାର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାକୁ ଏକ ନୂତନ ସୋପାନରେ ପହଞ୍ଚାଇ ବିଶ୍ୱବିଦିତ ହୋଇଥିବା କିମ୍ସର ମିଳିତ ସହଭାଗିତାରେ ବେତନଟୀ ଥାନା ଖଡିଶୋଳ ପଞ୍ଚାୟତ ଅଧୀନ କଞ୍ଚଳ ଠାରେ ନିର୍ମିତ କିମ୍ସ-ଶୁଭ୍ରାଂ ରୁରାଲ ହସ୍ପିଟାଲକୁ ଆସନ୍ତା ୭ତାରିଖରେ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିବେ ଭାରତର ପୂର୍ବତନ ସିଏଜି ତଥା ଜମ୍ମୁ-କାଶ୍ମୀରର ପ୍ରଥମ ଉପରାଜ୍ୟପାଳ ବରିଷ୍ଠ ଆଇଏଏସ ଅଧିକାରୀ ଗିରିଶଚନ୍ଦ୍ର ମୁର୍ମୁ ନିଜର ଧର୍ମପତ୍ନୀ ତଥା ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନର ନିର୍ଦ୍ଦେଶିକା ସ୍ମିତା ମୁର୍ମୁ ଏବଂ କିମ୍ସ ଓ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ପ୍ରମୁଖ ଅତିଥି ?ଅଧିକାରୀ। ଆସନ୍ତା ୭ତାରିଖରେ ପୂର୍ବତନ ସିଏଜି ଗିରିଶଚନ୍ଦ୍ର ମୁର୍ମୁ, ଧର୍ମପତ୍ନୀ ସସ୍ମିତା ମୁର୍ମୁ ଏବଂ ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ଗସ୍ତକୁ ଦୃଷ୍ଟିରରେ ରଖି କଳସ୍ଥିତ କିମ୍ସ- ଶୁଭ୍ରା ଗ୍ରାମାଞ୍ଚଳ ଡାକ୍ତରଖାନା ପରିସରରେ କିମ୍ସର ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି । ଭାରତର ପୂର୍ବତନ ସିଏଜି ଗିରିଶଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଦିଲ୍ଲୀପ ମୁର୍ମୁଙ୍କ ସଂଯୋଜନାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବାରିପଦା ବାକିଶୋଳସ୍ଥିତ କିସ୍ ଅନୁଷ୍ଠାନର ଅତିରିକ୍ତ ନୋଡାଲ ଅଧିକାରୀ ଜାଗ୍ରତ ସାହୁ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ଆଜିର ଏହି ପ୍ରସ୍ତୁତି ବୈଠକରେ କିମ୍ସ ପକ୍ଷରୁ ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ହରିଶ ଚୌଧୁରୀ, ଉନ୍ନୟନ ଅଧିକାରୀ ଦିଲ୍ଲୀପ ଜେନା, ବାୟୋମେଡିକାଲ ବିଭାଗ ମୁଖ୍ୟ ଅକ୍ଷୟ ସ୍ୱାଇଁ, କଳିଙ୍ଗଟିଭି ମୟୂରଭଞ୍ଜ ମୁଖ୍ୟ ଅତ୍ୟଜିତ ସୋମ୍ ପ୍ରମୁଖ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । କଞ୍ଚୁଳ ପୂର୍ବତନ ସିଏଜି ଗିରିଶଚନ୍ଦ୍ର ମୁର୍ମୁଙ୍କ ପୈତୃକଗ୍ରାମ ହୋଇଥିବା ବେଳେ ଉନ୍ନତ ଚିକିତ୍ସାସେବାରୁ ବଞ୍ଚିତ ହୋଇ ରହୁଥିବା ହଜାର ହଜାର ଲୋକଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଳ ଭଳି ଗ୍ରାମାଞ୍ଚଳରେ କିମ୍ସ-ଶୁଦ୍ରା ରୁରାଲ ହସ୍ପିଟାଲର ପ୍ରତିଷ୍ଠା କରାଯାଇଛି । ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନର ନିର୍ଦ୍ଦେଶିକା ସ୍ମିତା ମୁର୍ମୁ ରହିଥ ?ବା ବେଳେ ଏହି ଡାକ୍ତରଖାନା ପାଇଁ ଫାଉଣ୍ଡେସନ ପକ୍ଷରୁ ଏହି ରୁରାଲ ହସ୍ପିଟାଲ ପାଇଁ ସମସ୍ତ ପ୍ରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଇଛି । କିମ୍ସ-ଶୁଦ୍ରା ରୁରାଲ ହସ୍ପିଟାଲ ଉଦଘାଟନ ଅବସରରେ ଆସନ୍ତା ୭ତାରିଖରେ ଏକ ମେଗା ସ୍ୱାସ୍ଥ୍ୟଶିବିରର ଆୟୋଜନ କରାଯିବା ନେଇ ସ୍ଥିରୀକୃତ ନିଷ୍ପତ୍ତି ମୁତାବକ ଏନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପ୍ରସ୍ତୁତିବୈଠକ ତଥା ସମ୍ବାଦିକ ସମ୍ମିଳନୀରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସାଙ୍ଗକୁ ବୈଠକରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପୂର୍ବତନ ସରପଞ୍ଚ, ଶିକ୍ଷାବିତ ତଥା ଅଞ୍ଚଳବାସୀଙ୍କ ମତାମତକୁ ନେଇ ମଧ ସମୀକ୍ଷା କରାଯାଇଥିଲା । ରୁରାଲ ହସ୍ପିଟାଲ ଉଦଘାଟନ ଦିନ ହେବାକୁଥ ?ବା ମେଗା ସ୍ୱାସ୍ଥ୍ୟଶିବିରରେ ଭେଷକ, ଅସ୍ଥି, ଶଲ୍ୟ, ନାସା, କଣ୍ଠି, ଆଖୁ, ଗ୍ୟାସ୍ଟ୍ରୋଏଣ୍ଟୋଲୋଜି, ସ୍ତ୍ରୀ ଓ ପ୍ରସୂତୀ, ଶିଶୁରୋଗ ବିଶେଷଜ୍ଞ ସମେତ ବିଭିନ୍ନ ବିଭାଗର ବିଶେଶଙ୍କ ମଞ୍ଚ ଯୋଗଦେବାର କାମଳୟ ରହିଛି । ସୋମବାର ଆମେଳିର ମହରିବୈଠକ ଶିଶୁରୋଗ ବିଶେଷଜ୍ଞ ସମେତ ବିଭିନ୍ନ ବିଭାଗର ବିଶେଷଜ୍ଞ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସୋମବାର ଅୟୋଜିତ ପ୍ରସ୍ତୁତିବୈଠକ ତଥା ସାମ୍ବାଦିକ ସମ୍ମିଳନୀରେ ବେତନଟୀ ବ୍ଲକ ସାମ୍ବାଦିକସଂଘର ପକ୍ଷରୁ ସର୍ବେଶ୍ୱର ମହାନ୍ତ, ଅନୁପ ଦଣ୍ଡପାଟ, ଗତିକୃଷ୍ଣ ମହାନ୍ତ, କେଶବ ନାଥ, ଅବିନାଶ ପଣ୍ଡା, ଶାନ୍ତନୁ ପଣ୍ଡାଙ୍କ ସମେତ ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ଖଡିଶୋଳ ସରପଞ୍ଚ ସଞ୍ଜୀବ କିନ୍ତୁ, ଖଡିଶୋଳର ପୂର୍ବତନ ସରପଞ୍ଚ କୃଷ୍ଣକୁମାର ଟୁଡୁ, ଯୁବସଂଗଠକ ନରହରି ମହାନ୍ତ, ଖଡିଶୋଳ ହାଇସ୍କୁଲର ପ୍ରଧାନଶିକ୍ଷକ ଇଶ୍ୱରଚନ୍ଦ୍ର ମହାନ୍ତଙ୍କ ସମେତ ପଞ୍ଚାୟତର ଦିବାକର ବେହେରା(ନିନିବାବୁ), ଅନୁ ମହାନ୍ତଙ୍କ ସମେତ ଆଖପାଖ ବିଭିନ୍ନ ପଞ୍ଚାୟତରୁ ସ୍ଥାନୀୟଲୋକେ ଯୋଗେ ଦେଇଥିଲେ । କଞ୍ଚୁଶୋଳରେ ଉଦଘାଟିତ ହେବାକୁ ଯାଉଥ ?ବା କିମ୍ସ-ଶୁଭ ରୁରାଲ ହସ୍ପିଟାଲ କାର୍ଯ୍ୟକ୍ଷମ ପରେ ବାରିପଦା ସଦରବବ୍ଲକ ସମେତ ପଡୋଶୀ ମୋରଡା, ବେତନଟୀ ଏବଂ ବଡସାହି ବ୍ଲକ ଅଧୀନ ଆଖପାଖ ବିଭିନ୍ନ ପଞ୍ଚାୟତରେ ବସବାସ କରୁଥିବା ହଜାର ହଜାର ଅଞ୍ଚଳବାସୀ ହାତପାହାନ୍ତାରେ ବିନାମୂଲ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ । ବଣଜଙ୍ଗଲ ଘେରା ଏହି ଅଞ୍ଚଳରେ ଉନ୍ନତ ତଥା ଦାତବ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିମ୍ସ-ଶୁଭ୍ରାଂ ରୁରାଲ ହସ୍ପିଟାଲ ଏକ ଯୁଗାନ୍ତକାରି ତଥା ଯୁଗପଯୋଗୀ ପଦକ୍ଷେପ ବୋଲି ମତପ୍ରକାଶ ପାଇଥିଲା । କିମ୍ସ-ଶୁଭା ରୁରାଲ ହସ୍ପିଟାଲକୁ ନେଇ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ତଥା ଉଦଘାଟନ ଉତ୍ସବକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବାର ଦେଖିବାକୁ ମିଳିଛି।

# ସୋନପୁର ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର,୦୨/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ,ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୬୬ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୮ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୬ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ସୋନପୁର, ଶ୍ରୀ ସଂଜୀବ କୁମାର ସାହୁଙ୍କ ତତ୍ୱାବଧାନରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର, ଶ୍ରୀମତି ସୋମ୍ୟାରୂପା ରଥଙ୍କ ସମେତ ତହସିଲଦାର, ସୋନପୁର ଶ୍ରୀମତି ରଶ୍ମିରେଖ ଜି ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ,କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ନିର୍ଦ୍ଦେଶ ଦେଇଥିଲେ ଯେ ଆଗାମୀ ଅଭିଯୋଗ ଶୁଣାଣି ଶିବିର ମାନଙ୍କରେ ଦୁଇଗୋଟି ଚଉକି ଅଭିଯୋଗକାରୀ ଓ ଅଭିଯୋଗକାରିଣୀ ମାନଙ୍କ ବସିବା ପାଇଁ ସାମନାରେ ରଖିବେ, ଫଳରେ ସେମାନେ ବସି କି ସେମାନଙ୍କର ଅଭିଯୋଗ କହିବେ ଓ ଦାଖଲ କରି ପାରିବେ।

# ସ୍ୱିରିଜାର ବାର୍ଷିକ ଉତ୍ସବ ୨୦୨୫ ଅନୁଷ୍ଠିତ

କେନ୍ଦୁଝର,୦୨/୧୨ (ନି.ପ୍ର): କେନ୍ଦୁଝରର ଅଗ୍ରଣୀ ଡ୍ୟାନ୍ସ ଏକାଡେମୀ ସ୍ୱିରିଜା ର ବାର୍ଷିକ ଉତ୍ସବ ୨୦୨୫ ସ୍ଥାନୀୟ କାଳୀ ପଡିଆ ଠାରେ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱିରିଜା ର ଏହି ୧୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ ଡ଼ି ଧନରାଜ, ନଗରପାଳ ଶ୍ରୀମତୀ ନିକୁ ସାହୁ, ସମାଜସେବୀ ତଥା ଆଇ ଡ଼ି ଏଲ ର ନିର୍ଦ୍ଦେଶିକା ସେବତୀ ସିଂ,ମାନସିକ ବିଶେଷଜ୍ଞ ଡା. ଏସ.କେ ମାଝୀ ଏବଂ ହୋଟେଲ 'ଦୋ ସାନ୍ସ' ର ନିର୍ଦ୍ଦେଶକ ୱାସୀମ ନାୟର ଉପସ୍ଥିତ ଥିଲେ। ସ୍ୱିରିଜା ର ନିର୍ଦ୍ଦେଶୀକା ପ୍ରଗତିକା ମହାନ୍ତି ଏବଂ ସହନିର୍ଦ୍ଦେଶକ ଆର୍ଯ୍ୟନ ରାୟ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ସ୍ୱିରିଜା ଡ୍ୟାନ୍ସ ଏକାଡେମୀ ଦୀର୍ଘ ୧୧ ବର୍ଷ ବହୁ ବାଧାବିଘ୍ନ କୁ ଅତିକ୍ରମ କରି ନିଜର ଲକ୍ଷ୍ୟ ପଥରେ ପହଞ୍ଚି ପାରିଛି।

## ପାଟଣା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କେନ୍ଦୁଝର,୦୨/୧୨ (ନି.ପ୍ର): ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୈତରଣୀ ବିହାର ର ୨୯ ତମ ବାର୍ଷିକ କ୍ରୀଡା ଖୁବ୍ ଆଡମ୍ବର ସହକାରେ ଉଦ୍‌ଯାପନ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ଏହି କ୍ରୀଡାରେ ବାଳବର୍ଗ, ଶିଶୁବର୍ଗ ଏବଂ କିଶୋର ବର୍ଗର ଭାଇ ଏବଂ ଭଉଣୀ ମୋଟ ୩୩୬ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା କଲେଜ ର କ୍ରୀଡା ଶିକ୍ଷକ ତଥା ଏନ ସି ସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ,ମୁଖ୍ୟ ବକ୍ତାଭାବେ ପାଟଣା ବନପାଳ ବନବିହାରୀ ସର୍ଦ୍ଦାର ଓ ସଂମାନିତ ଅତିଥି ଭାବେ ବିଦ୍ୟାଳୟ ର ସଭାପତି ବ୍ରଜେନ୍ଦ୍ରକୁମାର ପତି, ସମ୍ପାଦକ ଦୟାନିଧି ମହାନ୍ତ, ପରିଚାଳନା କମିଟିର ସଦସ୍ୟା ମାମିନା ବେହେରା ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ।କ୍ରୀଡା ଶିକ୍ଷକ ଗଜେନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡା ରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ।ଖେଳରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ଉତ୍ସାହିତ କରିବା ସହିତ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଶିକ୍ଷଣ

ଭୁବନେଶ୍ୱର,୦୨/୧୨ (ନି.ପ୍ର): ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଏବଂ ଆଇଟି-ଆଇଟିଇଏସ୍ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ହାର୍ଡୱେୟାର ଟ୍ରେଡ୍ ର ଅଧ୍ୟାପକମାନଙ୍କ ପାଇଁ ପାଞ୍ଚ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସିଟିଟିସିଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହି ପ୍ରଶିକ୍ଷଣର ଆୟୋଜନ କରିଛି । ଛାତ୍ରଛାତ୍ରୀମାନଙ୍କ ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଡିସେମ୍ବର ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ ।

ସିଟିଟିସିରେ ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର ନାୟକ, ସିଟିଟିସି ଜେନେରାଲ୍ ମ୍ୟାନେଜର୍ ଏଲ୍. ରାଜଶେଖର, ସିନିୟର ମ୍ୟାନେଜର୍ (ଟ୍ରେନିଂ) କେ.ଏମ୍ ରାଜନ୍ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଡକ୍ଟର ଉମାକାନ୍ତ ସେଠୀ, ଓଆଇସି, ସାମସ୍ , ଡିଏଚଏସଇ, ବିଶ୍ୱ ଦକ୍ଷତା କେନ୍ଦ୍ରର ପ୍ରିନ୍ସିପାଲ୍ ଶ୍ରୀ ଟି. ଥମ୍ବୀ ରାଜା ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ସିଟିଟିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଧନ୍ଦାମୂଳକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ପ୍ରଯୁକ୍ତିବିଦ୍ୟା ଯୁଗରେ ଆଇଟି-ଆଇଟିଇଏସ୍ ଏବଂ ଇ ଆଣ୍ଡ ଏଚ୍ ଟ୍ରେଡ୍ ର ବିପୁଳ ସୁଯୋଗ ଥିବା ପ୍ରକାଶ କରିଥିଲେ । ସେ କହିଛନ୍ତି ଯେ ଏହିପରି ବ୍ୟବହାରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବ। ଶ୍ରୀମତୀ ବିନିତା ସେନାପତି, ବର୍ତ୍ତମାନ ଓଡ଼ିଶାରେ ଧନ୍ଦାମୂଳକ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହିଭଳି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଜ୍ଞାନ ଏବଂ ନିଯୁକ୍ତିଯୋଗ୍ୟ ଦକ୍ଷତା ଉଭୟ ହାସଲ କରିବାରେ ସହାୟତା କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି ।

ସେହିପରି ଶ୍ରୀ ଜିତେନ୍ଦ୍ର ନାୟକ ଉଚ୍ଚମାନର ବ୍ୟବହାରିକ ପ୍ରଶିକ୍ଷଣ ସୁନିଶ୍ଚିତ କରିବା ପାଇଁ ସିଟିଟିସି ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ଭଳି ପ୍ରମୁଖ ପ୍ରତିଷ୍ଠାନର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଛନ୍ତି । ସିଟିଟିସି ବରିଷ୍ଠ ଅଧିକାରୀ ତଥା ଜେନେରାଲ୍ ମ୍ୟାନେଜର୍ ଶ୍ରୀ ଏଲ୍. ରାଜଶେଖର ଏବଂ ସିନିୟର୍ ମ୍ୟାନେଜର (ଟ୍ରେନିଂ) ଶ୍ରୀ କେ.ଏମ୍. ରାଜନ, ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ ଏବଂ ଏକ ଦକ୍ଷ କର୍ମଶକ୍ତି ସୃଷ୍ଟି କରିବାର ରାଜ୍ୟର ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ସିଟିଟିସି ସହଯୋଗ କରିବା ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ ।

ସେହିପରି ଆଜି ବିଶ୍ୱ ଦକ୍ଷତା କେନ୍ଦ୍ରରେ ମଧ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ସେଠାରେ ଡକ୍ଟର ଉମାକାନ୍ତ ସେଠୀ ଉପସ୍ଥିତ ରହି ଧନ୍ଦାମୂଳକ ଶିକ୍ଷା ଓଡ଼ିଶାର ଶିକ୍ଷା ସଂସ୍କାରରେ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସୂଚନା ଦେଇଛନ୍ତି । ସେହିପରି କେନ୍ଦ୍ରର ପ୍ରିନ୍ସିପାଲ୍ ଶ୍ରୀ ଟି. ଥମ୍ବୀ ରାଜା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବୈଷୟିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ବିଶ୍ୱ ଦକ୍ଷକ୍ଷତା କେନ୍ଦ୍ରରେ ଉନ୍ନତ ତାଲିମ ଭିତ୍ତିଭୂମି ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ସିଟିଟିସ ପ୍ରଶିକ୍ଷଣରେ ଆଠଟି ଜିଲ୍ଲା- ବଲାଙ୍ଗୀର, ଗଞ୍ଜାମ, ଗଜପତି, ଯାଜପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ ଏବଂ ଜଗତସିଂହପୁର ଜିଲ୍ଲାରୁ ୧୦୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଛଅଟି ଜିଲ୍ଲା- ବଲାଙ୍ଗୀର, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଏବଂ କେନ୍ଦ୍ରାପଡ଼ାରୁ ୭୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ମହିଳାଙ୍କୁ ସରପଂଚଙ୍କ ମରଣାନ୍ତକ ଆକ୍ରମଣ: ଏସପି ଅଫିସ ଆଗରେ ଧାରଣାରେ ବସିଲେ ଦଳିତ ମହିଳା ଓ ତାଙ୍କ ସ୍ୱାମୀ

ପୁରୀ,୦୨/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବଳଙ୍ଗା ଥାନା ଅନ୍ତର୍ଗତ ଶାଇଁସ ଶାସନ ସରପଂଚଙ୍କ ବିରୋଧରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦଳିତ ମହିଳା। ବଳଙ୍ଗା ପୋଲିସ ୩ ଦିନ ହେଲଣି ଅଭିଯୋଗ ପାଇ ମଧ ଚୁପ ବସିଅଛି। ଦଳିତ ମହିଳା ଓ ତାଙ୍କ ସ୍ୱାମୀ ସୋମବାର ଠାରୁ ଏସପି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ପୀଡିତା ମହିଳାଙ୍କୁ ଜଣେ ଚର୍ଚ୍ଚିତ ଓ ବାହୁବଳୀ ସରପଂଚ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଂଚଳ ଉଗ୍ରେଶ୍ୱର ଦେଉଳିର ଶୈଳବାଳା ବେହେରା (୪୯) ନାମକ ମହିଳାଙ୍କର ଏକ ଗ୍ରୋସରୀ ଦୋକାନ ଗାଁ କେନାଲ ବନ୍ଧ ପାଖରେ ଅଛି । ଗତ୨୮ ତାରିଖରେ ମହିଳାଙ୍କ ସ୍ୱାମୀ ଧୋବେଇ ବେହେରା ବନ୍ଧୁ ଘରକୁ ଯାଇଥିଲେ । ରାତ୍ରରେ ଘରକୁ ନ ଫେରିବାରୁ ପୀଡ଼ିତା ମହିଳା ଛୋଟ ନାତିକୁ ନେଇ ଦୋକାନ ଘରେ ଶୋଇଥିଲେ । ସ୍ୱାମୀ ନଥିବାର ସୁଯୋଗ ନେଇ ୨୯ ତାରିଖ ରାତ୍ର ପ୍ରାୟ ୩ଟା ସମୟରେ ଦୋକାନ କବାଟକୁ ବାଡ଼େଇବାରୁ କିଏସେ ଦୋକାନ କବାଟ ବାଡଉଛ ବୋଲି ପୀଡ଼ିତା ମହିଳା ପଚାରିଥିଲେ । ସେ ସରପଂଚ ଟୁଲା ଭାଇନା ପରିଚୟ ଦେଇଥିଲା। ତାଙ୍କ ପାଟି ଶୁଣି ପୀଡ଼ିତା ମହିଳା ଶୋଇଥିବା ଘରର କବାଟ ଖୋଲି ଦେବା ମାତ୍ରେ ଟୁଲା ଘର ଭିତରକୁ ପଶିଯାଇଥିଲା। ହାତରେ ଧରିଥିବା ଏକ ଭୁଜାଲିକୁ ପୀଡ଼ିତାଙ୍କ ବେକରେ ଲଗାଇ ଦେଇ ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିମନ୍ଦ କରି ଧମକ ଦେଇ କହିଲା, ତୋ ସ୍ୱାମୀ କୁ କହିଦେବୁ ମୋ ବିରୁଦ୍ଧରେ ଯିବ ନାହିଁ, ନଚେତ ଗାଡି ମଡେଇ ଜୀବନରେ ମାରିଦେବି । ପୀଡ଼ିତା ମହିଳା ପ୍ରତିବାଦ କରିବାରୁ ସେ ଚୁଟିକୁ ଧରି ପକାଇଥିଲା । ତା' ସହିତ ଗାଲକୁ ଦୁଇଚାରି ଚାପୁଡା ମାରିଥିଲା । ପରେ ଇଜ୍ଜତ ନେଇଯିବି ବୋଲି କହି ଲୁଗାପଟାକୁ ଭିଡା ଓଟରା କରିଥଲା । ପୀଡ଼ିତା ମହିଳା ଡାକ ପକାଇବାରୁ ସେ ତାଙ୍କ ତଂଟିକୁ ଧରି ପକାଇଥିଲା । ଜୀବନରୁ ମାରିଦେବା ପାଇଁ ଉଦ୍ଦେଶ୍ୟ ରଖି ଜୋରରେ ତଂଟିକୁ ଚିପିଦେଇ ଥିଲା । ଦଳିତ ମହିଳା ଅଣ ନିଶ୍ୱାସୀ ହୋଇ ଗଁ ଗଁ ଡାକ ପକାଇ ଚେତାଶୂନ୍ୟ ହୋଇଯିବାରୁ ମରିଗଲା ବୋଲି ଭାବି ଛାଡି ପଳାଇ ଯାଇଥିଲା । ଦଳିତ ମହିଳା ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକ ଆସି ପୀଡ଼ିତା ମହିଳାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ । ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ଦଳିତ ମହିଳା ଓ ତାଙ୍କ ସ୍ୱାମୀ।

# ଗୀତାଞ୍ଜଳି ମିଶ୍ରଙ୍କ ଲିଖିତ ଦୁଇଟି ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୦୨/୧୨ (ନି.ପ୍ର): ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ସୋମବାର ବିଶିଷ୍ଟ ଲେଖିକା ଡଃ ଗୀତାଞ୍ଜଳି ମିଶ୍ରଙ୍କ ଦ୍ୱାରା ଲିଖିତ ଦୁଇଗୋଟି ଉପାଦେୟ ପୁସ୍ତକକୁ ଉନ୍ମୋଚନ କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଡଃ ମିଶ୍ରଙ୍କ ଇଂରାଜୀ ପୁସ୍ତକ ଦ୍ୱୟ ''କନଭରଜେନ୍ସ ଆଣ୍ଡ ଡେଭେଲପମେଂଟ ଇନ୍ ଇଣ୍ଡିଆ'' ଏବଂ ''ଆବିଲିଟି ବିୟଣ୍ଡ ଡିଜାବିଲିଟ '' ପୁସ୍ତକ ଉନ୍ମୋଚିତ ହୋଇଥିଲା । ପ୍ରଥମ ପୁସ୍ତକରେ ଡଃ ମିଶ୍ର ଓଡ଼ିଶାରେ ବିଭିନ୍ନ ବିଭାଗର ସମନ୍ୱୟ(କନଭରଜେନ୍ସ)ରେ କରାଯାଉଥିବା ବିକାଶମୂଳ କାର୍ଯ୍ୟ ସହିତ ବିଭିନ୍ନ ରାଜ୍ୟରେ ହେଉଥିବା କାର୍ଯ୍ୟର ତୁଳନାତ୍ମକ ଉପସ୍ଥାପନ, ସଫଳ କାହାଣୀ ଓ ପ୍ରସ୍ତାବ ଉଲ୍ଲେଖ କରିଛନ୍ତି। ଡଃ. ମିଶ୍ର ରାଜ୍ୟର ୨୩ ଟି ପ୍ରଦେଶ ଗସ୍ତ କରି ତାଙ୍କର ବିଷୟ ସଂପର୍କିତ ଅଭିଜ୍ଞତା, ଅନୁଭୂତି ଓ ପ୍ରସ୍ତାବନା ଏଥିରେ ରଖିଛନ୍ତି ।ସେହିପରି ଭିନ୍ନକ୍ଷମଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇ ଲେଖାଯାଇଥିବା ଡଃ. ମିଶ୍ରଙ୍କର ୨ୟ ପୁସ୍ତକରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ, ଭିନ୍ନକ୍ଷମମାନଙ୍କର ସାମାଜିକ, ଅର୍ଥନୈତିକ ପ୍ରଗତି ପାଇଁ ଲକ୍ଷ୍ୟଭିତିକ ନୀତି, ଗୋଷ୍ଠୀ ସଂପୃକ୍ତି ଏବଂ ସାମୁହିକ ଦାୟିତ୍ୱବୋଧ କିପରି ସେମାନଙ୍କର ଜୀବନଧାରଣ ମାନରେ ଆଖିଦୃଶିଆ ପରିବର୍ତ୍ତନ ଆଣି ପାରିବ, ସେଥିରେ ଉପାଦେୟ ତଥ୍ୟ ଓ ପ୍ରସ୍ତାବ ରହିଥିବା ଡଃ ମିଶ୍ର ପ୍ରକାଶ କରିଛନ୍ତି । ଡଃ ମିଶ୍ର ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ମଧ୍ୟରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ସହିତ ସାକ୍ଷାତକାର ଏବଂ ବିଷୟଭିତ୍ତିକ ତଥ୍ୟ ସଂଗ୍ରହ ଏହି ପୁସ୍ତକରେ ସ୍ଥାନିତ କରିଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଏବଂ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ଡଃ ମିଶ୍ରଙ୍କର ଏହି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହିତ ଏହି ପୁସ୍ତକ ଗବେଷକ, ନୀତି ନିର୍ଦ୍ଧାରକ, ଯୋଜନା ପ୍ରଣୟନକାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଓ ପ୍ରେରଣାଦାୟକ ହେବ ବୋଲି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ, ରାଜ୍ୟ ଯୋଜନା ଓପରିସଂଖ୍ୟାନ ବିଭାଗର ନିର୍ଦ୍ଦେଶକ ଡଃ ବିଜୟ ଭୂଷଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଛତୁ ଚାଷ ଉପରେ ସ୍ୱୟଂ ସହାୟକ ଗୋଷ୍ଠୀର ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

ଜୟପୁର,୦୨/୧୨ (ନି.ପ୍ର): ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ ଅଧୀନରେ ଛତୁ ଚାଷ ଉପରେ ସ୍ୱୟଂ ସହାୟକ ଗୋଷ୍ଠିର ଦକ୍ଷତା ବୃଦ୍ଧି ନିମନ୍ତେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟ କ୍ରମରେ ବୈପାରୀଗୁଡା ବ୍ଲକ ର ବିଭିନ୍ନ ଗ୍ରାମରୁ ୬୦ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟାମାନେ ଯୋଗଦାନ ଦେଇ ଏହି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ର କର୍ମୀ ଶ୍ରୀ ତ୍ରିପତି ଖୁରା ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ତ୍ରିଲୋଚନ ପାଢ଼ୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ବୈପାରୀଗୁଡା ପ୍ରଶିକ୍ଷକ ଭାବରେ ଯୋଗ ଦେଇ ଛତୁ ଚାଷ ଉପରେ ଅଂଶଗ୍ରହଣକାରୀ ମହିଳା ମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ସେ ତାଙ୍କର ବାଣୀରେ ବହୁତ କମ ଦିନ ଭିତରେ କିପରି ଛତୁ ଚାଷ କରି ମହିଳା ମାନେ ସଶକ୍ତିକରଣ ଏବଂ ସ୍ୱାବଲମ୍ବୀ ହୋଇପାରିବେ ତାଉପରେ ବୁଝାଇଥିଲେ। ତତ ସହିତ ଛତୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଉପରେ ମଧ ଧାରଣା ଦେଇଥିଲେ। ଏହାପରେ ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ର କର୍ମୀ ଶ୍ରୀ ମାକ୍ସ ଅଥର ଗିଲ ଓ ଶ୍ରୀ ଆର. ଜିଭା ଏକ ପ୍ରଦର୍ଶନ ମାଧ୍ୟମରେ ଛତୁ ଚାଷ କରିବା ନିମନ୍ତେ ଏହାର ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତି କରଣ ଠାରୁ ଆରମ୍ଭ କରି ବିହନ ପକାଇବା ଏବଂ ଏହାର ରକ୍ଷଣା ବେକ୍ଷଣା ଉପରେ ବୁଝାଇଥିଲେ। ସର୍ବଶେଷରେ ପ୍ରତିଷ୍ଠାନର କର୍ମୀ ଶ୍ରୀ ଘାଷି ଟାକ୍ରି ଅଂଶଗ୍ରହଣକାରୀ ମାନଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ମନରେଗା ଯୋଜନାରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ଶ୍ରମିକ ସ୍ଥାନାନ୍ତରଣ ରୋକିବା ପାଇଁ ସ୍ୱତନ୍ତ୍ର ସହାୟତା ୨୦୨୮-୨୯ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୦୨/୧୨ (ନି.ପ୍ର): ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା ଏବଂ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସହ ସ୍ଥାୟୀ ଜୀବିକା ସୁଯୋଗ ସୁନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତି ଗ୍ରହଣ କରି, ଓଡ଼ିଶା ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଂଟି ଆଇନ (ଏମଜିଏନଆରଇଜିଏ) ଯୋଜନା ଅଧୀନରେ ରାଜ୍ୟର ଅତିରିକ୍ତ ସହାୟତାକୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ସହାୟତା ୯ଟି ଜିଲ୍ଲାର ୩୦ଟି ବ୍ଲକ୍ ର ୫.୫୭ ଲକ୍ଷ ପରିବାରକୁ ଲାଭ ଦେବ, ଯାହା ସେମାନଙ୍କ ନିଜ ଗାଁ ମଧ୍ୟରେ ନିଶ୍ଚିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବ ଏବଂ ରାଜ୍ୟ ବାହାରକୁ ଶ୍ରମିକଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ହ୍ରାସ କରିବ। ସୂଚନାଯୋଗ୍ୟ ଯେ ଏହି ସ୍ୱତନ୍ତ୍ର ସହାୟତା ଲାଗୁ ହେବା ଦ୍ୱାରା ଗ୍ରାମୀଣ ପରିବାରଗୁଡ଼ିକ ଏବେ ବାର୍ଷିକ ୩୦୦ ଦିନର ନିଶ୍ଚିତ ମଜୁରୀ ପାଇବେ। ଏହି ସ୍ୱତନ୍ତ୍ର ସହାୟତା ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହାଦ୍ୱାରା ରାଜ୍ୟ ସରକାର ଉକ୍ତ ବର୍ଦ୍ଧିତ ମଜୁରୀ ପ୍ରଦାନ କରିବେ । ପ୍ରଥମ ୧୦୦ ଦିନ ପାଇଁ, ରାଜ୍ୟ ସରକାର ଅଧିସୂଚିତ ମନରେଗା ମଜୁରୀ ବ୍ୟତୀତ ୯୮ ଅତିରିକ୍ତ ଦୈନିକ ମଜୁରୀ ପ୍ରଦାନ କରିବେ। ଅତିରିକ୍ତ ୨୦୦ ଦିନ କାର୍ଯ୍ୟଦିବସ ପାଇଁ ମନରେଗା ନିର୍ଦ୍ଧାରିତ ଦୈନିକ ମଜୁରୀ ସହ ଅତିରିକ୍ତ ମଜୁରୀ ରାଜ୍ୟ ସରକାର ପ୍ରଦାନକରିବେ କ୍ଷ ଏହି ପଦକ୍ଷେପ ଶ୍ରମିକ ସ୍ଥାନାନ୍ତରଣକୁ ରୋକିବା ସହ ଜୀବିକା ସୁରକ୍ଷାକୁ ସୁନିଶ୍ଚିତ କରିବ, ଗ୍ରାମୀଣ ଆୟକୁ ସୁଦୃଢ଼ କରିବ ଏବଂ ତୃଣମୂଳ ସ୍ତରରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରମୁଖ ନିଷ୍ପତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ଏବଂ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ସକ୍ରିୟ ପଦକ୍ଷେପକୁ ପ୍ରତିଫଳିତ କରୁଛି। ସେମାନଙ୍କ ନେତୃତ୍ୱରେ, ରାଜ୍ୟ ସରକାର ଗ୍ରାମୀଣ ଶ୍ରମିକଙ୍କ ଜୀବନକୁ ଉନ୍ନତ କରିବା, ନିଯୁକ୍ତି ସୁରକ୍ଷା ବୃଦ୍ଧି କରିବା ଏବଂ ଗ୍ରାମୀଣ ଓଡ଼ିଶାର ସାମାଜିକ-ଆର୍ଥିକ ଗଠନକୁ ସୁଦୃଢ଼ କରିବା ପାଇଁ ନିରନ୍ତର ସମୟୋଚିତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଉଛନ୍ତି। ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଓଡ଼ିଶାରୁ ଶ୍ରମିକ ସ୍ଥାନାନ୍ତରଣକୁ ଦୂର କରିବା ଉପରେ ବିଶେଷ ଧ୍ୟାନ ଦେଇଛନ୍ତି। ସେ ବାରମ୍ବାର ଗୁରୁତ୍ୱ ଦେଇଛନ୍ତି ଯେ କୌଣସି ଓଡ଼ିଆ ଶ୍ରମିକଙ୍କୁ ମୌଳିକ ଜୀବିକା ସନ୍ଧାନରେ ନିଜ ଘର ଛାଡିବାର ପ୍ରକ୍ରିୟା ରାଜ୍ୟ ବିକାଶର ପରିପନ୍ଥୀ କ୍ଷ ରାଜ୍ୟର ବିକାଶରେ ରାଜ୍ୟବାସୀ ଓ ଶ୍ରମିକ ଭାଇ ଭଉଣୀ ମାନଙ୍କ ଯୋଗଦାନ ସର୍ବାଧିକ ରହିବ । ତେଣୁ ଏହି ପଦକ୍ଷେପ ସେହି ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ । ଏହି ପଦକ୍ଷେପ 'ବିକାଶିତ ଭାରତ ପାଇଁ ବିକାଶିତ ଓଡ଼ିଶା' ର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ଶକ୍ତିଶାଳୀ ପଦକ୍ଷେପ। ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ଲୋକକୈନ୍ଦ୍ରିକ ଶାସନ ଏବଂ ତୃଣମୂଳମୁଖୀ ବିକାଶ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହି କାର୍ଯ୍ୟ କରୁଛି।

# ୨୦୨୫-୨୬ ବର୍ଷ ପାଇଁ ଖରିଫ ଧାନ ସଂଗ୍ରହ ନିମନ୍ତେ ବାରିପଦାରେ ଗଡ଼ିଲା କୃଷକ ସଚେତନତା ରଥ



ବାରିପଦା , ୦୨/୧୨ (ନି.ପ୍ର): 'ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ। ସରକାରଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଚଳିତ ବର୍ଷ ଡିସେମ୍ବର ୨୬ ତାରିଖରୁ ଜିଲ୍ଲାରେ ୨୦୨୫ -୨୬ ବର୍ଷ ଖରିଫ ଋତୁ ପାଇଁ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବା ନେଇ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ଚାଷୀ ଭାଇ ଭଉଣୀ ମାନଙ୍କୁ ପ୍ରାକ୍ ସଚେତନ କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାରିପଦା ନିୟନ୍ତ୍ରିତ ବଜାର କମିଟି ଓ ବେତନଟି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଦୁଇଟି କୃଷକ ସଚେତନତା ରଥକୁ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉକ୍ତ ରଥକୁ ଶୁଭାରମ୍ଭ କରି ଜିଲ୍ଲାପାଳ ଶ୍ରୀ ସୟ କହିଥିଲେ ଯେ, ଉକ୍ତ ରଥ ପରିକ୍ରମାର ମୁଖ୍ୟ ଉଦେଶ୍ୟ ହେଉଛି ଜଣେ ପଞ୍ଜିକୃତ ଚାଷୀ ମଣ୍ଡି କୁ ତା'ଙ୍କର ଧାନ ବିକ୍ରୟ କରିବା ପାଇଁ ଆସିବା ପୂର୍ବରୁ କେତେକ ବିଷୟରେ ଜାଣିବା ନିତ୍ୟାନ୍ତ ଜରୁରୀ ଅଟେ। ଯେପରି କି, ବିକ୍ରି ପାଇଁ ଉଦିଷ୍ଟ ଧାନର ଗୁଣାତ୍ମକ ମାନ କିପରି ହେବା ଉଚିତ, ମଣ୍ଡିକୁ ଧାନ ଆଣିବା ପୂର୍ବରୁ କିପରି ସଫା ଓ ଶୃଙ୍ଖଳା କରି ଆଣିବେ ଏବଂ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ତା'ଙ୍କୁ କେଉଁ କେଉଁ ନୀତି ନିୟମ ଅନୁସରଣ କରିବା ପାଇଁ ପଡିବ, ସେ ସମ୍ବନ୍ଧ ରେ ଚାଷୀ ଭାଇ ଭଉଣୀଙ୍କୁ ଅବଗତ କରାଇବା ଦ୍ୱାରା ଚାଷୀ ଭାଇ ଭଉଣୀ ମାନେ ମଣ୍ଡିକୁ ଆସି ବିନା କଟନି ଛଟନୀରେ ସେମାନଙ୍କ ଧାନ ବିକ୍ରୟ କରି ସେମାନଙ୍କ ଉଚିତ ପ୍ରାପ୍ୟ ପାଇ ପାରିବେ। ଉକ୍ତ ରଥ ଦୁଇଟି ବାରିପଦା ଉପଖଣ୍ଡର ୧୦ଟି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତକୁ ପରିକ୍ରମାରେ ଯାଇ ଖରିଫ ଋତୁ ରେ ଧାନ ବିକ୍ରୟ ସମ୍ବନ୍ଧରେ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କ ଅବଗତି ନିମନ୍ତେ ବିଭିନ୍ନ ସୂଚନା ପ୍ରଦାନ କରିବା ସହ ସଚେତନତା ବାର୍ତ୍ତା ପହଞ୍ଚାଇବ ଯଦ୍ୱାରା ପଞ୍ଜିକୃତ ଚାଷୀ ମାନେ ସେମାନଙ୍କର ଧାନ ବିକ୍ରି ପାଇଁ ମଣ୍ଡିକୁ ଆସି କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ଅମଳ କରିଥିବା ଧାନ କୁ ବାରିପଦା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ନିକଟସ୍ଥ ଲ୍ୟାମ୍ପ/ମଣ୍ଡି ମାଧ୍ୟମ ରେ ଗୁଣାତ୍ମକ ମାନର ଧାନକୁ ସରକାର ଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମରେ ବ୍ୟବସ୍ଥିତ ଢଙ୍ଗରେ ବିକ୍ରୟ କରି ଧାନର ସହାୟକ ମୂଲ୍ୟ ନିଜ ନିଜ ବ୍ୟାଙ୍କ ଖାତା ଜରିଆରେ ପାଇ ପାରିବେ। ଧାନ ବିକ୍ରି ସମ୍ବନ୍ଧରେ ସବିଶେଷ ତଥ୍ୟ ପାଇବା ପାଇଁ ହେଲେ ଚାଷୀ ମାନେ ନିଜର ପଞ୍ଜିକୃତ ମୋବାଇଲ ନମ୍ବରରୁ ଦେୟ ମୁକ୍ତ ନମ୍ବର ୧୯୬୭ କୁ ଯୋଗାଯୋଗ କରି ତଥ୍ୟ ପାଇ ପାରିବେ। ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ସହକାରୀ ନିୟନ୍ଧକ ଶ୍ରୀ ତୁଷାର କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ଏବଂ ବାରିପଦା ନିୟନ୍ତ୍ରିତ ବଜାର କମିଟିର ଉପ ସଭାପତି ଶ୍ରୀ ମଳୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

## ମେଗା ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତିର ହୋଇପାରେ ତଦନ୍ତ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): ମେଗା ପାନୀୟ ଜଳ ପ୍ରକଳ୍ପ ଦୁର୍ନୀତିର ହୋଇପାରେ ତଦନ୍ତ । ବିଧାନସଭାରେ ଉତ୍ତର ବେଳେ ସଂକେତ ଦେଲେ ମନ୍ତ୍ରୀ । ୩୫ ହଜାର କୋଟର ପ୍ରକଳ୍ପ କାହିଁକି ନିର୍ଦ୍ଦିଷ୍ଟ ୧୭ ତାମିଲ ଠିକାଦାରଙ୍କୁ ଦିଆଗଲା, ଏ ନେଇ ହୋଇପାରେ ତଦନ୍ତ । ପୂର୍ବ ସରକାର ୩୫ ହଜାର କୋଟି ଟଙ୍କାରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରିଥିଲେ ।

**AFFIDAVIT**

By virtue of an affidavit before the executive Magistrate Nilgiri, I, Smt. Reeta Oram, aged about 25 years, D/o- Late Dharmu Oram, W/o- Smitaranjan Samantary, At- Pondloi, P.o/P.s. - Rengali, Dist- Sambalpur, Present residing of Vill- Kalyani, P.o- Begunia, P.s.- Nilgiri, Dist- Balasore declare that my name before marriage was Reeta Oram. After marriage with Smitaranjan Samantray (Husband) my surname is Changed to Samantaray. Henceforth I will be known as Reeta Samantaray for all purposes.

Reeta Oram

# ଯୌତୁକ ନିଷେଧ ଅଧିନିୟମ -୧୯୬୧ ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ




ଭଦ୍ରକ , ୦୨/୧୨ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ , ଭଦ୍ରକ ତରଫରୁ ଶ୍ରୀଯୁକ୍ତ ଦିଲ୍ଲିପ କୁମାର ରାଉତରାୟ, ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଯୌତୁକ ନିଷେଧ ଅଧିନିୟମ - ୧୯୬୧ ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରୂପାଲୀ ମିତ୍ର ଉକ୍ତ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସମାଜରେ ମହିଳାମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହିତ ମାନସିକ ସ୍ତରରେ ଏବଂ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଯୌତୁକ ନିଷେଧ ଅଧିନିୟମ - ୧୯୬୧ କିଭଳି ତୃଣମୂଳ ସ୍ତରରେ ପହଞ୍ଚାଯାଇ ପାରିବ ତାହା ଉପରେ ଗୁରୁତୋଆରୋପ କରିଥିଲେ। ଆରକ୍ଷୀ ଅଧିକ୍ଷକଙ୍କ ପ୍ରତିନିଧି ଭାବେ ଦିପ୍ତିକା ପ୍ରିୟଦର୍ଶିନୀ ସାହୁ ,ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପ୍ରତିନିଧି ଭାବେ ଡକ୍ଟର ତାପସ କୁମାର ମହାନ୍ତି ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଏହି କର୍ମଶାଳାର ଆବଶ୍ୟକତା ଓ ଅନିବର୍ଯ୍ୟତା ଉପରେ ମତପୋଷଣ କରିଥିଲେ। ଏହି କର୍ମଶାଳାରେ ସମ୍ବଳ ପ୍ରତିନିଧିଭାବେ ଭଦ୍ରକ ଓକିଲ ସଂଘର ବରିଷ୍ଠ ଓକିଲ ଡକ୍ଟର ରାଧାରାଣୀ ମହାପାତ୍ର ଏବଂ ନିର୍ଦ୍ଦେଶକ ଫେଲୋସିପ ଲଲାତେନ୍ଦୁ ମହାନ୍ତି ପ୍ରମୁଖ ୦୨/୧୨/୨୦୨୫ ରିଖ ମଙ୍ଗଳବାର ୧୦:୩୦ ସମୟରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ , ଭଦ୍ରକ ତରଫରୁ ଶ୍ରୀଯୁକ୍ତ ଦିଲ୍ଲିପ କୁମାର ରାଉତରାୟ, ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଯୌତୁକ ନିଷେଧ ଅଧିନିୟମ - ୧୯୬୧ ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରୂପାଲୀ ମିତ୍ର ଉକ୍ତ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସମାଜରେ ମହିଳାମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହିତ ମାନସିକ ସ୍ତରରେ ଏବଂ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଯୌତୁକ ନିଷେଧ ଅଧିନିୟମ - ୧୯୬୧ କିଭଳି ତୃଣମୂଳ ସ୍ତରରେ ପହଞ୍ଚାଯାଇ ପାରିବ ତାହା ଉପରେ ଗୁରୁତୋଆରୋପ କରିଥିଲେ। ଆରକ୍ଷୀ ଅଧିକ୍ଷକଙ୍କ ପ୍ରତିନିଧି ଭାବେ ଦିପ୍ତିକା ପ୍ରିୟଦର୍ଶିନୀ ସାହୁ ,ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପ୍ରତିନିଧି ଭାବେ ଡକ୍ଟର ତାପସ କୁମାର ମହାନ୍ତି ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଏହି କର୍ମଶାଳାର ଆବଶ୍ୟକତା ଓ ଅନିବର୍ଯ୍ୟତା ଉପରେ ମତପୋଷଣ କରିଥିଲେ। ଏହି କର୍ମଶାଳାରେ ସମ୍ବଳ ପ୍ରତିନିଧିଭାବେ ଭଦ୍ରକ ଓକିଲ ସଂଘର ବରିଷ୍ଠ ଓକିଲ ଡକ୍ଟର ରାଧାରାଣୀ ମହାପାତ୍ର ଏବଂ ନିର୍ଦ୍ଦେଶକ ଫେଲୋସିପ ଲଲାତେନ୍ଦୁ ମହାନ୍ତି ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଉପସ୍ଥିତ ପ୍ରଶିକ୍ଷାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ତାଲିମ୍ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ରର କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସୁରକ୍ଷା ତଥା କାର୍ଯକ୍ରମ ଅଧିକାରୀ ଶ୍ରୀମତୀ ଚନ୍ଦ୍ରା ସାହୁ ଏହି କର୍ମଶାଳାକୁ ସୁଚାରୁରୂପେ ସମ୍ପାଦନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇ ସଭା ସଂପନ କରିଥିଲେ। ସେମାନଙ୍କ ବକ୍ତବ୍ୟରେ ଉପସ୍ଥିତ ପ୍ରଶିକ୍ଷାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ତାଲିମ୍ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ସଶକ୍ତି କେନ୍ଦ୍ରର କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସୁରକ୍ଷା ତଥା କାର୍ଯକ୍ରମ ଅଧିକାରୀ ଶ୍ରୀମତୀ ଚନ୍ଦ୍ରା ସାହୁ ଏହି କର୍ମଶାଳାକୁ ସୁଚାରୁରୂପେ ସମ୍ପାଦନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇ ସଭା ସଂପନ କରିଥିଲେ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବିଶ୍ୱ ଏଡ୍ସ ଦିବସ' ପାଳିତ




ମଙ୍ଗଳପୁର, ୦୨/୧୨ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ କ୍ରସ ୟୁନିଟ ଓ ରେଡ ରିବନ କ୍ଲବ ୟୁନିଟ ତରଫରୁ 'ବିଶ୍ୱ ଏଡ୍ସ ଦିବସ' ପାଳିତ ହୋଇ ଯାଇଛି। ସର୍ବ ପ୍ରଥମେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ମାନେ ସମସ୍ତ ଛାତ୍ର, ଛାତ୍ରୀଙ୍କର ନେତୃତ୍ୱ ନେଇ ଆଞ୍ଚଳିକ ଶୋଭାଯାତ୍ରା କରିଥିଲେ।ଯୁବ ରେଡ କ୍ରସ ର ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ଫଳକ ଧରି, ସ୍ଲୋଗାନ ଦେଇ ଏଚ. ଆଇ. ଭି., ଏଡ୍ସ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅଧକ୍ଷ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ବେହେରା ଏଥି ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସଚେତନତା ଶିବିରରେ ସଭାପତିତ୍ୱ କରିଥିଲେ। ସୁଚରିତ୍ର ଗଠନ କରି ସମାଜରେ ଉତ୍ତମ ନାଗରିକ ହେବା ପାଇଁ ସେ ଛାତ୍ର, ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ତଥା ତାଲିମପ୍ରାପ୍ତ ଅଭିଜ୍ଞ ପରାମର୍ଶଦାତା ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ବରିଷ୍ଠ ଅଧ୍ୟାପକ ଡକ୍ଟର ପଙ୍କଜ କୁମାର ଜେନା, ୟୁଥ ରେଡ କ୍ରସ କାଉନସିଲର ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜେନା, ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ପୁଷ୍ପଲତା ପାଢୀ ଓ ଡକ୍ଟର ରଞ୍ଜିତାବାଳା ମହାପାତ୍ର ନିଜ ନିଜ ଅଭିଭାଷଣରେ ଛାତ୍ର, ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଏବଂ ପାଠ୍ୟମନସ୍କ ହେବା ପାଇଁ କହିଥିଲେ। ଏଚ. ଆଇ. ଭି., ଏଡ୍ସ ରୋଗର ଭୟାବହତା, କାରଣ, ନିରାକରଣ ଓ ଉପଚାର ବିଷୟରେ ସେମାନେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ଆତ୍ମ ସଂଯମତା ଏବଂ ସାମଗ୍ରିକ ସଚେତନତା ଦ୍ୱାରା ଏଡ୍ସ ରୋଗର ନିରାକରଣ ସମ୍ଭବ ବୋଲି ସେମାନେ ମତବ୍ୟକ୍ତ କରି ଥିଲେ। ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଅଧ୍ୟାପକ ଅଜୟ କୁମାର ବାରିକ, ସତ୍ୟ ନାରାୟଣ ସାହୁ, ସଞ୍ଜୟ କୁମାର ଦାସ, ପି. ଜି. ଟି. ସୁଜିତ କୁମାର ଗୋଛାୟତ, ଗଜେନ୍ଦ୍ର କବି, ଶାନ୍ତନୁ କୁମାର ପାତ୍ର, ମନୋଜ କୁମାର ଶବର, ଇତିଶ୍ରୀ ମହଲା, ପ୍ରଦର୍ଶନକାରୀ ଅନ୍ନପୂର୍ଣ୍ଣା ଜେନା, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସୁଶାନ୍ତ କୁମାର ରାଉଳ, ସନ୍ଧ୍ୟାରାଣୀ ଜେନା, ଡି. ଇ. ଓ. ଭରତ ଚନ୍ଦ୍ର ମାହାନା, ଶିକ୍ଷା କର୍ମଚାରୀ କୈଳାଶ ବାରିକ, ଅଣାକାର ନାୟକ, ଭରତ ଚନ୍ଦ୍ର ବାରିକ ଏବଂ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ ୟୁଥ ରେଡ କ୍ରସ କାଉନସିଲର ଶ୍ରୀଯୁକ୍ତ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ।

# ରରୁଆଁଗୋଡାରେ ନବ ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ

କେନ୍ଦୁଝର, ୦୨/୧୨ (ନି.ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ରରୁଆଁଗୋଡା ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ଅଭିଜ୍ଞ ଶ୍ରୀକ୍ଷେତ୍ର ପୁରୀ ପଣ୍ଡିତଙ୍କ ଦ୍ୱାରା ନବ ନିର୍ମିତ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ମା' ମହାଲକ୍ଷ୍ମୀ, ମା' ବିମଳା ଓ ମହାଦେବ ଶିବଙ୍କ ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ ୫ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନ କାୟାସିଦ୍ଧି, ଦୀକ୍ଷାଗ୍ରହଣ, ଅଙ୍କୁର ରୋପଣ କରାଯାଇଥିବା ବେଳେ ଶନିବାର ଦିନ ୧୨୫ ଜଣ ଶ୍ରଦ୍ଧାଳୁ ଭକ୍ତ ମହିଳା ପୁରୁଷ ପବିତ୍ର ବୈତରଣୀ ନଦୀରୁ ଜଳ ଆଣି କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଓ ସେଦିନ ମନ୍ଦିରର ରତ୍ନମୁଦ ସମାପନ କରାଯାଇଥିଲା । ରବିବାର ଦେବତା ଧାନଧିବାସ, ରବିବାର ଦେବତା ମାନଙ୍କ ଯଜ୍ଞ ସୋମବାର ମଣ୍ଡପେ ପ୍ରବେଶ ହୋଇଥିଲା ଏବଂ ମଙ୍ଗଳବାର ଦିନ ଉଦଯାପନ ଦିବସରେ ଠାକୁରଙ୍କ ନବଯୌବନ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଧର୍ମପରାୟଣ ବ୍ୟକ୍ତି ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ଶ୍ରଦ୍ଧାଳୁ ଭକ୍ତ ଓ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ସଂକଳ୍ପରେ ଦୁଃଶାସନ ଗିରି, ପଦ୍ମବତୀ ଗିରି ସସ୍ତ୍ରୀକ ବସିଥିଲେ। ପୂଜକ ପଣ୍ଡିତ ସୀତାରାମ ପତି, କାହ୍ନୁଚରଣ ପତି, ଅମୀୟ ଲୋଚନ ପଣ୍ଡା, ସୁମନ୍ତ କୁମାର ପଣ୍ଡା, ମଞ୍ଜିତ ଲକ୍ଷ୍ମୀଧର ପଣ୍ଡା, ରବିନାରାୟଣ ପଣ୍ଡା ସମସ୍ତ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରିବା ସହିତ ପ୍ରାତଃ ସମୟରେ ବେଦପାଠ କରିଥିଲେ। ମନ୍ଦିର ପରିସରରେ ଛେରା ପହଁରା ନୀତିରେ ଥିବା ରାଜା ଭାଗିରଥି ଗିରି, ସବିତା ଗିରି ଅଂଶଗ୍ରହଣ କରିଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବ ଗ୍ରାମବାସୀ, ଜଗନ୍ନାଥଙ୍କ ସେବାୟତଙ୍କ ସହିତ ଯଦୁମଣି ପ୍ରଧାନ, ଜନ୍ମେଜୟ ମହାନ୍ତ, ବିକାଶ ଗିରି, ବିପିନ ନାଏକ, ନକୁଳ ଚରଣ ମହାନ୍ତ, ପରମେଶ୍ୱର ଗିରି, ଶ୍ରୀକାନ୍ତ ଗିରି, ଧନେଶ୍ୱର ନାଏକ, ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ, ମୁଖ୍ୟ ସତ୍ୟନାରାୟଣ ଗିରି, ଲକ୍ଷ୍ମୀନାରାୟଣ ଗିରି ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଗ୍ରାମ ତଥା ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରିଥିଲେ।

ପ୍ରାୟୋଜିତ ପତ୍ରର...
(ପୃଷ୍ଠା ୩ର ଅବଶିଷ୍ଟାଂଶ)

ଏ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ୨୭୨ ମହାମନିଷୀ କ'ଣ ପ୍ରତ୍ୟେକେ ୫୩-୫୪ ଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରୁଛନ୍ତି କି ? ଯଦି କରୁଛନ୍ତି ତେବେ ଏ ଖୋଲାପତ୍ର କୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଏହି ପତ୍ର ଲେଖିବା ପୂର୍ବରୁ ଏମାନେ ମଧ ଜାଣିବା କଥା ଯେ ଗଣତନ୍ତ୍ର ଏକପକ୍ଷୀୟ ବ୍ୟବସ୍ଥା ନୁହେଁ। ସାମ୍ବିଧାନୀକ ସଂସ୍ଥାର ଭୂମିକା ନିରପେକ୍ଷ ଏବଂ ଗଣତାନ୍ତ୍ରିକ ହେବା ଆବଶ୍ୟକ । ଏହି ସଂସ୍ଥାମାନଙ୍କ ଦୃଷ୍ଟିରେ ସମସ୍ତେ ସମାନ ହେବା ଆବଶ୍ୟକ। ବିଗତ କିଛି ବର୍ଷ ହେବ କାର୍ଯ୍ୟପାଳିକା ସମଦର୍ଶୀ ହୋଇ ରହିନାହିଁ। ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି କୁହାଯାଏ କିନ୍ତୁ ଏବେ ଜାତୀୟ ସ୍ତରର ଅନେକ ଗଣମାଧ୍ୟମ ଶାସ୍ତ୍ର ବିରୁଦ୍ଧ କର୍ମକାଣ୍ଡର ଦରଓ୍ୱାନ ପାଲଟିଯାଇଚନ୍ତି। ପତ୍ର ଲେଖିଥିବା ଏହି ପୂର୍ବତନ ମାନେ ଦେଶ ନୁହଁନ୍ତି। ଦେଶ ଏମାନଙ୍କୁ ନେଇ ଯେଉଁମାନେ କେବେ ବିଚାରପତି ହୋଇ ନାହାଁନ୍ତି, କେବେ ବରିଷ୍ଠ ଅଧିକାରୀ ହୋଇ ନାହାଁନ୍ତି କିମ୍ବା ସେନାର ଅଧିକାରୀ ଭାବେ କାର୍ଯ୍ୟକରି ଅବସର ନେଇନାହାଁନ୍ତି। ଦେଶର ଜନସାଧାରଣ ନ୍ୟାୟ ପ୍ରିୟ ଜନସାଧାରଣ କାର୍ଯ୍ୟପାଳିକାର ଅନୁଶାସନରେ ବନ୍ଧା ଏବଂ ଏମାନଙ୍କ ଭିତରେ ସେନାର ଶୌର୍ଯ୍ୟ ମଧ ରହିଛି। ଏଣୁ ବିରୋଧି ଦଳମାନଙ୍କୁ ସମାଲୋଚନା କରିଥିବା ଲୋକେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତିପକ୍ଷକୁ ସମ୍ମାନ ଦେଇ ଶିଖିବା ଆବଶ୍ୟକ। ଏହା ହେଲେ ହିଁ ଭାରତର ଅଭ୍ୟୁଦୟ ହୋଇପାରିବ।

+ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫ ୯୪।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏସ୍ଆଇଆରକୁ ନେଇ...

ସେ କହିଛନ୍ତି, "ଗତକାଲି ମୁଁ କହିଥିଲି ଯେ ଦୟା କରି କୌଣସି ବି ପ୍ରସଙ୍ଗରେ ସମୟ ସୀମାର ସର୍ତ୍ତ ରଖନ୍ତୁ ନାହିଁ। ଗୋଟିଏ ସଂସଦୀୟ ଗଣତନ୍ତ୍ରରେ ଆଲୋଚନା ଓ ବିତର୍କର ଆବଶ୍ୟକତା ରହିଛି। ଦେଶରେ ଅନେକ ପ୍ରସଙ୍ଗ ରହିଛି। ଆମେ ଗୋଟିଏ ପ୍ରସଙ୍ଗକୁ ଅଣଦେଖା କରି ଆଉ ଗୋଟିଏକୁ ଉଠାଇ ପାରିବା ନାହିଁ। ସବୁ ପ୍ରସଙ୍ଗର ଗୁରୁତ୍ୱ ରହିଛି। ସରକାର ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ଅଛନ୍ତି।" ବିରୋଧୀ ଉଭୟ ସଦନର ମଧ୍ୟଭାଗକୁ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଆସି ଏସଆଇଆର ପ୍ରସଙ୍ଗରେ ଆଲୋଚନା ଜିଦ କରିବାକୁ ରିଜିଜୁ ଏପରି ବୟାନ ଦେଇଛନ୍ତି। ବିରୋଧୀ ତୁରନ୍ତ ଏସ୍ଆଇଆର ପ୍ରସଙ୍ଗରେ ଆଲୋଚନା କରିବାକୁ ମତ ରଖିବାରୁ ରିଜିଜୁ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି।

### ଦିଲ୍ଲୀ ବିସ୍ଫୋରଣ...

ଏନଆଇଏ ହାତରେ ଲାଗିଛି। ତେବେ ଡାନିଶ ଭାବିଥିଲା ଯେ ଏହି ଯୋଜନାର ଟେର ପାଇବ ନାହିଁ ଏନଆଇଏ। ଏଥିପାଇଁ ସେ ନିଜର ଫୋନରୁ ସବୁ କିଛି ଡିଲିଟ କରିଦେଇଥିଲା। କିନ୍ତୁ ସେ ଭୁଲ ଥିଲା। ତା' ଫୋନରୁ ଏନଆଇଏ ଏକାଧିକ ଡ୍ରୋନ ଫଟୋ ପାଇଛି। ଏଥିରୁ ହମାସ ଭଳି ଷ୍ଟାଇଲର ସୁରାକ ମିଳିଛି। ଡାନିଶ ଫୋନରୁ ଡିଲିଟ ହୋଇ ସାରିଥିବା ତଥ୍ୟକୁ ଏନଆଇଏ ହାସଲ କରିପାରିଛି। ଏଥିରୁ ଡ୍ରୋନ ଓ ରକେଟ ଲଞ୍ଚର୍ସର ଏକାଧିକ ଫଟୋ ଏବଂ ଭିଡିଓ ମିଳିଛି। ଡ୍ରୋନରେ କେମିତି ବିସ୍ଫୋରକ ଖଞ୍ଜା ଯାଏ, ତା'ର ଭିଡିଓ ମଧ ଡାନିଶ ଫୋନରେ ରହିଥିଲା। ଏସବୁ ଭିଡିଓ ଓ ଫଟୋକୁ ଗୋଟିଏ ଆପ ଜରିଆରେ ଡାନିଶ ଫୋନକୁ ପଠାଯାଇଥିଲା। ଆପରେ କିଛି ବିଦେଶୀ ନମ୍ବର ମଧ ରହିଥିବା ଏନଆଇଏ ଜାଣିବାକୁ ପାଇଛି। ଏହାବାଦ ଆତଙ୍କବାଦୀମାନେ ଡ୍ରୋନକୁ ଏମିତି ଭାବେ ତିଆରି କରିବାକୁ ଚାହୁଁଥିଲେ ଯାହା ୨୫ କିମି ଯାଏ ଉଡ଼ି ପାରିବ। ହମାସ ଆକ୍ରମଣ ପାଇଁ ଯେଉଁ ସବୁ ରକେଟ ଓ ଡ୍ରୋନର ବ୍ୟବହାର କରିଥିଲା, ସେସବୁ ଜିନିଷ ଦିଲ୍ଲୀ ବିସ୍ଫୋରଣ ପରେ ପର୍ଦ୍ଦାଫାସ ହୋଇଥିବା ଟେରର ମଡ୍ୟୁଲର ସଦସ୍ୟମାନେ ବେଶ ଭଲ ଭାବେ ଅବଗତ ଥିଲେ। ଇଣ୍ଡୋଓ୍ୱିଙ୍ଗ୍ସ ନାମକ ଡ୍ରୋନ ଓ ଆଣ୍ଟି ଡ୍ରୋନ ଉତ୍ପାଦନକାରୀ କମ୍ପାନୀର ସିଇଓ ପାରସ ଜୈନଙ୍କ କହିବା କଥା ଯେ ଡାନିଶ ଫୋନରୁ ମିଳିଥିବା ଥିବା ରକେଟର ଫଟୋକୁ ଦେଖିଲେ ଲାଗୁଛି ଯେ ସେସବୁକୁ ସ୍ଥଳ ଭାଗରୁ ବା ବେଶ ସହଜରରେ ହାତ ଦ୍ୱାରା ମଧ ଲଞ୍ଚ କରାଯାଇ ପାରିବ। ଏହା ଗାଇଡେଡ ମିସାଇଲ ତୁଳନାରେ ବେଶ ଶସ୍ତା। ଏହାକୁ ଗାଇଡେଡ ମିସାଇଲର ବିକଳ୍ପ ଭାବେ ମଧ ବ୍ୟବହାର କରାଯାଏ। ଗୋଟିଏ ରକେଟକୁ ୨୦ ସେକେଣ୍ଡ ମଧରେ ଓ ଗୋଟିଏ ମିନିଟରେ ଏଭଳି ୩ଟି ରେକଟ ମାଡ଼ କରାଯାଇ ପାରିବ ବୋଲି ସେ କହିଛନ୍ତି। ହମାସ ପ୍ରାୟତଃ ଏଭଳି ରକେଟ ଏକା ସମୟରେ ମାଡ଼ କରେ। ଏହା ବ୍ୟାପକ ଅଞ୍ଚଳରେ ପ୍ରଭାବ ପକାଇବା ସହ ବିଧ୍ୱଂସଲୀଳା ରଚିବାକୁ ସକ୍ଷମ। ଡାନିଶ ହେଉଛି ଡ୍ରୋନ ମୋଡିଫିକେସନରେ ବେଶ ପାରଙ୍ଗମ। ଆତଙ୍କବାଦୀ ଆକ୍ରମଣ ପାଇଁ ସେ ବୈଷୟିକ ସହାୟତା ଯୋଗାଇଥିଲା। ଡ୍ରୋନକୁ ସେ ନିଜର ଜ୍ଞାନ ବଳରେ ଅଧିକ ମୋଡିଫାଏ କରୁଥିଲା ଓ ଏହାକୁ ରକେଟରେ ପରିଣତ କରିବାକୁ ଚେଷ୍ଟା କରୁଥିଲା ବୋଲି ଏନଆଇଏ କହିଛି। ସେ ବଡ଼ବଡ଼ ବ୍ୟାଟେରୀ ଫିଟ ହେଉଥିବା ଶକ୍ତିଶାଳୀ ଡ୍ରୋନ ତିଆରି କରିବାକୁ ଉଦ୍ୟମ କରୁଥିଲା। ଏହି ଡ୍ରୋନ କେମିତି ଶକ୍ତିଶାଳୀ ବୋମା ସହିତ କ୍ୟାମେରାକୁ ପରିବହନ କରିପାରିବ, ତା' ଉପରେ ସେ ଫୋକସ କରିଥିଲା। ପୂର୍ବରୁ ଛୋଟ ଓ ଅସ୍ତ୍ର ପରିବହନ କରିପାରୁ ଥିବା ଡ୍ରୋନ ତିଆରି କରିବାର ଅଭିଜ୍ଞତା ଡାନିଶ ପାଖରେ ରହିଛି। ନଭେମ୍ବର ୧୦ ଦିଲ୍ଲୀ ବିସ୍ଫୋରଣର ତଦନ୍ତ ବେଳେ ତା'କୁ ୧୭ରେ ଗିରଫ କରିଥିଲା ଏନଆଇଏ। ଡାନିଶର ଘର ଜମ୍ମୁ-କଶ୍ମୀରର ଅନନ୍ତନାଗ ଅନ୍ତର୍ଗତ କାଜିଗୁଣ୍ଡ ଅଞ୍ଚଳରେ। ସେ ଦିଲ୍ଲୀ ବିସ୍ଫୋରଣର ସହ ଷଡ଼ଯନ୍ତ୍ରକାରୀ ଓ ଆତ୍ମଘାତୀ ହମଲା କରିଥିବା ଆତଙ୍କୀ ଉମର ଉନ ନବି ସହ ମିଶି କାମ କରୁଥିଲା।

### ବଦଳିଲା ପ୍ରଧାନମନ୍ତ୍ରୀଙ୍କ...

ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଅଫିସ ରହିବ। ପୁରୁଣା ଅଫିସରୁ ନୂଆ ଅଫିସକୁ ସ୍ଥାନାନ୍ତର ଆରମ୍ଭ ହୋଇସାରିଛି । ଗତକାଲି ଅନେକ ରାଜ୍ୟର ରାଜଭବନ ନାଁ ବଦଳିଛି । ନୂଆ ନାଁ ହୋଇଛି ଲୋକଭବନ । ସେପଟେ ଖାଲି ପିଏମଓ ନାଁ ନୁହେଁ ଏହା ପୂର୍ବରୁ ମୋଦୀ ସରକାର ଦିଲ୍ଲୀରେ ରାଜପଥର ନାଁ ବି ପରିବର୍ତ୍ତନ କରିଥିଲେ । ଯାହାକୁ ରାଜପଥ ବଦଳରେ 'କର୍ତ୍ତବ୍ୟ ପଥ' ବୋଲି ନାମିତ କରାଯାଇଥିଲା । ସେହିପରି ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆବାସକୁ ସେଭେନ୍ ରେସକୋର୍ସ ରୋଡ୍ ବୋଲି କୁହାଯାଉଥିଲା । ହେଲେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ୨୦୧୬ରେ ଏହାର ମଧ ନାମ ପରିବର୍ତ୍ତନ କରିଥିଲେ । ସେଭେନ୍ ରେସକୋର୍ସ ରୋଡ୍ ବଦଳରେ ସେତେବେଳେ ଏହାକୁ 'ଲୋକ କଲ୍ୟାଣ ମାର୍ଗ' ନାଁରେ ନାମିତ କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ଥିଲା ଲୋକଙ୍କ ସେବା ଆଉ କଲ୍ୟାଣ ।

### ଭତାବୃଦ୍ଧି ଦାବିରେ...

ସମସ୍ତ ଭତା ପ୍ରଦାନ, ମାସିକ ସୁନିଶ୍ଚିତ ଭତା ପରିବର୍ତେ ଭତା ଧାର୍ଯ୍ୟ କରିବା, ବିଭିନ୍ନ ଇନ୍ସେନ୍ଟିଭ୍କୁ ମାସିକ ସୁନିଶ୍ଚିତ ଭତା ସହ ଯୋଗ କରି ଭତା ପ୍ରଦାନ, ଅବସର ବୟସ ସୀମା ୬୫ବର୍ଷକୁ ବୃଦ୍ଧି ସହ ସହାୟତା ରାଶି ୫ଲକ୍ଷ ଟଙ୍କା ପ୍ରଦାନ, ପେନ୍ସନ୍ ମାସିକ ୩ହଜାର, ମୃତ୍ୟୁକାଳୀନ ସହାୟତା ରାଶି ୩ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ସହରାଞ୍ଚଳ କର୍ମୀଙ୍କୁ ଜନନୀ ସୁରକ୍ଷା ଦେୟ ପ୍ରଦାନ, କେନ୍ଦ୍ର ସରକାରଙ୍କ ସୁପାରିଶ ଅନୁଯାୟୀ ଏଏନ୍ଏମ୍ ପ୍ରମୋଶନ, ନର୍ସିଂ ତାଲିମ୍ ପାଇଁ କୋଟା ଧାର୍ଯ୍ୟ, ବର୍ତମାନ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ହୋଇ ବଜାରରେ ୫ଜି'ର ମୋବାଇଲ୍ ଚାଲୁଥିବାବେଳେ ଭଙ୍ଗା, ପରିତ୍ୟକ୍ତ ମୋବାଇଲ ପରିବର୍ତ୍ତନ କରି ନୂତନ ୫ଜି'ର ମୋବାଇଲ ପ୍ରଦାନ, ତେଣୁ ଅନ୍ଲିମିଟେଡ୍ ଡାଟା ପ୍ୟାକ୍ ପ୍ରଦାନ ସହ ବଜାର ଦର ଅନୁସାରେ ରିଚାର୍ଜ ଦେୟ ପ୍ରଦାନ, ଆଦି ଦାବିରେ ଆନ୍ଦୋଳନକୁ ସଫଳ ପାଇଁ ଆହ୍ୱାନ ଦିଆଯାଇଛି।

### କଟକରେ ଭଙ୍ଗା ହେବ...

କୋଠାଗୁଡିକର ମାଲିକମାନଙ୍କୁ ପ୍ରଥମେ ନୋଟିସ ଦିଆଯିବ ଓ ପରେ ଭଙ୍ଗାଯିବ। ସୂଚନା ଥାଉ କି ନଭେମ୍ବର ୮ ତାରିଖରେ କଟକ ମଣିସାହୁ ଛକରେ ଘଟିଥିଲା ବଡ଼ ଧରଣର ଅଘଟଣ। କ୍ୟାଣ୍ଟନମେଣ୍ଟ ସ୍କୁଲ ସାମନାରେ ଥିବା ଏକ ଆପାର୍ଟମେଣ୍ଟର ବାଲକୋନି ମରାମତି ସମୟରେ ଭାଙ୍ଗିଯାଇ ଦୁଇ ଜଣଙ୍କ ଘର ଉପରେ ପଡ଼ିଥିଲା। ଫଳରେ ଗୋଟିଏ ପରିବାରର ବାପା, ପୁଅ ଓ ନାତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଦୁଇ ପରିବାରର ଆହୁରି ୬ ଜଣ ସଦସ୍ୟ ଗୁରୁତର ଆହତ ହୋଇଥିଲେ। ମୃତକ ହେଲେ ଅବଦୁଲ ଜଲିଲ(୬୦), ତାଙ୍କ ପୁଅ ଅବଦୁଲ ଜାହିଦ(୩୦), ନାତି ତଥା ଜାହିଦଙ୍କ ବଡ଼ ପୁଅ ଅବଦୁଲ ମୁଜାହିଦ(୫ ମାସ)। ସେହିଭଳି ଆହତମାନେ ହେଲେ ଜଲିଲଙ୍କ ପତ୍ନୀ ସାବେରା ବିବି(୫୨), ଜାହିଦଙ୍କ ପତ୍ନୀ ସାହିନା ବିବି(୨୯), ଜାହିଦଙ୍କ ସାନପୁଅ ଅବଦୁଲ ରେହେମାନ(୩ ମାସ), ପଡ଼ୋଶୀ ଅବଦୁଲ ସବିରଙ୍କ ଘରକୁ ଆସିଥିବା ପୁତୁରା ରେହାନ ଖାଁ(୮), ସାବିରଙ୍କ ମା' ରେହମତ ତୁନିସା(୫୦), ସାବିରଙ୍କ ପତ୍ନୀ ବାହିଦା ବେଗମ(୨୪)।

# ବନ୍ୟପ୍ରାଣୀ ଓ ମଣିଷ ଲଢେଇ: ୧୦ ବର୍ଷରେ ଗଲାଣି ୧,୩୯୬ ଲୋକଙ୍କ ଜୀବନ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): ବନ୍ୟପ୍ରାଣୀ ଓ ମଣିଷ ଲଢେଇରେ ୧୦ ବର୍ଷରେ ଗଲାଣି ୧,୩୯୬ ଲୋକଙ୍କ ଜୀବନ । ସେହିପରି ମୃତ୍ୟୁ ବରଣ କଲେଣି ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀ । ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ଓ ମଣିଷ ଲଢେଇ ମଧ୍ୟରେ ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଛନ୍ତି । ଗତ ୧୦ ବର୍ଷରେ ୧,୩୯୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ଓ ଏଥିନିମନ୍ତେ ସରକାରଙ୍କ ଦ୍ୱାରା ୬୧୭୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି । ମୃତ୍ୟୁ ସଂଖ୍ୟାରେ ରୋକ ଲଗାଇବା ନିମନ୍ତେ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶୀକାର ନିରୋଧକ ଶୀବିର, ପକ୍ଷୀ ସୁରକ୍ଷା ଶୀବିର, ଜଙ୍ଗଲରେ ପଇଁତରା, ବୈଷୟୀକ ଜ୍ଞାନ କୌଶଳର ଉପଯୋଗୀତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରିକ୍ଷଣ, ସ୍କ୍ୱାର୍ଡ ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ।

ବୁଧବାର, ଡିସେମ୍ବର ୦୩, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଡିସେମ୍ବର ୫ ତାରିଖ ରାଜ୍ୟସ୍ତରୀୟ ଆନ୍ଦୋଳନ ପାଇଁ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ମହାସଂଘର ପ୍ରସ୍ତୁତି ବୈଠକ

ଭଦ୍ରକ, ୦୨/୧୨ (ନି.ପ୍ର): ଆଜି ଭଦ୍ରକ ବାଇପାସସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ଏନ୍.ପି.ଏସ୍ ବର୍ଗର ଶୀର୍ଷ ନେତୃତ୍ୱଙ୍କୁ ନେଇ ପ୍ରାଥମିକ ଶିକ୍ଷକ ମହାସଂଘର ଆଗାମୀ ଡିସେମ୍ବର ୫ ତାରିଖ ରାଜ୍ୟସ୍ତରୀୟ ମହାଆନ୍ଦୋଳନ ପାଇଁ ଓଡିଶାର ସମସ୍ତ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ୨ଦଫା ଦାବି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଦୁଇ ଦଫା ଦାବୀ ଗୁଡିକ ହେଲା - ୧) ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳପଦବୀକୁ ଅପଗ୍ରେଡ କରି ଲେଭୁଲ୍-୯ ଅନୁଯାୟୀ ମୂଳବେତନ ୩୫୪୦୦ ଟଙ୍କା ପ୍ରଦାନ କରିବା, ୨) ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଚ୍ଛେଦ ଉଚ୍ଛେଦ କରି ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ନୋସନାଲ ଇନକ୍ରିମେଂଟ ପ୍ରଦାନ କରିବା। ବୈଠକର ଚୂଡାନ୍ତ ନିଷ୍ପତି ଅନୁଯାୟୀ ଆସନ୍ତା ୩୦ ତାରିଖ ଦିନ ପ୍ରତ୍ୟେକ ବ୍ଲକ ସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯିବା ସହିତ ଆସନ୍ତା ୫ତାରିଖ (ଶୁକ୍ରବାର) ଠାରୁ ସବୈତନିକ ଛୁଟିନେଇ ଦାବୀ ହାସଲ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିବା ପାଇଁ ନିଷ୍ପତି ହୋଇଛି। ଏହି ବୈଠକରେ ଶିକ୍ଷକ ନେତା ପର୍ଶୁରାମ ନାୟକ, ଉତମ କୁମାର ଦାସ, ଅରବିନ୍ଦ ଦୀକ୍ଷିତ, ସୁବ୍ରତ ଧଳ, ଜ୍ୟୋତିର୍ମୟ ଅଗସ୍ତି, ଅଜିତ ମହାରଣା, ନୀଳାଦ୍ରୀ ତ୍ରିପାଠୀ, ପ୍ରକାଶ ନାରାୟଣ ଜେନା, ଓମ୍ ପ୍ରକାଶ ରାଉତ, ପ୍ରଭାସ ପଣ୍ଡା, ବିମଳ ଦାସ, ହେମନ୍ତ ମଲ୍ଲିକ, ଦୀପକ ସୂତାର, ତୋଫାନ କୁମାର ନାୟକ, ଝାନସୀ ରାଣୀ ରାଉତ, ପରମେଶ୍ୱର ପୃଷ୍ଟି, ଦେବାଶିଷ ବେହେରା, ବିପିନୀ ବିହାରୀ ଜେନା, ଆଲୋକ ମଲ୍ଲିକ, ସାଫଲ୍ୟ ମହାଳିକ, ଆନନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ




ଲଙ୍ଗଳେଶ୍ୱର, ୦୨/୧୨ (ନି.ପ୍ର): ଦେଭୋଗ ସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଏନ ଏସ ଏସ ଦ୍ୱାରା ବିଶ୍ୱ ଏଡସ୍ ଦିବସରେ କଲେଜର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମନ୍ଦାକିନୀ ଜେନା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଝୁନାବାଳା ଦେ, ସ୍ୱାସ୍ଥ୍ୟ ପରିଦର୍ଶକ ଅଜୟ କୁମାର ପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ସଚେତନତା ସମ୍ପର୍କରେ ତତ୍ତ୍ୱ ଦର୍ଶୀ ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ବିକାଶ କୁମାର ଜେନା , ରାଜନୀତି ବିଭାଗ ମୁଖ୍ୟ ରଂଜନ କୁମାର ପାଢ଼ୀ , ଯୁକ୍ତ ତିନି ଏନ ଏସ ଏସ ର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରେମାନନ୍ଦ ସେଠୀ, ଯୁକ୍ତ ଦୁଇ ର ଏନ ଏସ ଏସ ର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସ, ଅଧ୍ୟାପକ ସୁଦର୍ଶନ ରଣା ଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦାନ କରି କାର୍ଯକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ ।

## ୨ଦଫା ଦାବି ପୂରଣ ପାଇଁ ଆନ୍ଦୋଳନକୁ ଓହ୍ଲାଇଲା ପ୍ରାଥମିକ ଶିକ୍ଷକ ମହାସଂଘ

ଖଇରା, ୦୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଠାରେ ପ୍ରାଥମିକ ଶିକ୍ଷକ ମହାସଂଘ,ଖଇରା ଶାଖା ଆହ୍ୱାନ କ୍ରମେ ୨ଦଫା ଦାବୀ ନେଇ ସମସ୍ତ ପ୍ରାଥମିକ ଶିକ୍ଷକ(ଏନପିଏସ) ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ମଙ୍ଗଳବାର ଅପରାହ୍ନରେ ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର,ରଞ୍ଜନ କୁମାର ମହଲା,ଉଦୟ କୁମାର ପାତ୍ର, ପ୍ରଦୀପ କୁମାର ମହାନ୍ତି, ସନ୍ତୋଷ କୁମାର ବାରିକ, ଭରତ ଚନ୍ଦ୍ର ଶିଅଳ,ଲକ୍ଷ୍ମଣ ସେନ, ଦୂର୍ଗାମାଧବ ଜେନା, ସୁଦର୍ଶନ ସେଠୀ, ଲମ୍ବୋଦର ଦାସ,ଉମେଶ ମହାପାତ୍ର,ଉଦୟ ପତି,ତୁଳସୀ ପରିଡା,ପଇରୁଦ୍ଦିନ ଖାଁ ଓ ବୀଣାପାଣୀ ଜେନା ପ୍ରମୁଖଙ୍କ ନେତୃତ୍ୱରେ ୪୫୦ରୁ ଉର୍ଦ୍ଧ ଶିକ୍ଷକଙ୍କର ଏକ




ଶୋଭାଯାତ୍ରା ଖଇରା ବ୍ଲକ ପରିସରରୁ ବାହାରି ଖଇରା ବଜାର ପରିକ୍ରମା କରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ପରେ ପ୍ରାଥମିକ ଶିକ୍ଷକଙ୍କ ମୁଳ ପଦବୀକୁ ଅପଗ୍ରେଡ କରି ଲେବଲ-୯ ଅନୁଯାୟୀ ମୁଳ ବେତନ ୩୫ହଜାର୪ଶହ ଟଙ୍କା ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟାରତ ସମସ୍ତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୁଳ ଚାକିରୀରେ ଗଣିତି କରିବା ସହିତ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଉଲ୍ଲେଖ ଥିବା ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣୀ ମାଣିକ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ୫ତାରିଖ ମହାରାଲିରେ ଯୋଗ ଦେବାକୁ ସଂଘନେତା ମାନେ ଆହ୍ୱାନ ଦେଇଥିଲେ ।

## ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା: ଜେଲ ଗଲେ କଷ୍ଟମର ରିଲେସନ୍ ଅଫିସର

ବାଲେଶ୍ୱର, ୦୨/୧୨ (ନି.ପ୍ର): ଆଇଆଇଏଫ୍ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ଘଟଣାରେ ଜେଲ ଗଲେ କଷ୍ଟମର ରିଲେସନ୍ ଅଫିସର । ଗିରଫ ଅଭିଯୁକ୍ତ ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬) । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି । ଘଟଣାରୁ ପ୍ରକାଶ, ବାଲେଶ୍ୱର ଜିଲ୍ଲା ରୂପସା ପାଟପୁର ବଜାର ନିକଟସ୍ଥ ଏକ ଭଡ଼ା ଘରେ ଉକ୍ତ ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ଚାଲୁଥିଲା । ଏହି କମ୍ପାନୀ ତରଫରୁ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ ଆକାରରେ କିସ୍ତି ସଂଗ୍ରହ ହେଉଥିଲା । ଅଭିଯୁକ୍ତ ଅଫିସର ଜଣକ ମହିଳାମାନଙ୍କ ଠାରୁ ସେମାନଙ୍କର କିସ୍ତି ଆଦାୟ କରୁଥିଲେ ହେଁ ବ୍ରାଞ୍ଚ ଅଫିସରେ ଉକ୍ତ ଟଙ୍କା ଜମା କରୁନଥିଲେ । ଅଫିସର ଜଣକ ମୋଟ୍ ୩ଲକ୍ଷ ୭୩ହଜାର ଟଙ୍କା ହଡ଼ପ କରିଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଦେବେନ୍ଦ୍ର ପଣ୍ଡା ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ୨୦୨୪ ଅଗଷ୍ଟ ୧୭ ତାରିଖରେ ଥାନାରେ ମାମଲା ନଂ. ୫୫/୨୪ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ସେବେଠାରୁ ଅଭିଯୁକ୍ତ ଜଣକ ଫେରାର ଥିଲେ । ରୂପସା ଥାନାଧିକାରୀ ମୌସୁମୀ ମହାନ୍ତି ଆଜି ସଦଳବଳେ ଚଢ଼ଉ କରି ଅଭିଯୁକ୍ତ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

## ଧର୍ମପରାୟଣ ମହିଳାଙ୍କ ଅକାଳ ବିୟୋଗ

ନୀଳଗିରି , ୦୨/୧୨ (ନି.ପ୍ର): ଜୈନିକ ଧର୍ମପରାୟଣ ମହିଳାଙ୍କ ଅକାଳ ବିୟୋଗ ଘଟିଥିବାବେଳେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସୂଚନା ଅନୁସାରେ ନିଳଗିରି ଏନ୍ଏସି ସିମୁଳିଆ ଗ୍ରାମର ସୁଦର୍ଶନ ଦଳାଇଙ୍କ ଧର୍ମପତ୍ନୀ ଶାନ୍ତିଲତା ଦଳାଇଙ୍କ ୬୮ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ମହିଳାଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ସେ କିଛିମାସ ଧରି ପକ୍ଷପାତ ରୋଗରେ ଆକ୍ରାନ୍ତହୋଇ ଶଯ୍ୟାଶାୟୀ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ଅକାଳ ବିୟୋଗ ଘଟିଛି। ମରଶରୀର ନିକଟରେ ୩ପୁତ୍ର, ପୁତ୍ରବଧୂ, ପରିବାର, ପରିଜନ ଉପସ୍ଥିତ ଥିବାବେଳେ ବହୁଲୋକ ଶେଷଦର୍ଶନ କରିଛନ୍ତି। ସାନପୁଅ ରଜନୀକାନ୍ତ ମୁଖାଗ୍ନୀ ଦେଇଅଛି।

## ଆସନ୍ତା ୫ରେ ଏନପିଏସ ଶିକ୍ଷକସଂଘର ଅନିର୍ଦ୍ଦିଷ୍ଟ ସମୟ ଧାରଣା: ନୀଳଗିରି ଗୋଷ୍ଠୀଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର ଦେଲା ବ୍ଲକ୍ ଏନପିଏସ ସଂଘ

ନୀଳଗିରି , ୦୨/୧୨ (ନି.ପ୍ର): ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ପେନସନ ଯୋଜନା (ଏନପିଏସ) ଶିକ୍ଷକ ଦୀର୍ଘଦିନ ଧରି ସେମାନଙ୍କର ନାର୍ଯ୍ୟଦାବୀରୁ ବଞ୍ଚିତ ହେଉଥିବାରୁ ଆଗାମୀ ୫ତାରିଖ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଆଜି ନୀଳଗିରି ବ୍ଲକର ପ୍ରାୟ ୩୪୦ରୁ ଉର୍ଦ୍ଧ୍ୱ ଏନପିଏସ ଶିକ୍ଷକଙ୍କ ଏକ ପ୍ରତିନିଧିଦଳ ସଂଘର ସଭାପତି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ମିଳିତ ହୋଇ ବିଇଓଙ୍କ ଅନୁପସ୍ଥିତିରେ ବିଆରସି ମିହିର କୁମାର ଦାସଙ୍କୁ ଦାବୀପତ୍ର ଦେଇଛନ୍ତି ।୪୨୦୦ଟଙ୍କା ଗ୍ରେଡପେ ପ୍ରଦାନ ସହିତ ୬ବର୍ଷର



କଣ୍ଟ୍ରାକ୍ଟୁଆଲ୍ ଅବଧିକୁ ରେଗୁଲାର ଗଣନା କରିବା ସହ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଯେତେବେଳେ କି ୨୨ଟି ରାଜ୍ୟରେ ଏହିସବୁ ସୁବିଧା ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାରେ କାର୍ଯ୍ୟରତ ଏନପିଏସ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ବଞ୍ଚିତ କରାଯାଇଛି। ତେଣୁ ରାଜ୍ୟସରକାର ଏହିସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଦାବୀକୁ ଗୁରୁତରସହ ଗ୍ରହଣ କରିବାକୁ ଦାବୀପତ୍ରରେ ଉଲ୍ଲେଖ ରହିଛି। ଅନ୍ୟଥା ଆଗାମୀ ୫ତାରିଖ ରାଜ୍ୟସ୍ତରୀୟ ଏହି ଧାରଣାରେ ସାମିଲ ହେବାକୁ ନୀଳଗିରି ଏନପିଏସ ଶିକ୍ଷକ ସଂଘର ସଭାପତି ବିଜୟ କୁମାର ଦାସଙ୍କ ସହ ସମ୍ପାଦକ ସୁବ୍ରତ ବିଶ୍ୱାଳ, ଅନୀଲ କୁମାର ମହାପାତ୍ର, ଅରବିନ୍ଦ ପଣ୍ଡା, ଉମାକାନ୍ତ ସାହୁ, ଭବେଶ ସେନ, ପ୍ରଶାନ୍ତ ମହାପାତ୍ର, ମନୋଜ ପାଣ୍ଡିଆ, ମୋନାଲିସା ନନ୍ଦ, ପ୍ରଣତୀ ଦାସ, ରୂପକ ପଶା, ସୁମନ୍ତ ନାୟକ ପ୍ରମୁଖ ବହୁ ଶିକ୍ଷକନେତା ଏବଂ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ୨ ବାଇକ ମୁହାଁମୁହିଁ ଧକ୍କା:୨ ଗୁରୁତର



ନୀଳଗିରି, ୦୨/୧୨ (ନି.ପ୍ର): ନୀଳଗିରି ଥାନା ଅଧୀନ ୧୯ ନମ୍ବର ରାଜ୍ୟରାଜପଥର ମଲ୍ୟାଣୀ ରାସ୍ତା ଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇଜଣ ଗୁରତର ହୋଇଛନ୍ତି ।ସୂଚନା ମୁତାବକ ବାବନ୍ଧ ଗ୍ରାମର ମୁନା ବେହେରା ଏକ ବାଇକ ଯାହାର ନମ୍ବର (ଓଡି ୦୧ ଏଭି ୨୪୬୧) ଯୋଗେ ସଜନାଗଡ ଅଭିମୁଖେ ଯାଉଥିବା ସମୟରେ ଅପରପାର୍ଶ୍ୱରେ ସାତରାଣ୍ଡ ଗ୍ରାମର ଯୁବକ ଏକ ବାଇକ ଯାହାର ନମ୍ବର(ଓଡି ୦୧ ଜି ୯୪୮୦) ନୀଳଗିରି ଅଭିମୁଖେ ଆସୁଥିଲେ। ସାତରାଣ୍ଡ ଗ୍ରାମର ଯୁବକ ଜଣକ ବେପରୁଆ ଗାଡିଚାଳନା କରି ମଲ୍ୟାଣୀ ରାସ୍ତାଛକ ନିକଟରେ ମୁନାଙ୍କ ଗାଡିକୁ ମୁହାଁମୁହିଁ ଧକ୍କା ଦେଇଥିଲା ।ଯେଉଁଥିରେ ଉଭୟ ଗୁରୁତର ହୋଇଥିଲେ ।ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରିବାସହ ଅଗ୍ନିଶମ ବିଭାଗକୁ ଅବଗତ କରିଥିଲେ ।ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୁରୁତରଙ୍କୁ ନୀଳଗିରି ମେଡିକାଲକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି ।ଅପରପକ୍ଷରେ ଘଟଣାସ୍ଥଳରେ ନୀଳଗିରି ପୋଲିସପହଞ୍ଚି ଗାଡିଦୁଇଟିକୁ ଜବତ କରିଛି।

## ଯୁବ ସମାଜସେବୀ ଅମର କୁମାର ପାଳ ସମ୍ବର୍ଦ୍ଧିତ

ବସ୍ତା, ୦୨/୧୨ (ନି.ପ୍ର): 'ବସ୍ତା ଆଶା' ସ୍ୱେଚ୍ଛାସେବୀ ସଂଗଠନ ବସ୍ତାର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ଅମର କୁମାର ପାଳ ଙ୍କୁ 'ସକାଳ' ଓ ନନ୍ଦିଘୋଷ ଟିଭିର ସ୍ୱନକ୍ଷତ୍ର ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ସକାଳ ଉତ୍ତର ଓଡ଼ିଶା ସଂସ୍କରଣର ଅସୀମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର




ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରିଡାଧିକାରି ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସ, ମୟୂରଭଂଜ-୨ ବିଜେଡି ଜିଲ୍ଲା ସଭାପତି ଡ଼ା. ଦେବାଶିଷ ମାର୍ଣ୍ଡି, ବାଲେଶ୍ୱର ଲୋକସଭା ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବାଲେଶ୍ୱର ପୌର ପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରକାଶ ପାଇଲା....

### ଡ. ଭାଗବତ ବେହେରାଙ୍କ ଲିଖିତ ଜଗନ୍ନାଥ ଚେତନା ସମ୍ବଳିତ ଦୁଇଟି ଆଧ୍ୟାତ୍ମିକ ଉପନ୍ୟାସ :

ପତିତପାବନ | କଳାପାହାଡ଼




ପ୍ରାପ୍ତିସ୍ଥାନ: ତାରିଣୀ ବିଦ୍ୟାଭଣ୍ଡାର
ଷ୍ଟେସନ ରୋଡ଼, ବାଲେଶ୍ୱର-୧

## ମୟୁରଭଞ୍ଜ ମହୋତ୍ସବରେ 'ମୋ ଖତ ଷ୍ଟଲ' ଉଦ୍‌ଘାଟିତ

ବାରିପଦା, ୦୨/୧୨ (ନି.ପ୍ର): ସ୍ଥାନୀୟ ଛଉ ପଡ଼ିଆ ଠାରେ ଆୟୋଜିତ ମୟୁରଭଞ୍ଜ ମହୋତ୍ସବରେ ବାରିପଦା ପୌରପାଳିକା ପକ୍ଷରୁ ମୋ ଖତ ଷ୍ଟଲ ଉଦଘାଟିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ମୟୁରଭଞ୍ଜ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସିନେ ଷ୍ଟାର ଅସିତ ପତି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବାରିପଦା ପୌରାଞ୍ଚଳରୁ ନିୟମିତ ଭାବେ ସଂଗୃହିତ ହେଉଥିବା ଅଳିଆ ଆବର୍ଜନାକୁ ପ୍ରକ୍ରିୟା କରଣ କରି ଖତ ପ୍ରସ୍ତୁତ କରାଯାଉଛି। ବାରିପଦା ପୌରପାଳିକା ଦ୍ୱାରା ପରିଚାଳିତ ୬ଟି ଅଣୁ ଜୈବ୍ୟ ଖତ ପ୍ରସ୍ତୁତି କେନ୍ଦ୍ରରେ ନିୟମିତ ଖତ ପ୍ରସ୍ତୁତି ହେଉଛି। ଉକ୍ତ ଖତକୁ ରାଜ୍ୟ ସରକାରଙ୍କ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ରେଶନ ବୋର୍ଡ ପ୍ରମୁଖ ପ୍ରତି ବର୍ଷକୁ ପ୍ରାୟ ୧୦୦ଟନ ଖତ କ୍ରୟ କରିଥାନ୍ତି। ଏହା ବିନା ରାସାୟନିକ ହୋଇଥିବା ବେଳେ ଏହାକୁ ବ୍ୟବହାର ଦ୍ୱାରା ଗଛ ବେଶ ଉତ୍କୃଷ୍ଟ ଅଟେ। ପୌରପାଳିକା ପକ୍ଷରୁ ୧ କିଲୋଗ୍ରାମ ପ୍ୟାକେଟ ପ୍ରତି ୧୦ ଟଙ୍କାରେ ବିକ୍ରି କରାଯାଉଛି। ପୌରାଞ୍ଚଳର ଲୋକେ ନିଜ ଘର ବଗିଚା, କୃଷି କ୍ଷେତ୍ରରେ ଉକ୍ତ ଖତକୁ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ମହୋତ୍ସବ କମିଟି ଉପ ସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ ରାକେଶ ସିଂ, ବିପ୍ଳବ ବୁଗୁଡ଼େଇ, ତରୁଣ ମହାନ୍ତି, ଶୁଭେନ୍ଦୁ ସାହୁ, ଅମିତାଭ ସାହୁ, ସତ୍ୟସ୍ୱରୂପ ଦାସ, ବାରିପଦା ପୌରପାଳିକା ବିଶୋଧନା ବିଶେଷଜ୍ଞ ଗୌରୀ ନାୟକ, ସାର୍ଥକ ପ୍ରୟାସ ପାତ୍ର, ଅମିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୈଶିଙ୍ଗାରେ ଥିବା ସମସ୍ତ ଏଟିଏମ୍ ଏକ ସମୟରେ ଅଚଳ

ବୈଶିଙ୍ଗା , ୦୨/୧୨ (ନି.ପ୍ର): ବ୍ୟାଙ୍କରେ ଭିଡ କମାଇବା ପାଇଁ ଜମାକାରୀଙ୍କୁ ୟୁପିଆଇ ମାଧ୍ୟମରେ ଟଙ୍କା ଦେଣ ନେଣ କରିବାର ବ୍ୟବସ୍ଥା ରହିଥିଲେବି ଏଟିଏମ୍‌ର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ସମୟରେ ମୋବାଇଲ ଆପ୍‌ର ବ୍ୟସ୍ତତା, ନେଟୱାର୍କର ଅସୁବିଧା, ନେଟ୍ ପ୍ୟାକ୍ ନା ଥିବା ଯୋଗୁଁ ଉପଭୋକ୍ତାଙ୍କୁ ହଇରାଣ ହେବାକୁ ପଡିଥାଏ । ଏହି ସବୁ କାରଣରୁ ସାଧାରଣ ଲୋକେ ଏଟିଏମ୍ ଉପରେ ନିର୍ଭର କରିଥାନ୍ତି । ମାତ୍ର ଏକ ସପ୍ତାହ ଧରି ବୈଶିଙ୍ଗା ବଜାରରେ ଥିବା ଷ୍ଟେଟ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କର ଏଟିମ୍ ସମୂହ ଏକକାଳୀନ ବନ୍ଦ ରହିବା ଯୋଗୁଁ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇ ଥିବାର ଅଭିଯୋଗ ଆସିଛି । ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଯୋଗା ଯୋଗ କରାଯାଇଥିବା ବେଳେ ସେ ପଟୁ ଉତ୍ତର ମିଳିଥିଲା ଯେ କାହାର ମେସିନ ଖରାପ ତ ଆଉ କାହାର ଲିଙ୍କ୍ ଫେଲ ଓ ଆଉ ଗୋଟିଏ




ବ୍ୟାଙ୍କରୁ ଖବର ମିଳିଲା ଯେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ପାଇଁ ଯେଉଁ ସଂସ୍ଥା ଦାୟିତ୍ୱ ନେଇଛନ୍ତି ସେମାନଙ୍କର ଅବହେଳା ପାଇଁ ଟଙ୍କା ରଖା ଯାଇ ପାରି ନାହିଁ । ଏଥିପାଇଁ ଆମେ ଦୁଃଖିତ, ତୁରନ୍ତ ସମାଧାନ କରିଦିଆଯିବ । ଜନ ସାଧାରଣଙ୍କ ତରଫରୁ ଶୀଘ୍ର ସମାଧାନ ପାଇଁ ଦାବୀ ହେଉଛି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida